# ଅର୍ଚ୍ଚନା ।

odia.org

ଶ୍ରୀମତୀ କୁନ୍ତଳା ସାବତ ।

# ଅର୍ଚ୍ଚନା ।

ଉତ୍କଳ ଭାରତୀ—

ଶ୍ରୀମତୀ କୁନ୍ତଳାକୁମାରୀ ସାବତ ପ୍ରଣୀତ
ଓ ପ୍ରକାଶିତ ।

(କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଶ୍ରୀଯୁକ୍ତ ବିଜୟଚନ୍ଦ୍ର
ମଜୁମଦାରଙ୍କ ଲିଖିତ ମୁଖବନ୍ଧ ସମ୍ବଳିତ) ।

Printed by B. S. Das,
The Mukur Press,
Cuttack,
1927.

ମୂଲ୍ୟ ୧ ·। ମାତ୍ର ।

କଲିକତା ବିଶ୍ୱ-ବିଦ୍ୟାଳୟର ଅଧ୍ୟାପକ ଶ୍ରୀଯୁକ୍ତ ବିଜୟଚନ୍ଦ୍ର ମଜୁମଦାରଙ୍କ ଲିଖିତ—

# ମୁଖପତ୍ର ।

ଯେତେବେଳେ ମୁଁ କଲିକତା ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡ଼ିଆ ସାହିତ୍ୟର ପ୍ରାଚୀନ ଓ ଆଧୁନିକ ସୁରଚିତ କାବ୍ୟମାନଙ୍କରୁ ରଚନା ଚୟନ କରୁଥିଲି, ସେତେବେଳେ ଦୈବାତ୍ କୁମାରୀ କୁନ୍ତଳାକୁମାରୀଙ୍କ କେତୋଟି ପଦ୍ୟ ରଚନା ପଢ଼ିବାକୁ ମିଳିଥିଲା । ସେତେବେଳେ ଲେଖିକାଙ୍କର କୌଣସି ପରିଚୟ ମତେ ଜଣା ନଥିଲା, ମୁଁ କେବଳ ତାହାଙ୍କ ଭାଷାର ବିଶୁଦ୍ଧତା ଓ ସରଳତା ଏବଂ ଭାବର ମାଧୁର୍ଯ୍ୟ ଓ ପବିତ୍ରତା ଦେଖି ତାହାଙ୍କ ରଚିତ ଯେଉଁ କେତୋଟି କବିତା ପାଇଥିଲି, ତାହା ବିଶ୍ୱ-ବିଦ୍ୟାଳୟ କର୍ତ୍ତୃକ ପ୍ରକାଶିତ **ଓଡ଼ିଆ ସାହିତ୍ୟ ପରିଚୟର** ଦ୍ୱିତୀୟ ଭାଗରେ ସାଦରେ ମୁଦ୍ରିତ କରିଥିଲି । ଏହି ସାହିତ୍ୟ ପରିଚୟ ଗ୍ରନ୍ଥ ପ୍ରକାଶିତ ହେବାର ଅନେକଦିନ ଉତ୍ତାରେ କବିଙ୍କ ରଚିତ କେତେକ ଖଣ୍ଡି ଗ୍ରନ୍ଥର ପରିଚୟ ପାଇଲି ଓ ତାହାଙ୍କ ପ୍ରଣୀତ ଏହି କାବ୍ୟଗ୍ରନ୍ଥ ଖଣ୍ଡିକର ମୁଖପତ୍ର ଲେଖିବାକୁ ଅନୁରୁଦ୍ଧ ହେଲି । ମୁଁ ସାନନ୍ଦରେ ଏହି କାର୍ଯ୍ୟଟି କରିବାକୁ ପ୍ରସ୍ତୁତ ହୋଇଅଛି । ମୋର ପ୍ରଶଂସାବାଣୀ ଉପରେ ଓଡ଼ିଶାରେ କବିଙ୍କ ଯଶର ପ୍ରତିଷ୍ଠା ନିର୍ଭର କରୁନାହିଁ । କାରଣ ମୁଁ ଦେଖୁଛି ଯେ ଓଡ଼ିଶାର ସୁଧୀ ପାଠକ-ମାନେ ଏହି ତରୁଣୀ କବିଙ୍କ ରଚନା ଯଥେଷ୍ଟ ଆଦରରେ ଗ୍ରହଣ କରିଅଛନ୍ତି ଓ ପୁରୀର ଚିରପ୍ରସିଦ୍ଧ **"ମୁକ୍ତି ମଣ୍ଡପ"** ନାମର ପଣ୍ଡିତ-ସଂଘ, ଏହାଙ୍କ କାବ୍ୟ-ପ୍ରତିଭାର ପ୍ରଶଂସା କରିଅଛନ୍ତି; ପୁଣି ପୁରୀର **"ମହିଳା-ବନ୍ଧୁ ସମିତି"** ଏହାଙ୍କୁ 'ଉତ୍କଳ-ଭାରତୀ' ଉପାଧି ଦେଇଅଛନ୍ତି । ଗୁଣର ଏହି ଆଦର ଓ ପ୍ରତିଭାର ଏହି ସମ୍ମାନ ଦେଖି ମୁଁ ଆନନ୍ଦିତ, ହୋଇଅଛି ।

ଏହି ଗ୍ରନ୍ଥକର୍ତ୍ତ୍ରୀ ଆଜନ୍ମ କବି, ଓ ବାଲ୍ୟକାଳରୁ ନିଜର ବୁଦ୍ଧି ଓ ଅଧ୍ୟବସାୟ ବଳରୁ ଉଚ୍ଚଅଙ୍ଗର ଇଂରାଜୀ ସାହିତ୍ୟ ପ୍ରଭୃତି ପଢ଼ି ବିଦୁଷୀ ହୋଇଅଛନ୍ତି । ଅତି ଶୈଶବରେ ଓ ବାଲ୍ୟରେ ଏ ଏହାଙ୍କ ପିତାଙ୍କ କର୍ମସ୍ଥାନ ବ୍ରହ୍ମଦେଶରେ ବାସକରିବା ସମୟରେ ଏ ଆପଣାର ମନ୍ତୁ-ଖାତରେ ନିଜ ପ୍ରବୃତ୍ତିରେ କବିତା ଲେଖନ୍ତି, କିନ୍ତୁ କାବ୍ୟଚର୍ଚ୍ଚାରେ କେତେବେଳେ ହେଲେ କୌଣସି ପ୍ରକାର ଉତ୍ସାହ ପାଇନାହାନ୍ତି । ନିଜର ଚେଷ୍ଟାରେ ପ୍ରୟୋଜନୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣହୋଇ କଟକ ମେଡ଼ିକେଲ ସ୍କୁଲରେ ଡାକ୍ତରି ଶିଖିଥିଲେ ଓ ସେହି ସମୟରେ ପ୍ରତିଶ୍ରେଣୀର ପରୀକ୍ଷାରେ ପ୍ରଥମସ୍ଥାନ ଅଧିକାରକରି ଅନେକ ପୁରସ୍କାର ଓ ସ୍ୱର୍ଣ୍ଣ-ପଦକ ଅର୍ଜନ କରିଥିଲେ । ଏବେ ଏ କାମ କରନ୍ତି—ଚିକିତ୍ସା-ବିଭାଗରେ, କିନ୍ତୁ ସାହିତ୍ୟର ଆଲୋଚନା ଓ କବିତା ଲେଖିବା ଜୀବନର ଭୂଷଣ ସ୍ୱରୂପ ରହିଅଛି । ଏକଆଡ଼େ ଦକ୍ଷତା ସହିତ ଚିକିତ୍ସା ବିଭାଗର କର୍ତ୍ତବ୍ୟ ପାଳନ କରୁଅଛନ୍ତି, ଅନ୍ୟଆଡ଼େ ସ୍ୱଭାବ ସିଦ୍ଧ ଆକର୍ଷଣରୁ ଅତି ମନୋହର କବିତା ରଚନା କରୁଅଛନ୍ତି । ଏପର୍ଯ୍ୟନ୍ତ କବିଙ୍କର ଯେଉଁ କେତେଖଣ୍ଡି ପୁସ୍ତକ ପ୍ରକାଶିତ ହୋଇଅଛି ସେଗୁଡ଼ିକର ନାମ, ଯଥା :—ଭ୍ରାନ୍ତି, ଅଞ୍ଜଳି, ଉଚ୍ଛ୍ୱାସ, ପରଶମଣି, କାଳିବୋହୂ, ନଅରୁଣ୍ଡୀ ଓ ଅର୍ଚ୍ଚନା ।

ଏହାଙ୍କର ଯେଉଁ ସକଳଗଦ୍ୟ ରଚନା ଧର୍ମପ୍ରାଣତାର ସୂଚନାକରେ ତହିଁରୁ କେତୋଟି ବଙ୍ଗଭାଷାରେ ପ୍ରକାଶିତ ହୋଇଅଛି । ଏହାଙ୍କର ସାହିତ୍ୟିକ ଭବିଷ୍ୟତ ଅତି ଉଜ୍ଜ୍ୱଳ; ମୁଁ ମନେକରେ, ଏ ନିଜର ବିଶିଷ୍ଟତାରେ ଓଡ଼ିଆ ସାହିତ୍ୟରେ ଗୋଟିଏ ବିଶେଷ ଉଚ୍ଚସ୍ଥାନ ଅଧିକାର କରିବେ ଓ ଉତ୍କଳ-ସାହିତ୍ୟ ଗୌରବରେ ତାହାଙ୍କ ପ୍ରଦତ୍ତ ଅଳଂକାର ଚିରଦିନପାଇଁ ଧାରଣ କରିବ ।

ଆଶୀର୍ବାଦକରେ, କବି ଚିରମସ୍ତୁ ଦୀର୍ଘ ଜୀବନରେ ଉତ୍କଳବାସୀଙ୍କୁ ଆନନ୍ଦିତ ଓ ଧନ୍ୟକରି ନିଜେ ଧନ୍ୟ ହୁଅନ୍ତୁ ।

କଲିକତା,
ତା ୨୨ରିଖ ଫେବୃଆରୀ ୧୯୨୭ } ଶ୍ରୀ ବିଜୟଚନ୍ଦ୍ର ମଜୁମଦାର ।

# ଭୂମିକା

ମୋହର ପ୍ରଣୀତ ଗଦ୍ୟ ଓ ପଦ୍ୟ ପୁସ୍ତକମାନ ଉତ୍କଳର ସୁଧୀବୃନ୍ଦଙ୍କ ଦ୍ୱାରା ବିଶେଷ ସମାଦୃତ ହେଉଥିବାରୁ ମୁଁ ସାହସୀ ହୋଇ ଏ ପୁସ୍ତକ ଖଣ୍ଡିକ ପ୍ରକାଶ କଲି । ପୁସ୍ତକାନ୍ତର୍ଗତ ଅନେକ ଗୁଡ଼ିଏ ପଦ୍ୟ ଉତ୍କଳ-ସାହିତ୍ୟ, ମୁକୁର, ପ୍ରଦୀପ ଇତ୍ୟାଦି ପତ୍ରିକା-ମାନଙ୍କରେ ସମ୍ପାଦକମାନଙ୍କର ଆନୁକୂଲ୍ୟ ବଶତଃ ସ୍ଥାନପାଇ ବିଭିନ୍ନ ପତ୍ରିକମାନଙ୍କରେ ଏକାଧିକଥର ସମାଲୋଚିତ ଓ ପ୍ରଶଂସିତ ହୋଇଅଛି ।

ପୁସ୍ତକଟିର ଚାରୋଟି ଅଧ୍ୟାୟ—'ବକୁଳଦଳ', 'ଦୂର୍ବାଦଳ', 'ଚମ୍ପାଦଳ', 'ଶତଦଳ' ରେ ବିଭିନ୍ନ ବିଷୟକ ପଦ୍ୟମାନ ସନ୍ନିବିଷ୍ଟ କରି **ଅର୍ଚ୍ଚନା** ନାମରେ ପ୍ରକାଶ କଲି । ସହୃଦୟ ପାଠକ ପାଠିକାମାନେ ଦୟାବହି ଥରେ ଆମୂଳ ପାଠ କଲେ ମୋହର ସମସ୍ତ ଶ୍ରମ ସାର୍ଥକ ଜ୍ଞାନ କରିବି ।

ପୂଜନୀୟ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ବି. ଏଲ୍. ଓ ବି. ଇ. ମହୋଦୟଙ୍କର ଚେଷ୍ଟା ଓ ଯତ୍ନଦ୍ୱାରା ଏଥିର କେତେକ କବିତାସ୍ୱର, ତାଳ ସଂଯୁକ୍ତ ହୋଇଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞତା ସ୍ୱୀକାର କରୁଅଛି ।

କଟକ, ବିନୀତା

ତା ୮ ରିଖ ଫେବ୍ରୁଏରୀ, ୧୯୨୭ ମସିହା । ପ୍ରଣେତ୍ରୀ

# ପ୍ରାର୍ଥନା

କାହିଁ ପାଇବ ସେ ମୋହିନୀ
କି ଯେନ ମୋହିବ ମେଦିନୀ ।
କାହିଁ ପାଇବ ସେ ଅମୃତ ଭାଷା,
କିଏ ପୂରାଇବ ମୋ' ଦୀନ ଆଶା,
ଝରିବ ଝର୍ଝର ସଙ୍ଗୀତ ନିର୍ଝର,
ଆକୁଳି' ସକଳ ଅବନୀ ;
ନୀରବ ନିରାଶଲେଖନୀ—
ଅସ୍ଫୁସ ମୂକେ ମୋ' ନାହିଁ ସେ ଗୀତ,
ଶୁଣି ଯା' ଜଗତ ହେବ ମୋହିତ,
ତବ ଶ୍ରୀ-ଚରଣ-କରୁଣା-ଝରଣା-
କୃପା କଣାଟିକ କାମନା,
ନ ହେବ ଯେସନେ ବିମନା,
ଶୁଣି ନାହିଁ କାହିଁ ଊଣା ଦୟାପଣ,
ତେଣୁ ଜଣାଏ ଏ ପ୍ରାର୍ଥନା ।

ଓଁ

# ଉତ୍ସର୍ଗ

--○⋄○--

ଉତ୍କଳର ଜାତୀୟ କବି

ଉତ୍କଳ-ସାହିତ୍ୟରେ ନବଯୁଗର ପ୍ରବର୍ତ୍ତକ

ସ୍ୱନାମ ଧନ୍ୟ କବିବର

୰ ରାଧାନାଥ ରାୟଙ୍କର

ପବିତ୍ର ନାମର ସ୍ମୃତିରେ ଭକ୍ତି-ଚନ୍ଦନ-ପୂତ କ୍ଷୁଦ୍ର

## ବିଲ୍ୱଦଳ

ସାଦରେ ଅର୍ପିତ ହେଲା ।

କଟକ,

ତା ୮ ଇଖ ଫେବୃଏରି, ୧୯୨୭ ମସିହା ।

ଗ୍ରନ୍ଥକର୍ତ୍ତ୍ରୀ ।

# ଅର୍ଚ୍ଚନା ।

କବିବର୍ ରାଧାନାଥ ରାୟ ବାହାଦୁରଙ୍କ ଉଦ୍ଦେଶେ —

୧

କ୍ଷୁଦ୍ର ମୁହିଁ, ଦୀନ ମୁହିଁ, ଦେବ ଅର୍ଚ୍ଚନେ
କି ଦେବି ଆସିବି ଭାଳେ ବିଷାଦିତ ମନେ ।
କେ କେତେ ମୁକୁତା ମାଳା, ହୀରକ ହିରଣ୍ୟ
ଅନାଇ ପୂଜିଲେ ପଦ ପଙ୍କଜ ବରେଣ୍ୟ ।
ଉତ୍କଳର କବିବର ! ସାହିତ୍ୟ ସମ୍ରାଟ !
ସାହିତ୍ୟ ମନ୍ଦିରେ ଯୁଗେ ଯୁଗେଥିବ ଥାଟ ।
ଯୁଗେ ଯୁଗେ ଧୂପ ଧୂନା ସହ ଭକ୍ତିଭରେ
ପୂଜିବେ ଉତ୍କଳୀ କବିବରଙ୍କୁ ଆଦରେ ।
ଉତ୍କଳ, ଉତ୍କଳ ବୋଲି କେ ଚିହ୍ନନ୍ତା କାହିଁ
ଅମର ତୂଳିକା ଯଦି ନ ଆ'ନ୍ତା ରଙ୍ଗାଇ ।
ଆମର ଜନନୀ-ରାଣୀ ଆଲେଖ୍ୟ ଅମୂଲ୍ୟ,
ତିଳୋତ୍ତମା ମନୋରମା, ଅପୂର୍ବ, ଅତୁଲ୍ୟ ।
ବିଚିତ୍ର ବିବିଧ ବର୍ଣ୍ଣେ ପୂର୍ଣ୍ଣ ପ୍ରତି ପତ୍ର,
କବିତା କି କାରୁକଳା, ଅବା ଶୋଭା ଛତ୍ର,
କୁବେର-ଭଣ୍ଡାର-ଶିରୀ-ମାଣିକ୍ୟ ମଞ୍ଜୁଷା,
ନନ୍ଦନ-ମନ୍ଦାର-ମାଳା-ମଞ୍ଜୁ ପୁଷ୍ପଭୂଷା ।
ଉତ୍କଳ ଭାରତୀ ପୂତ ଭବନ ଶୋଭନ
ଅମର କବିତା-କୁଞ୍ଜ ଲୀଳା ଉପବନ ।
ଶାରଳା ଶ୍ରୀକର-ବୀଣା-ଲଳିତ ରାଗିଣୀ
କଳ-କୋକିଳ କଳିଙ୍ଗ-କାନନ-ଗଞ୍ଜିଣୀ ।

୨

ଚିଲିକା, ମହେନ୍ଦ୍ର, ମାଲ୍ୟଗିରି, ମେଘାସନ
ତବ ପ୍ରଭାବେ ଲଭିଲେ ଗୌରବ ଆସନ ।
ଉତ୍କଳର ଗିରି, ଦରୀ, ନଦୀ, ନିର୍ଝରଣୀ,
ଦଣ୍ଡ ପାଟ ବନ ବିଲ ହ୍ରଦ ପୁଷ୍କରିଣୀ,
ଚହ୍ଲିଲେ ସରବେ ତବ କବିତା ପ୍ରସାଦେ,
ପୂର୍ବ ପୁରୁଷର କୀର୍ତ୍ତି ସ୍ମରିଲେ ଆହ୍ଲାଦେ ।
ଶତତୀର୍ଥ ପୁଣ୍ୟପୀଠ ମନ୍ଦିର ଦେହଳୀ
ଅଙ୍କିତ ଆଲେଖ୍ୟ ସରି ନବରଙ୍ଗେ ଝଳି ।
ଯା' ଯେନ ଉତ୍କଳ ଗର୍ବ ଗୌରବ ଜଗତେ
କହ କେ ରଚିଛି ଦେବ ! ସୁନ୍ଦର ଏମନ୍ତେ ।
ଉତ୍କଳର କାଳିଦାସ ! କବିକୁଳ ମଣି !
ଶୋଣିତେ ସ୍ପନ୍ଦିତ ଯେତେ ଉତ୍କଳ ଧମନୀ,
ଯେତେ ଦେହ ଧରେ ପୂତ ଉତ୍କଳ ଅନ୍ତର,
ସଭିଏ ପୂଜିବେ ପାଦ ଯୁଗ ଯୁଗାନ୍ତର ।

୩

ଉତ୍କଳର ରାଧାନାଥ, କବି-କୀର୍ତ୍ତିମାନ !
ସ୍ୱଦେଶ ବିଦେଶ ଚିର ପୂଜିତ ମହାନ !
କିପରି ଭରିବି ତବ ସିଂହାସନ କତ
ଆଣିବି ମୋ' ଉପହାର ତୁଚ୍ଛ ବେଲପତି ।
ମାଣିକ୍ୟ ରତନ ଯହିଁ ଶୋଭଇ ଯତନେ
କ୍ଷୁଦ୍ର 'ବନ୍ୟଦଳ' ତହିଁ ଦେବି ମୁଁ କେସନେ ।
ଏତିକି ଭରସା ମହାଦେବ ପୂଜା ଯହିଁ
କବିକୁଳ-ଦେବ ପୂଜା ଯୋଗ୍ୟ କି ନୁହଇ ।
ଅଯୋଗ୍ୟ ହେଲେହେଁ ଲଭି ଶ୍ରୀପାଦ ପରଶ,

## ବନ୍ଦନା ।

ବିଶ୍ୱଜନ ଚିରଧନ ସୁନ୍ଦର ସରସ ।
ଢାଳିଦିଅ କୃପା ବିନ୍ଦୁ ବସି ଦେବାସନେ
କବିତା ଶାମୁକା ଶୋଭୁ ମୁକୁତା ରତନେ ।
ପଙ୍କିଳ-ସଲିଳେ ପଦ୍ମ ପରି ରବିକର
ପୀୟୂଷ ସୁହାସେ ମୋହେ ଯଥା ଚରାଚର ।
ଉଚ୍ଚ ଚରଣ ଶରଣେ ଯାଚ କ୍ଷୁଦ୍ର ମମ
ସୁଧୀନ ଲେଖନୀ ଧନେ ହେବ ସୁଧାସମ ।

ଗୁଣମୁଗ୍ଧା,
କୁନ୍ତଳାକୁମାରୀ ।

ତା ୮ । ୨ । ୨୭ ।

( ନବବର୍ଷ--୧୩୩୧ )

## ସ୍ୱାଗତ !

୧—ସ୍ୱାଗତ ! ସ୍ୱାଗତ ! ନବବର୍ଷ ଏ ଭୁବନେ
ତବ ସ୍ନେହ ସମ୍ଭାଷଣ ବୈଶାଖ ପ୍ରଥମେ ।
ଡାକଇ ସିନ୍ଦୂର ମୂର୍ତ୍ତି ସ୍ୱାଗତ ! ସ୍ୱାଗତ !
କାକ, କୋକିଳ, ମଇନା, ହଳଦ ବସନ୍ତ;
ଘନ ପଲ୍ଲବିତ ଡାଳେ,
ଚମ୍ପା-ଚୂତ ଅନ୍ତରାଳେ,
ପନସ ପୁନାଗ ବନେ ; ବଟ ବଟପିରେ,
କମ୍ପିତ ପଲ୍ଲବ ତରଙ୍ଗିତ କଳଗିରେ ।

୨—ସ୍ୱାଗତ ! ସ୍ୱାଗତ ! ନବବର୍ଷ ଏ ଭୁବନେ
ଦରିଦ୍ର କୁଟୀରେ ରମ୍ୟ ରାଜେନ୍ଦ୍ର ସଦନେ,
କାହିଁ ଶୋଡ଼ଷୋପଚାର,
କାହିଁ ତୁଚ୍ଛା ଅଶ୍ରୁସାର,
କାହିଁ ହରଷ-ହିଲ୍ଲୋଳେ ସୁହାସ ଲହରେ,
କାହିଁ ଅର୍ଦ୍ଧ ଅନଶନେ ଛିନ୍ନ ବସନରେ,
କାହିଁ ଉତ୍ସବ ଆମୋଦ ମଧୁର ବାଜଣା,
କାହିଁ ଗମ୍ଭୀର ବିଷାଦ କରୁଣ କାନ୍ଦଣା ।
ପ୍ରାଣ ଭେଦି ଦୀର୍ଘଶ୍ୱାସ,
କାହିଁ ପୂର୍ଣ୍ଣ ପ୍ରେମୋଚ୍ଛ୍ୱାସ,
ଯୁଗଳ ମିଳନେ ଶୁଭ, ନଷ୍ଟୁର ବିରହେ,
ମିଥ ଆଲିଙ୍ଗନେ ଅବା ଅମିଥି କଳହେ ।

୩— ସ୍ୱାଗତ ! ସ୍ୱାଗତ ! ନବବର୍ଷ ଏ ଭୁବନେ
ତବ ସ୍ନେହ ସମ୍ଭାଷଣ ବୈଶାଖ ପ୍ରଥମେ,
ଅବହିତ ଅବନୀ କି ତପସ୍ୟା ସାଧନେ
ପାଳିବ ପ୍ରତିଜ୍ଞା କ୍ଲେଶ ଅସହ୍ୟ ସହନେ ।

ରୁକ୍ଷ ବକ୍ଷ ହେବଧନ୍ୟ,
ଦହିବ ପ୍ରଚଣ୍ଡ ଝଡ଼,
ନାଶିବ କଳୁଷରାଶି ସାରା ବରଷର;
ଆଦ୍ୟ ମନ୍ତ୍ର ତପସ୍ୟା କି ନବୃତ୍ତି ପଥର ।

୪—ସ୍ୱାଗତ ! ସ୍ୱାଗତ ! ନବବର୍ଷ ଏ ଭୁବନେ,
ବାର୍ଷିକ ଅତିଥି ମମ ଦୀନ ନିକେତନେ ;
କିବା ଦେବ ଉପହାର
ନାହିଁ ଷୋଳଉପଚାର,
ଦେବ ମାତ୍ର ଯା' ସୁଲଭ ଉତ୍କଳ ଭୁବନେ,
କୁଟୀରେ, ପ୍ରାସାଦେ, ଗିରି, ବନେ, ଉପବନେ;
ହେଉ ସରସ, ନୀରସ, ନାହିଁ କ୍ଷୋଭ ତହିଁ
ମୋ ଜନମ ଭୂମି ଦ୍ରବ୍ୟେ ମୁଁ ସ୍ନେହ ବହଇ ;
ତହୁଁ ବଳି ପ୍ରିୟତର,
ସୁପବିତ୍ର ମନୋହର,
ନାହିଁ କିଛି ନିସଂସାରେ ମୋ' ଆଖି ଆଗରେ,
ତା' ବିନା କି ଦେବ ତବ ପଙ୍କଜ ପୟରେ ।

୫— ଓଡ଼ିଆର ଘରେ ଘରେ ଆଜି ଯେ ଆନନ୍ଦ
ସେ ଶୁଭ ଆନନ୍ଦେ ତବ ବନ୍ଦିବ ଶ୍ରୀପଦ
ପକ୍ୱ ଶ୍ରୀଫଳ ରସାଳେ,
ପ୍ରଫୁଲ୍ଲ ମଲ୍ଲିକାମାଳେ,
ତଗର, ତୁଳସୀ ଦଳେ, କରବୀରହାରେ,
ପାଟଳି, କାମିନୀ, କାଠ ରଙ୍ଗିଣୀ, ମନ୍ଦାରେ ।

୬—ପବିତ୍ର ତରୁର ମୂଳେ ପଲ୍ଲୀ-ବାଳାକୁଳ
ସଜାଡ଼ି ଦେଲେଣି ଆମ୍ର ଆତପ ତଣ୍ଡୁଳ ।
ପେଡ଼ିରେ ଚନ୍ଦନ ଘଷି
ଥାଳାରେ ଦେଲେ ପରଷି

ନୈବେଦ୍ୟ ମଧୁର ଶକ୍ତୁ ଶର୍କରା ମିଶ୍ରିତ
ଧୂପ ପାତ୍ରେ ଧୂମ ଧୂନାଗନ୍ଧେ ସୁରଭିତ ।
ବାଳକ ବାଳିକା ମନ୍ଦା ହରଷେ ମୋହିତ
ଅଙ୍ଗ ସୁଗନ୍ଧିତ ଗୁରୁ ଚନ୍ଦନ ଚର୍ଚ୍ଚିତ,
ପିଇ ବେଲ ପଣା ସୁଖେ
ବୁଲନ୍ତି ପବନ ମୁଖେ;
ଶୁଭ୍ରମଲ୍ଲିମାଳ ଗଳେ ମୃଦୁ ଆନ୍ଦୋଳିତ,
ହସିତ ବଦନେ ପୂର୍ଣ୍ଣ ଚନ୍ଦ୍ରମା ବିମ୍ବିତ ।

୭—ମଧୁର ମୁରଲୀ ତାନେ ଦୂରେ ଧେନୁଦଳ
ଆସିଲେଣି ଦ୍ୱିପ୍ରହରେ ଗ୍ରାମ ବଟତଳ,
ଗୋପ ବାଳକ ହରଷେ
ସଙ୍ଗୀ ସଙ୍ଗେ ଖେଳି ବସେ,
କେ ଶିଶୁ ବୁଲଇ ସୁଖେ ପ୍ରଜାପତି ଧରି
କେ ଉଚ୍ଚେ ତୋଳଇ ସୁଧା-ସୁସ୍ୱର ଲହରୀ ।

୮—ସ୍ୱାଗତ ! ସ୍ୱାଗତ ! ନବ ବର୍ଷ ଏ ଭୁବନେ
ତବ ସ୍ନେହ ସମ୍ଭାଷଣ ବୈଶାଖ ପ୍ରଥମେ !
ସ୍ନେହ କହିବି କପରି
ଆକୁଳ ପିପାସା ଧରି,
କଣ୍ଠାଗତ ପ୍ରାଣ ମୋର ତପ୍ତ ଝଞ୍ଜା ବାୟୁ
ଦଗନ୍ତେ ସଞ୍ଚରି ପଶି ହରି ନଏ ଆୟୁ ।

ମାଡ଼ି ମାଡ଼ି ଆସେ ଖରା ଦହନ୍ତାଏ ବଟି,
ଧୂଳି ଉଡ଼ି ପୂର୍ଣ୍ଣ ଦାଣ୍ଡ ଶୁଖେ ଫୁଲ କଡ଼ି,
ଶୁଷ୍କ ଆଜି ଝର ସରଃ,
କୃଶ ନଦୀ କଳେବର,
ଘନ ଘର୍ମ୍ମ ବାରି ଝରି ବିକଳ ଶରୀର,
ଜଳ ଜଳ କହି ପ୍ରାଣୀ ଆକୁଳ ଅଧୀର ।

୯—ଉଷ୍ଣଶ୍ୱାସେ ମହ୍ୱଷୀଏ ଧାଇଁଲେ ହରତ
ବନାନ୍ତ ବାପୀରେ ବପୁ ବୁଡ଼ାଲା ସ୍ୱେଦତ,
ସଙ୍ଗେ ଖଣ୍ଡ ମେଘ ଦଳ
ଘୋଡ଼ାଇଲା ନୀଳ ଜଳ !
କାଳ ବଇଶାଖ ନଭେଃ ଆସିଲା ଗରଜ
ଝାଡ଼ିଲା ଶିଳାବୃଷ୍ଟି ଆତଙ୍କ ସରଜ,
ଧାଉଁ ଧାଉଁ ଖରତର
ପଥଶ୍ରାନ୍ତ ଆର୍ତ୍ତ ନର
ଘନ ଅଶ୍ୱତ୍ଥମୂଳେ ସେ ବସଇ କାତରେ,
ହସଇ ପ୍ରକୃତ ରାଣୀ ପୁଣି କ୍ଷଣପରେ ।

୧୦—ହସଇ ହରତ କୁଞ୍ଜ ଶଗଡବାଟୁଆ,
ଚଷା ଚଷିଲଣି ଭୂଇଁ ଗାଲି ଧାନ ବୁଆ,
ବରଷିଲା ପିତ୍ତପାଣି
ଧାନ ବୁଣା ମନ ଜାଣି—
ଝିଁ, ଝିଁ, ନାଦେ ନିନାଦିତ ଯୋଷ, ବନଭୂମି,
ଉଡ଼ଇ ଖଣ୍ଡିଆ ଭୂତ ଭୈରବେ ନିଃସ୍ୱନ ।
ଗଗନ, ପବନ ଗ୍ରାସି
ଉଡ଼େ ଧୂଳି ରାଶି ରାଶି,
ଝଡ଼ ପଡ଼େ ଶୁଷ୍କ ପତ୍ର, କୁସୁମ, ମଞ୍ଜରୀ,
କର୍ଷିତ ମୃତ୍ତିକା ଗନ୍ଧ ସମୀରେ ସଞ୍ଚରି ।

୧୧—ଫଳସ୍ତରେ ନତ ଲଙ୍କା ଆମ୍ବ ଜନ୍ଦାଖାଇ,]
କେନ୍ଦୁ ପଲ୍ଲବପଙ୍କଜ ରଖିଛୁ ଫୁଟାଇ,
ଗଇଶ ଶିରୀଷ ଶୋଭା,
କ୍ଷୀର କୋଳି ମନୋଲୋଭା,'
ବଡ଼ ସୁଶୋଭିତ ରଙ୍ଗ ଫଳ ମଣିମାଳେ
ପୀତ ପକ୍ୱଫଳ ଗୁଚ୍ଛା ନରକୋଳିଡାଳେ !

ଆମ୍ବ, କଇଁଥ, ତେନ୍ତୁଳ,
ଫଳ ପେଣ୍ଠା ପଡ଼େ ଝୁଲି,
ଶୋଭଞ୍ଜନ, ସ୍ୱର୍ଣ୍ଣରମ୍ଭା, ମାନସ ରଞ୍ଜନ
ସଜାଉଛୁ ନଦୀପଠା ଗୃହସ୍ଥ ବ୍ୟଞ୍ଜନ ।

୧୬—ସ୍ୱାଗତ ! ସ୍ୱାଗତ ! ନବବର୍ଷ ଏ ଭୁବନେ,
ତବ ସ୍ନେହ ସମ୍ଭାଷଣ ବୈଶାଖ ପ୍ରଥମେ,
ସ୍ନେହ କି ଦୁଃଖର ସାଥୀ
ବଢ଼େ ଧନ ଛୁଡ଼େ ଘାତ,
ବେଳୁଁ ବେଳୁଁ ସୂର୍ଯ୍ୟକର ହେଲାଣି ପ୍ରଖର,
ଘୋର ସନ୍ତାପ ସୂଚନା ଦେଲାଣି ଏଥର ।
ଜଳ ଉଠିଲାଣି ଦାବ ଦହନ ଗହନେ,
କାତର ପଶୁଏ ଆଶୁ ପ୍ରାଣ ବିସର୍ଜନେ ;
ପାଠ ବଲ୍କଳେ ଶିକାରୀ
ପ୍ରାଣ ହରେ ଶର ମାରି,
ତୃଷା କାତର କୁରଙ୍ଗ କୋମଳ ଶାବକ,
ଧିକ ତୁ ମାନବ ଗର୍ବ ଧରଣୀ ଶାସକ ।

୧୭—ଜଳେ ବେଣାବନେ ବହ୍ନି କରାଳ ମୂରତି,
ପୂର୍ଣ୍ଣ ତୋମ୍ଭା ପଦ୍ମିନୀ କରେ ତଳେ ଟତି,
ବକ୍ଷେ ତା' କରୁଣା ବାରି
ନ ପାରେ କ୍ଷଣେ ନିବାରି,
ମରମ ବିଦାରି ଭୀମ ମରଣ ଯାତନା
ଦଗଧ ସହସ୍ର ଜୀବ କ୍ରୁର କଦର୍ଥନା ।
ଉଠେ ଘୋର ହାହାକାର
କର୍ମେ ନଭେ ଦିଗନ୍ତର,
ପବନ ପରଶେ ଅଗ୍ନି ବଢ଼େ ଶତଶିଖା,
ଅବନୀର ଏ କି ଦୁଃଖ ଭୀଷଣ ପରୀକ୍ଷା ।

୧୪—ମେଲିଲ ଜିହ୍ୱା ଶ୍ୱାନକୁଳ ଗ୍ରାମ ବୃକ୍ଷ ମୂଳେ,
'ଜଳଦେ ଜଳଦେ' ଡାକେ ଗୃଢକ ଆକୁଳେ,
ବୃକ୍ଷରୁ ଛୁଟି ବାଦୁଡ଼ି
ସ୍ରୋତ ଜଳେ ମରେ ବୁଡ଼ି,
ଶୁଖେ ଶ୍ୟାମ 'ଦୂର୍ବାଦଳ' ଫାଟଇ ଠାଙ୍ଗର,
ପ୍ରାଣ ସଂହାରୀ ନିଦାଘ କିବା ଭୟଙ୍କର ।

୧୫—ସ୍ୱାଗତ ! ସ୍ୱାଗତ ! ବନ୍ଧୁ କହିବ କପର
ଆସିଲୁ କି କ୍ଷଣେ ରୁଦ୍ର ରୌଦ୍ର ସଙ୍ଗେ ଧର,
ଚର ସଙ୍ଗୀ ମାନବର ଦୁଃଖ କି ଜୀବନେ
ଦୁଃଖ ବିନା ସୁଖ କାହିଁ କହୁ କି ମଉନେ,
ଶତ୍ରୁର ଚୁମ୍ବନ ବିଷ,
ମିତ୍ର ପ୍ରହାର ଆଶୀଷ,
କ୍ଲେଶ ଶେଷେ ସୁଖରାଶି ଉଦୟ ନିଶ୍ଚୟ,
ଦାରୁଣ ନିଦାଘ ଅନ୍ତେ ବରଷା ସମୟ ।

୧୬—ବରଷା ଆଶାରେ ବସି ରହିଛି ଧରଣୀ
ବନ୍ଧୁ କରୁଣା ଆସାର ମୋ ଦାନ ମାଗୁଣି ।
ନିଦାଘ ତପତ ଖରା
ନାରବେ ସହଣ ଧରା,
ହସିବ ଶ୍ୟାମଳସୁଖେ ବରଷା ବାସରେ,
ଶୀତଳିବ ଆତ୍ମା ମୋର ପ୍ରଭୁ ପ୍ରସାଦରେ ।
ଏ ଜୀବନ ଖରା ଶେଷେ
ଆନନ୍ଦ ମଧୁର ଦେଶେ
ସ୍ନେହ ମୋହନ ସୁବେଶେ ଶୋଭିବ ସୁନ୍ଦର,
ଲଭିବ କି ପୁରସ୍କାର ଚରଣ ପୁଷ୍କର ।

(ସ୍ୱ ୧୩୩୨—ବୈଶାଖ)

# ଉତ୍କଳ ବନ୍ଦନା ।

କୋଟି କଣ୍ଠି ମୁକ୍ତାମାଳିନୀ,
କାନ୍ତ କମଳା କଳାକୁଶଳା ଶାନ୍ତଶାଳିନୀ । ଧ୍ରୁ —

୧

କୋଟିସୁତ ସ୍ନେହଶୀଳା,
କୋଟି ତୀର୍ଥ ସ୍ୱର୍ଗ ଲୀଳା-,
ରତ୍ନଦ୍ୱାର ଚନ୍ଦ୍ରୋପଳା,
ସିନ୍ଧୁ ଧୌତ ପୁଣ୍ୟବେଳା,
ନୀଳାଚଳ-ଚିଲିକା-ପ୍ଲାବନୀ—
—ଶକ୍ତି, ମୁକ୍ତି, ଭକ୍ତିଦାନେ, ଭକ୍ତପାଳିନୀ ।

୨

ତାଳ ତମାଳ ତାଳୀମାଳା,
ଶତ ତଟିନୀ ପୂତ ସଲିଳା,
କାବ୍ୟକୁଞ୍ଜ କଳକୋକିଳା,
ପୂଜିତପାଦ, ଭଞ୍ଜ ଶାରଳା ।
ଶୁଭଗୀତ ସୁଧା ସ୍ୟନ୍ଦିନୀ,
ବିଶ୍ୱ ବନ୍ଦନ, ଚିତ୍ତ ନନ୍ଦନ, ନୟନ ହ୍ଲାଦନୀ ।

୩

ବିଶାଳ ଶୈଳ ବିପିନ ମାଳୀ,
କେଦାର କାନ୍ତ ପକ୍ୱଶାଳୀ,
କାନନ ଫୁଲ୍ଲ ପ୍ରସୂନାଞ୍ଚଳି,
ତୃପ୍ତି ପକ୍ଷୀ କଳ କାକଳି,
ରତ୍ନ ଜ୍ୟୋତ ଉଜ୍ଜ୍ୱଳାନନୀ,
ଚୂଆ ଚନ୍ଦନ କର୍ପୂର ମୃଗମଦ ମୋଦିନୀ ।

୪

ଅନଙ୍ଗ, ଯଯାତି, ଐର ଜନନୀ,
ବୀର ରୁଧିର ସିକ୍ତ ଅବନୀ,
ବିଦ୍ୟାଧର୍ମ ମୋକ୍ଷ ମେଦିନୀ,
ଶୂଦ୍ର ବ୍ରାହ୍ମଣେ ସାମ୍ୟ ବାଦିନୀ,
ଜାତିଭେଦ-ବନ୍ଧ ଭଞ୍ଜିନୀ,
ନିଖିଳ ଭାରତ ଭକତ ଚରଣ ରେଣୁ ରଞ୍ଜିନୀ ।

( ୫ )

ଜୟ, ଜୟ, ବୀର ବରେଣ୍ୟ !
ଜୟ ଭକତ ଚିତ୍ତ-ଶରଣ୍ୟ !
ଜୟ ଧନ୍ୟେ ! ଜୟ ପୁଣ୍ୟେ !
କୋଟି ସନ୍ତାନ ଅନ୍ନପୂର୍ଣ୍ଣେ !
ସର୍ବଶୁଭ ଶାନ୍ତି ଦାୟିନୀ,
ଚିତ୍ତେ କାମନା କଳିତ ଲଳିତ ଚରଣନଳିନୀ ।

କି ଗୀତ ଗାଇବି　　କା' ଚିତ୍ତ ମୋହିବି
ଆଜି ଏ ବିଜନେ ବସି,
ସ୍ତବ୍ଧରୁଦ୍ଧ କଣ୍ଠ　　ଜଡ଼ ମୋ' ରସନା,
ସ୍ୱର ବିସୋରିଛି ବଂଶୀ । ଧ୍ରୁ—
ମରମେ ମର୍ମର ଉଠେ ତୀବ୍ରବ୍ୟଥା,
ଲାଜେ ନତଶିର ସ୍ମରି ଗତ କଥା,
ଭାଇ ଭାଇ ଯହିଁ　　ଛିନ୍ନଭିନ୍ନ ରହି
ବୋଲିଛୁଁ କଳିଙ୍ଗ ନାମେ ଘନମସି । ୧ ।
ନାହିଁ ପୂର୍ବତେଜ ଗରିମା, ମହିମା,
ଘେରିଛି ସରବେ ଅମାର କାଳିମା,
ଅଶ୍ରୁ କାତର　　ଆଖିପତା ଭାର
କାନ୍ଦୁଛୁ କବାଟ କୋଣେ ଲୁଚିବସି । ୨ ।

ନ ବଳସେ ଆଉ ଓଡ଼ିଆର ତରୀ
ଘନ ନୀଳ ନୀର ଚିଲିକା ଲହରୀ,
ଧଳାପାଲ ତୋଳି ନ ଖେଳେ ସେ ଦୋଳି
ନଆଣେ ରତନ ପାରାବାରେ ପଶି । ୩ ।
ଜାଭା, ବାଲି, ଲଙ୍କା, ବୋର୍ଣ୍ଣିଅ ବିଜୟ
ଭୁଲିଣ ଗଲାଣି ଓଡ଼ିଆ ତନୟ,
ହର୍ଷ ହୁଲାହୁଲି ବନ୍ଦାପନା ଥାଳି
ନଦିଏ ସାଧବ ବୋହୂ ପରଶି । ୪ ।
ଆଜି ଏ ଶ୍ମଶାନ ଶ୍ୱାନ ଶିବା ସ୍ଥାନ,
ନାହିଁ ଦେଶପ୍ରେମ ଆତ୍ମବଳିଦାନ,
ବିପନ୍ନ ବେଦନ ବିପନ୍ନ ଜୀବନ
କି ଗୀତ ଗାଇବ ଛନ୍ଦେ ଉଚ୍ଛ୍ୱସି । ୫ ।

---

ଦେଖ ବିଶ୍ୱ ଆସ ଆହ୍ୱାନେ ଦ୍ୱାରେ
ରୁଦ୍ର ଗମ୍ଭୀର ବିଶାଳ ମୂର୍ତ୍ତି !
ଉଠ ହେ ଉତ୍କଳ ଉଠ ହେ ଉତ୍କଳ
ଜାଗୁ ଜୀବନେ ନବୀନ ସ୍ଫୂର୍ତ୍ତି !
ବାଜେ ଘନ ଘନ ଶୃଙ୍ଗ ବେଣୁ
ଚମକେ ସ୍ୱନେ ଧରଣୀ-ରେଣୁ,
ପବନେ ପର୍ବତେ ସମୁଦ୍ର ସୈକତେ,
ଶୁଭଇ ସଙ୍ଗୀତ ବୀରେନ୍ଦ୍ର କୀର୍ତ୍ତି ।
ନଦୀମାନ ଜଳ ଲହରୀମାନେ
ନାଚେ ନବୋଲ୍ଲାସ ତାଳେ ତାଳେ,
ଗିରି-ତରୁ-ଶ୍ରେଣୀ କୁସୁମ ବେଣୀ—
ସଞ୍ଚରେ ସୌରଭେ ବିଶ୍ୱ-ପ୍ରୀତି ।

ଜଡ଼ତା ଆଳସ୍ୟ ଫିଙ୍ଗ ହେ ଦୂରେ
ଉଠ ହେ କର୍ମୀ ଉଠ ହେ ଶୂରେ !
ଦେଖ ଅଦୂରେ    ଆକାଶ-ବକ୍ଷେ
ଉଜ୍ଜ୍ୱଳ ତବ ଅତୀତ ସ୍ମୃତି ।
ଉଠ ଉଠ ଉତ୍କଳ ! ଜାଗ ଜୀବନେ
ନବୀନ ଆନନ୍ଦ ନବୀନ ଧୃତି ।

ଇମନ୍ ପୂରବୀ—ଏକତାଲା ।

ବନ୍ଦ ମାତା ପଦ୍ମେରେ ।
ଆସ ଭାଇ ଭଗ୍ନି ! ହୋଇ ଏକପ୍ରାଣ,
ଭୁଲ ହିନ୍ଦୁ ଜୈନ ବୌଦ୍ଧ ମୁସଲମାନ,
ଭାରତ ସନ୍ତାନ ନୋହୁ ଭିନ୍ନ ଭିନ୍ନ,
ମାଁ ଦୁଃଖିନୀ ତବ ଏକରେ ।୧।
ଏକଦେଶେ ବାସ ଏକ ସ୍ୱାର୍ଥ ଆଶ,
ଏକ ପ୍ରେମଭକ୍ତି କରମ ବିଶ୍ୱାସ,
ଏକ ସୁଖ ଦୁଃଖ ଏକ ଶାନ୍ତି ମୋକ୍ଷ,
ମାଁ ଦୁଃଖିନୀ ତବ ଏକରେ ।୨।
ନୀଚ ସ୍ୱାର୍ଥେ କିଆଁ ଦଳି ଭାଇ-ପ୍ରାଣ
କ୍ଷୁଣ୍ଣ କର ତବ ଜନନୀ ସମ୍ମାନ,
କର କଳୁଷିତ ଭାଇର ଶୋଣିତେ,
ମାଁ ଦୁଃଖିନୀ ତବ ଏକରେ ।୩।
ଏକତା ମଙ୍ଗଳ ମନ୍ତ୍ର ଉଚ୍ଚେ ଗାଇ,
କୋଳେ ବେଢ଼ାବେଢ଼ି କର ଭାଇ ଭାଇ,
କେ ମିତ୍ର ଅମିତ୍ର, ଏ ଭୂମି ପବିତ୍ର,
ତ୍ରିଂଶ କୋଟି ପଦ ଏକତ୍ରେ ।୩।

ଭୈରବୀ କଓ୍ୱାଲି ।

ଜୟ ହେ ଉତ୍କଳ ରାଣି ( ମା ! )
ଶିର କେଶରୀ-ଶ୍ରେଣୀ-ନୀଳା-ବନଭୂମି,
କରାଳ-କୃପାଣ-ପାଣି ।
ଯୁଗେ ଯୁଗେ ତୁ ପରମ ତୀର୍ଥ,
ଭକତ ମନୋରଥ-ବିଧାୟିନୀ ମନୋହାରୀ,
ନୀଳଉର୍ମି ଚୁମ୍ବେ-ଚରଣତଳ,
ତୋ ନୀଳାଚଳେ ଆସୀନ ଚକ୍ରଧାରୀ ।
କନକକିରୀଟ-ଭାରତ ଭୂମି—
କାନ୍ତ ରତନ ମାଁ ଗୋ !
ଗଙ୍ଗା ଗୋଦାବରୀ, ତୋ' ବସନ ଅଞ୍ଚଳ
ମହାନଦୀ ମୁକୁତାମାଳୀ ।
ପ୍ରେମ ସୁବିଶାଳ କରୁଣା କୋମଳ କୋଳେ,
ଧରିଛୁ କୋଟି କୋଟି ପ୍ରାଣୀ,
ଅମୃତ ସ୍ତନ ଦାନେ, ପାଳିଛୁ ସନ୍ତାନେ,
କେତେ କବି, ବୀର, ଗୁଣୀ ଜ୍ଞାନୀ ।

କର୍ମ ମୋହର ପ୍ରେମମନ୍ତ୍ର,
କର୍ମ ମୋ' ଧର୍ମ ଦୀକ୍ଷା;
କର୍ମ ଲକ୍ଷ୍ୟ, କର୍ମ ମୋକ୍ଷ,
କର୍ମ ପରମ ଶିକ୍ଷା ।
ବସିବି ହରଷେ ଦୀନ ଦୁଆରେ,
କାନ୍ଦିବି ତା' ଦୁଃଖ ଘନ ଅନ୍ଧାରେ,
ଢାଳିବି ପ୍ରାଣ ବିଶ୍ୱସେବାରେ,
ଆସୁ ବିପଦ ପରୀକ୍ଷା;

ପରଲାଗି ମୋର ଜୀବନ ଦେବାର
ନିତ୍ୟ କରଇ ଶିକ୍ଷା;
ଭିକାରୀ ବେଶେ ମୁଁ ବିଶ୍ୱବଜାରେ
ମାଗିବି ଆଦର ଭିକ୍ଷା ।
ଅନ୍ନେ ଦାନେ ମୋର ପରମ ତୃପ୍ତି,
ଆନ ଆନନ୍ଦେ ମୁଁ ଲଭିବି ଶାନ୍ତି,
ଆଦର ବନ୍ଧନ ମୋଚନ ମୋହର,
ଚିର ବାଞ୍ଛିତ ମୁକ୍ତି ।

ଭାରତ ! ଭାରତ ! କିଁପା ହୋଇଲୁ ଦୀନ
ଛଅ କୋଟି ମାନବଙ୍କୁ କରିଲୁ ହୀନ ।
ଛଅକୋଟି ନରନାରୀ, ପଶୁଠୁଁ ହୀନ ବିଚାର
ବକ୍ଷେ ଶାସ୍ତ୍ର-ଛୁରୀମାର, ହେଲୁ ତୁ କ୍ଷୀଣ । ୧ ।
ଧନେ ମନେ ନ ସୁମର, ପୁରୁବ ଗୌରବ ଶିଖୀ
ବୃଥା ଅହଙ୍କାରେ ପୂର—ଶରୀର ଶୀର୍ଣ୍ଣ । ୨ ।
ଶୋଭ ସରଳ ତୋ' ଦେହୁଁ ଠେଲିଲୁ ସନ୍ତାନ ସ୍ନେହୁଁ,
ନିଜ ପରିବାର ସୁତେ କଲୁତୁ ଭିନ୍ନ । ୩ ।
ଯେନ ମାଁ ଯେନ ମାଁ ଆଜି ଭେଦଭାବ ଦୂରେ ଠେଳି
ତୋହର ସନ୍ତାନ ହେଲେ ଆମ୍ଭେ କି ହୀନ ? ୩ ।

ଉଠ ହେ ଓଡ଼ିଆ, ଉଠ ହେ ଓଡ଼ିଆ ଉଠ ହେ ଓଡ଼ିଆ ବନ୍ଧୁନ ।
ଗାଏ ମହୋଦଧି, ଗାଏ ମହାନଦୀ, ଗାଏ କାଠଯୋଡ଼ି-ଜୀବନ ।—
ଗଞ୍ଜାମ ଶ୍ରୀକ୍ଷେତ୍ର ବାଲେଶ୍ୱର ସଙ୍ଗେ,
ଗଡ଼ଜାତବାସୀ ବସ ଆସି ରଙ୍ଗେ,
ଅଙ୍କେ ଆଲିଙ୍ଗନ କର ଭାଇ ଭାଇ ଭୁଲି ଭେଦ ଭାବ ବନ୍ଧନ । ୧ ।

କଳା-କାବ୍ୟ-ଶିଳ୍ପ-ଖଣି ଏ ଉତ୍କଳ,
ନିସର୍ଗ କମଳା ଲୀଳା ଶତଦଳ,
ଆଜି ସେ ବିକଳ, ଆଜି ହୀନବଳ, ଅଛି କି ନ ଅଛି ଜୀବନ ।୨।
ଯହିଁ ଗଜପତି ଯେ ଦେଶ ଭୂପତି,
ଯେ ଦେଶ ଦେବତା ବିରଜା, ଶ୍ରୀପତି,
ଅତୁଳ କୀରତି, ସେତ ପାରିଜାତି, କିପାଇଁ ନିର୍ଜୀବ ଭଗନ ।୩।
ବିଖ୍ୟାତ ଭାରତେ ତବ ଦେଶ ଯଶଃ,
ତୁମେ ପୁଣି ଜଡ଼ ଅଜ୍ଞାନ, ଅଳସ ।
ନ ଝରେ କି ଲୁହ ନିର୍ଲଜ୍ଜ ଲୋଚନେ, ହଜିଛୁକି ହୃଦସ୍ପନ୍ଦନ ।୪।

ଇମନ୍—କଓ୍ୱାଲି

ଜାଗ ଘରେ ଘରେ    ପ୍ରସ୍ୱର ଗମ୍ଭୀରେ
ସ୍ୱଦେଶ ପ୍ରାଣେ (ଆଜି) ନବ ଜାଗରଣ,
ଶ୍ୱେତ ଖଦି ପୂତ    ବସ୍ତ୍ର ଶୋଭିତ
ନିଖିଳ ଉତ୍କଳ ନିକେତନ ।
ଏକତା ଉତ୍କଳ ମୁକତି-ନିଦାନ
ବୁଝି ଜ୍ଞାନେ, ଧ୍ୟାନେ ଉତ୍କଳ ସନ୍ତାନ,
ଅଳସ ବିଳାସ—    ବ୍ୟସନ ଲାଲସା
ଦିଅ ଦିଅ ଦୂରେ ବିସର୍ଜ୍ଜନ ।୧।

ନୀଳାଚଳ ଚୂଳେ ଉଡ଼ୁ ସେ କେତନ
ଏକାମ୍ର କାନନେ ଶୁଭ୍ର ଶଙ୍ଖସ୍ୱନ,
ଚିଲିକା କଲ୍ଲୋଳେ    ହୁଳହୁଳି ଛଳେ,
ହେଉ ମହାମନ୍ତ୍ର ଉଦ୍‌ବୋଧନ ।୨।

ଭାରତ କୀରତି ପୁଣ୍ୟ ଗୀତି ଗାଇ,
ମୋଟ ଖଦି ପିନ୍ଧି ସାଜ ସାଜ ଭାଇ,

ଉତ୍କଳ କମଳା-                    ମନ୍ଦିରେ ଯତନେ
ସଞ୍ଚି ରତ୍ନମଣି ଆଭରଣ । ୩ ।
ଦେଶ ଦରିଦ୍ରତା ଦୂରେ ଯାଉ ଲୁଚି,
ଆସୁ ଦେଶ ପ୍ରାଣେ ସୁମତି ସୁରୁଚି,
ଜାତିଭେଦ ବନ୍ଧ                    ଛେଦ ପ୍ରେମାନନ୍ଦେ
ହେଉ ତ୍ରିଂଶକୋଟି ସମ୍ମିଳନ ।

ଶ୍ରୀମୂଟରେ ତର ଦୁଃଖୀ ଜଣାଣ
ନ ଶୁଣିବ କହେ ଜଗତ ତ୍ରାଣ ।
ଜୀବନ୍ତ ମରଣେ ମରିଲୁଣି ଆମେ
କେବେ ଲଭିବୁଁ ଏ ଦୁଃଖରୁ ତ୍ରାଣ,
କେବେ ସହିବ ହେ ଓଡ଼ିଆ ପ୍ରାଣ;
ବିଶାଳ ବିଶ୍ୱେ                    ଚିରନିଃସ୍ୱ ଏବେ
ନାହିଁ ପରାଣେ ସେ ପୂରୁବ ଠାଣ ।
ଆମ ଦୁଃଖ ଦେଖି ଫାଟେ ପାଷାଣ । ୧
ଗ୍ରାମ ଗ୍ରାମ ଆସି ହେଲା ଶମଶାନ,
ବସା କଲେ ସର୍ପ ଶୃଗାଳ ଶ୍ୱାନ,
ନଈବତି ମାଡ଼ି—                    ଘରଦ୍ୱାର ବୁଡ଼ି—
ଛାଡ଼ି ପଳାଇଲେ ମାତା ସନ୍ତାନ । ୨ ।
ଓଡିଆ ଅଙ୍ଗରୁ ଛାଡ଼ିଲା ଶିରୀ,
ମ୍ୟାଲେରିଆ ଜ୍ୱର ଦେଲାଣି ଘାରି,
ତାପ ସନ୍ନିପାତ, ବିକାର ବିଷାଦ
ଜୀବନ ସଙ୍ଖାଳି ଲୁଇନାଇନ । ୩ ।
ପଖାଳ ଭାତକୁ ନ ମିଳେ ଲୁଣ
ଟପଢ ସାଥିକୁ ନାହିଁ ତଅଣ,

ଗୋରୁ ହେଲେ ହଡ଼ା          ଲୋକେ ହେଲେ ମଡ଼ା
ସାର, କୁଲଗିର ଗୃହା ବଗିଗୃ କାମ ।—

କହରେ ଧୀର ଦକ୍ଷିଣା ପବନ
ମଲ୍ଲି କୁଞ୍ଜେ କୁଞ୍ଜେ ଫୁଲ ପୁଞ୍ଜେ ପୁଞ୍ଜେ ଗାଉ କି ଗୀତ ମନମୋହନ ।
ନବଆଶା କଥା ଅଛୁ କି କହୁ,
ଚିର ଅମାନିଶା ଅବା ସରଛୁ,
ନବରବି ଆଶେ          ଗୃହଁକୁ ବିଶ୍ୱାସେ
ନବ ଜାଗରଣ ଦେଖି ସ୍ୱପନ ?
ଗୃହ ଭିନ୍ନ ଦେଶେ ରହିଲୁ ଛିନ୍ନ
ଜରାଜୀର୍ଣ୍ଣ ଶୀର୍ଣ୍ଣ ଜଗତେ ହୀନ,
ଧନମାନେ ବଳୀ          ପାଦେ ଦେଲେ ଦଳି
ଅଙ୍ଗ ଖଣ୍ଡ ଖଣ୍ଡ ଅସ୍ଥି ଭଗନ ।
କୋଣାର୍କ କନକ ଶିଳ୍ପ ସରିଲା,
ଦୁଃଖେ ଚିଲିକାର ବକ୍ଷ ଶୁଖିଲା,
ତନୁ ଚର୍ମସାର          କଙ୍କାଳ ମାତର
ମଉଳିଲା ମାତା ପଦ୍ମ ବଦନ ।
ବନ୍ଧୁଜନ ଏବେ ହେଲଣି ଆସି
ସହି ନ ପାରୁଁ ଏ କଷଣ ରାଶି
ବନ୍ଧୁ ଘରେ ଘରେ          ପ୍ରଚୁର ଗମ୍ଭୀରେ
"ଉଠ ହେ ଓଡ଼ିଆ ଉଠ ବହନ ।"

ଆଉ କିଁ ଅଛ ଶୋଇ ! ଉଠ ହେ ବହନ
ପୂର୍ବଦେଶେ ଦେଶେ ଛବି ତପନ ମୋହନ !
ଉଠ ହେ ବହନ !

ପତନେ ପତନେ ଗଲ ଦିନ, ସମାଜ ସଦା ସ୍ୱପନ,
ନିଜେ ତ ରହିଛ କ୍ଷୀଣ, ନାହିଁକି ଚେତନ ।
ଆଜି ନବ ଜାଗରଣେ, ସର୍ବ ଭାରତ ସନ୍ତାନେ
ଉଠିଲେଣି ନବ ପ୍ରାଣେ, ତୁମ୍ଭେ ଅଚେତନ ।
ଉଠ ହେ ଉତ୍କଳ ବୀରେ, ଉଠ ହେ ସାହସଭରେ,
ବହୁଦୁଃଖଭାର ଶିରେ, ସାଧ ଦେଶ ତ୍ରାଣ ।
ଉଠ ବାଳକ ଯୁବକ, ଉଠ ହେ ପ୍ରବୀଣ ପକ୍ୱ
ଉଠ ହେ ଯୁବତୀ ବାଳା, ଶୁଣି ଏ ଆହ୍ୱାନ ।
ଡାକୁଛି ଉତ୍କଳ ଆଜି, ହୃଦେ ତା'ର ଦେହ ତେଜ
ପ୍ରଭୁଙ୍କ ପଦ୍ମର ପୂଜି ଲଭ ହେ କଲ୍ୟାଣ ।
ଦେଶର ଦଶର ହିତେ, ବାନ୍ଧାର ହେ ପ୍ରେମ ଚିତେ
ପରମ ସେବକ ବ୍ରତେ ସମର୍ପି ଜୀବନ ।—

ଜୟ ମା ଜନନୀ,
ଜନମଭୂମି !
ଜୟ ମା ଗିରି ଗଗନ ଚୁମ୍ବି !
ଆନନ୍ଦମୟୀ ତୋ ହିରଣ୍ୟ ଅଞ୍ଚଳ,
ଫୁଲ୍ଲ ପ୍ରସୂନ-ଶୋଭି ପଞ୍ଚଳ,
ଚଞ୍ଚଳ ଉତ୍ପଳ-ବିଳାସିନୀ ।
ଚାରୁ ଚିଲିକା-ଊର୍ମି ମାଳିକା
ମଲ୍ଲିକା କୁଞ୍ଜ ବାସିନୀ ।
ଶତ ଗଡଜାତ ଲୀଳା ବିହାର,
ଶୋଭେ ବାରବାଟି ଚଉଦୁଆର,
ତାମ୍ର-ଲିପ୍ତ-ବୋଇତ-ବାହୀ
ଭୁଲିଥିଲେ ଯାର ଅନୁଗାମୀ ।

ଯେ ଶ୍ୟାମ ବାଲି ଜାଭା ଲଙ୍କା
ବାଜୁଥିଲା ଯହିଁ ସମର ଡଙ୍କା,
ସେହି-କଳିଙ୍ଗ ଜଗତ ଶଙ୍କା,
ଦେଖ ସିନ୍ଧୁବାନ୍ଧବା ।

ଇମନ୍ କଲ୍ୟାଣ ଏକତାଳ ।

କି ବାଣୀ ସମୀର          କରୁଛି ପ୍ରଚାର
କମ୍ପାଇ କୁସୁମ ଗନ୍ଧ
ସ୍ୱରେ ସ୍ୱର ସ୍ୱର          ସଙ୍ଗୀତ ନିର୍ଝର
ଗଗନେ ପବନେ ବାଜି ।
କାନେ କାନେ କିଏ କହିଗଲା କଥା
କାହିଁ ଘର ଜାତି ଗୋତ୍ର ଅଛ ମଥା,
କାହିଁ ଏ ଭୀରୁତା          କାହିଁ ଏ ଜଡ଼ତା
ବାହାର ହେ ବିଶ୍ୱେ ଆଜି ।
ପ୍ରାଚୀପଟେ ଫୁଟେ ନବୀନ କିରଣ
ନବୀନ ଉଛୁଳେ ନବଜାଗରଣ
ଜୀବନ ଚେତନା          ବାଜେ ରୁଣୁ ଝୁଣୁ
ଶୁଣ ଶୁଣ କର୍ଣ୍ଣେ ଆଜି ।
ଅମ୍ବରୁ ଅମୀୟ ଆନନ୍ଦ ବଦନେ
ଓହ୍ଲାଏ କି ଶକ୍ତି ସହିତା ବାହୁରେ
ଦେଖ ଜଳେ ସ୍ଥଳେ          ଶକ୍ତି ଲୀଳା ଖେଳା
ଉଠ ଉଠ ନିଦ୍ରା ଭାଜି ।
ଉଠ ହେ ଉତ୍କଳ କୁମାର କୁମାରୀ
ତୁମ ଲାଗି ବିଶ୍ୱ ଖୋଲିଛି ଦ୍ୱାର,
ଅଛି ପ୍ରତିଧ୍ୱନି          ଆକାଶେ ବତାସେ
ଉଠ ଉଠ କର୍ମେ ସାଜି ।

ମାଲ୍ୟବନ୍ତ ମେଘାସନ ମହେନ୍ଦ୍ର ଭୂଷା
କନକ ରବି ଚୁମ୍ବନେ ଆଲିଙ୍ଗେ ଉଷା ।
କୋଟି କୁସୁମ ସୁବାସ ଶିରୀଧାରଣୀ,
ଶତ-ସରିତ-ଅମୃତେ ତୃଷା ବାରଣୀ,
କବି ବୀର ଭକ୍ତ ବୁଧ ସାଧୁ ଜନନୀ,
ଯତନେ, ରତନ ରାଜି ସଞ୍ଚା ମଞ୍ଜୁଷା ।
ମଞ୍ଜୁଳ ମନ୍ଦିର ମାଳେ ମହୀମୋହନା,
ଧରମ, କରମ ଜ୍ଞାନେ ଶିଳ୍ପେ ଶୋଭନା,
ଜନମିଥିଲେ ତୋ କୋଳେ ବୀର ଲଳନା,
ପୂତ ପାଦପଦ୍ମ ପ୍ରେମ ହେମ ପୀୟୂଷା ।

## ଆଜ ନବ ଜୀବନେ !

ଜାଗିଛି ଅବଶ ତନୁ ନବ-ଶକ୍ତି ସାଧନେ ।
ଉଠିଛି ଆଜ କି ଫୁଟି ଆଶା ବନେ ଫୁଲ କୋଟି,
ପଞ୍ଚମେ କୋକିଳ ରଟି ଗାଉଛି ନବ ତାନେ ।
ଲୈତକ ଆସାର ଭରା କାସାରେ ଫୁଟିଛି ତୋରା,
ନବ ତାମରସ ହେରି ନବ ରବି ଗଗନେ ।
ଭୁଜେ ଭୁଜେ ନବ ଶକ୍ତି, ହୃଦେ ହୃଦେ ନବ ଭକ୍ତି
ପ୍ରାଣେ ପ୍ରାଣେ ନବ ପ୍ରୀତି ଜାଗିଛି ଏ ସୁକ୍ଷଣେ ।
ପ୍ରେମର ମିଳନ ଧର୍ମ୍ମ, ଶାନ୍ତି ପ୍ରୀତି ପୂତ ମର୍ମ୍ମ,
ପ୍ରେମ ଭକ୍ତି କର୍ମ୍ମ ଉକ୍ତି ଜାଗେ ଆଜ ପରାଣେ ।
ଆସ ହେବେ ଭାଇ ଭାଇ ଭେଦ ଭାବ ଭୁଲିଯାଇ,
ଉଚ୍ଚ ନୀଚ ମିଳିବା ହେ ପ୍ରେମ ପୂତ ମିଳନେ ।

ଆଜି ଗାଇବି, ଆଜି ଗାଇବି,
କଳିଙ୍ଗ ମାତାର ଜୟ ।
ଆଜି ଉଠିବ, ଆଜି ଉଠିବ
ତେଜ ମୋ' ଜଡ଼ତା ଭୟ ।
ନୁହେଁ ମୁହିଁ ହୀନ ନୁହେଁ ମୁହିଁ ଦୀନ
ନୁହେଁ ଆଧୁନିକ, ନୁହେଁ ଅର୍ବାଚୀନ,
ଶୋଣିତେ ଶିରତ୍ୱ ବହେ ଯୁଗେ ଯୁଗେ,
ପାଇ ନାହିଁ ତାହା ଲୟ ।
ଚିର ଗୁମ୍ଫା ମାନ ମୂକ ସାକ୍ଷୀ ମୋର,
ମୁଁ ଆର୍ଯ୍ୟ ସନ୍ତାନ ନୁହେଁ ମୁଁ ବର୍ବର
ଯାଉ ଅବସାଦ ଯାଉ ମୋ' ବିଷାଦ,
ଉଠିବି ଗାଇ ମୁଁ ଜୟ
ମାତା କଳିଙ୍ଗର ଜୟ ।
ଐର ଖାରବେଳ, ସିଂହ ଗଜପତି
ନବକୋଟି ବର୍ଗେଶ୍ୱର ଯା' ଭୂପତି,
ସେ ତ ମୋର ଜାତି ମୁଁ କି ହୀନ ଅତି
ମୁଁ ଯେ ଶୂର ତେଜୋମୟ
ଉଠିବି ଗାଇ ମୁଁ ଜୟ ।
ମାତା କଳିଙ୍ଗର ଜୟ ।

## ବିଶ୍ୱବାସୀ-ଅଙ୍ଗନେ ।

ରଙ୍ଗେ ଭଙ୍ଗେ ଆସେ ଉତ୍କଳ —
ଲକ୍ଷ୍ମୀ-ଗୁରୁ-ଚରଣେ ।
ଦକ୍ଷେ ୨ ତାର ବିମଳ ଶୋଭା,
ବସନେ ଭୂଷଣେ ମୋହନ ପ୍ରଭା.

ବର୍ଷେ ନୟନେ ନନ୍ଦନ-ହର୍ଷ
ପୁଣ୍ୟ ପ୍ରତିଭା-ସ୍ଫୁରଣେ ।
ଅଙ୍ଗେ ଅଙ୍ଗେ ଲାବଣ୍ୟ ଲୀଳା,
କର୍ମ, ଶକ୍ତି, ଭକ୍ତି ଖେଳା,
ମୁକ୍ତି ପାଦପଦ୍ମ-ତଳେ
ଯୁକ୍ତ-ଦିବ୍ୟ-ଚୁମ୍ବନେ ।
ବରାଭୟବର କର ଯୁଗଳେ
ବକ୍ଷେ ସ୍ନେହ ପ୍ରୀତି ସୁଧା ଉଛୁଳେ
ଆନନ୍ଦ ବାଣୀ ରମ୍ୟାଧରେ ଜାଗେ ଜୀବନେ ଜୀବନେ ।

(ମୁଁ) ନ ଜାଣେ ଧରମ କରମ କିଛି ହେ
ଜାଣେ ମାତ୍ର ତୋର ସେବା—
ଜାଣେ ମାତ୍ର ତୋର ପଦ୍ମର ପଙ୍କଜେ
ପ୍ରାଣ ଆତ୍ମା ବଳି ଦେବା ।
ମୋର ଦେହ ଯେନ ରଚିବ ତୋ' ପୂଜା—
ତୁ ମୋହର ଲକ୍ଷ୍ମୀ, ଦୁର୍ଗା ଦଶଭୁଜା—
ତୁ ପଦ୍ମଆସନା-ବାଣୀ-ବୀଣାପାଣି
ଗଙ୍ଗା ଗୋଦାବରୀ ଯମୁନା ରେବା ।
ତୁ ମୋ ଗଣ୍ଠିଧନ ଚିର ମୋତିହାର
ତୁ ନନ୍ଦନବନ ମୋହନ ମନ୍ଦାର
ତୁ ମଳୟ ଶୈଳ ସୁରଭି ଚନ୍ଦନ,
ମୋ' ଶିର ତୋ ପଦ କିଙ୍କର ହେବା ।

କେବେ ଆସିବ ହେ ଜୀବନ ଚେତନା
ଉତ୍କଳ, ତୋ'ସ୍ୱପ୍ନ-ରହିତ ହୃଦେ,

କେବେ ଏକ କୋଟି          ଏକ କଣ୍ଠ ସ୍ୱରେ
ଗାଇବେ ତୋ ସ୍ତବ ସଙ୍ଗୀତ ମୂଦେ ।
ପ୍ରାଣେ ପ୍ରାଣେ ଭ୍ରାତୃ ଭାବ ବିରାଜିବ,
ଦ୍ୱନ୍ଦ୍ୱ ହିଂସା ଦ୍ୱେଷ ଅଶାନ୍ତି ହଜିବ,
ପରସ୍ପର ପାଇଁ          ବେଦନା ବାଜିବ
କେବେ ପରସ୍ପର ଅନ୍ତରେ ।
ଏକ ପ୍ରେମ ଡୋରେ ବନ୍ଧାହେବେ ସବୁ,
ଏକ ପୂଜା ବେଦୀ ଏକ ହେବେ ପ୍ରଭୁ,
ଏକର ଆନନ୍ଦେ          ଆନ ମହାସୁଖୀ,
ଯୁକତ ଏକତା ମନ୍ତ୍ରରେ

ଉଠ ୨ ହେ ଉତ୍କଳ ! ଉଠ ହେ ବୀର !
ଉଠ ହେ ଦେଶ ସେବକ ! ହେ ଜ୍ଞାନୀ ଧୀର !
ଉଠ ହେ ମାତୃଭୂମି ନାମ ମହାମନ୍ତ୍ରେ,
ସ୍ୱଦେଶ ହିତ ବାଜୁ ହୃଦ-ତନ୍ତ୍ରେ ୨,
ଉଠ ହେ ଗରବେ ଉଠ ହେ ଆଜି,
ଉଠ ହେ ଧର୍ମ-ବର୍ମେ ସାଜି,
କର୍ମ୍ମ ତବ ମୁକ୍ତି ମୋକ୍ଷ
ଶକ୍ତି ସାଧନ ଲକ୍ଷ ହେ !
ଉତ୍କଳ ମାତା ତବ ପୁଣ୍ୟତୀର୍ଥ
ତବ ପୁଣ୍ୟ-ସ୍ୱପ୍ନ ତାର ବିଶାଳ ବକ୍ଷ;
ତାର ପାଦପଦ୍ମତଳେ ତବ ଆଶ,
ତାର ଭାଷା ତବ ପ୍ରଶସ୍ତ ପାଶ,
ତାର ସନ୍ତାନ ତବ ସହୋଦର
ହେଉ ସେ ରଜା ହେଉ ଫକୀର ।

ମା ମୋର କାନ୍ଦିଁ ଗୋ ମା ମୋର କାନ୍ଦି
କେଉଁ କୋଣେ ବସି କାନ୍ଦଇ ଗୋ ।
କାନ୍ଦୁ ଛନ୍ତି ବର୍ଷାଦେ ଜନମା ରାଣୀ,
ବକଳେ ତେଣୁ ମୋ' ନେତ୍ରୁଁ ବହେ ପାଣି,
ମା ଦୁଃଖ ଦର୍ଶନେ ନ କାନ୍ଦିବ କେହି
ଏପର ସନ୍ତାନ ନାହିଁ ହେ । ୧ ।
ଖାଇବାକୁ ନାହିଁ ଘରେ ମୋଟ ଦାନା,
ପିନ୍ଧିବାକୁ ଖଣ୍ଡେ ନାହିଁ ଛିଣ୍ଡା କନା,
ସରୁଛି ଆମର ଦିବସ ରଜନୀ
ପର ଦୁଆରକୁ ଚାହିଁ ହେ । ୨ ।
ମିଳୁ ନାହିଁ ଆଉ ମୂଲଆକୁ ମୂଲ,
ପେଟ ଭୋକେ ପ୍ରାଣ ହେଲାଣି ଆକୁଳ,
କେତେ କାଳ ବଳ ସହିବୁଁ ଜୀବନେ
କହ ଘର କାହାପାଇଁ ହେ । ୩ ।
ଆସ ଅଣ୍ଟାଭିଡ଼ି ଲାଗିବା କରମେ,
ବସିବା କପାଇଁ ମଉନେ ସରମେ,
ଭୋଗିବା କପାଳେ ଯା' ଥିବ ଅନ୍ତମେ
ଯା ଦେବେ ଜଗତସାଇଁ ହେ । ୪ ।

ଭିତର ବାହାର ଶ୍ରୀମହାପ୍ରସାଦ
ବିଶ୍ୱ-ସଭ୍ୟ ଅଙ୍ଗନେ,
ଆଣ ଆଣ ଟାଣି ବ୍ରାହ୍ମଣ ଚଣ୍ଡାଳେ
ପବିତ୍ର ପ୍ରେମାଲିଙ୍ଗନେ । ଧ୍ରୁ ।
ଉତ୍କଳ ତୁ ଦେଶ ଧର୍ମ ଶିରୋକ୍ଷେତ୍ର,
ଜାତି ଭେଦ-ଭଞ୍ଜୀ ତୁ ମହାପବିତ୍ର,

ତୋ' ସ୍ନେହ ଅଞ୍ଚଳେ ନାହିଁ ବ୍ୟବଧାନ,
ବସ୍ତାରତ ବିଶ୍ୱ-ଧାରଣେ ।
ହିନ୍ଦୁ ମୁସଲ୍‌ମାନ, ଖ୍ରୀଷ୍ଟିୟାନ ଜୈନ,
ନାହିଁ ଭିନ୍ନ ଭାବ, ନାହିଁ ସ୍ନେହେ ଦୈନ୍ୟ,
ସରବେ ସନ୍ତାନ ତୋ' ଆଦରେ ମତଃ
ତୋହର ଯତନେ ପାଳନେ । ୧ ।

ତୋର ଅନ୍ନ ଜଳ ତୋର ଫୁଲ ଫଳ,
ତୋ' ଶ୍ୟାମଳ କୋଳ ସବୁର ସମ୍ବଳ,
ତୋର ନଦୀ ମାରେ ତୋର ସିନ୍ଧୁତୀରେ,
ତୋର ଗିରି ତୋର କାନନେ ।
ହାତ ଧରି ଧରି ପ୍ରେମେ କୋଳାକୋଳି,
ବସିବେ ତୋହର ସନ୍ତାନ ମଣ୍ଡଳୀ,
ଆଣି ସ୍ୱର୍ଣ୍ଣଥାଳି ଦେବୁଟି ଗୋ ଢାଳି,
ମାତୃସ୍ନେହ ଅନ୍ନ-ବ୍ୟଞ୍ଜନେ । ୨ ।

ବ୍ୟଜନବ ଆସି ମଳୟ ମାରୁତ,
ଉଚ୍ଛୁଳିବ ବନେ ବନେ ଗୀତ ରୁତ,
ଭକ୍ତ ପ୍ରୀତି- ଷ୍ଟ ଶରତ-ବସନ୍ତ
ଓହ୍ଲାଇବେ ତୋର ଗଗନେ ।
ତୋ' ଗୋଲାପଗନ୍ଧେ ଶେଫାଳି ସୌରଭେ,
କରମ, ଶକତ ମିଶିବ ଗୌରବେ,
ବିଶ୍ୱ-ସଭାଜନେ ଦେଖି ମୁଗ୍ଧମନେ
ନମିବେଟି ପଦ ବନ୍ଦନେ । ୩ ।

ଯାପାଇଁ କାନ୍ଦନ୍ତି    ଆକୁଳେ ଜନନୀ
କରି ନ ପାରିଲି ସେବା ଗୋ,
ଯାପାଇଁ ନିନ୍ଦନ୍ତି    କରମକୁ ମୋର
ହୋଇଛି ମୁଁ ଯାହା ହେବା ଗୋ ।
ତୃଷ୍ଣା ନୁହେ ମୋର ଶକତି ଭକତି,
ତୋ ଲାଗି ବନ୍ଧନ ସେ ମୋର ମୁକତି
ବସି ତୋ ପାଖରେ    ପୂଜିବି ଆଦରେ
ବନ୍ଧିବି ଯା ବନ୍ଧି ନେବା ଗୋ ।
ପର ପୀଡ଼ା ଦୁଃଖ ବହିବି ମୁଁ ଶିରେ,
ସହିବି ଗ୍ରୀଷମ ବରଷା ଶିଶିରେ,
ଯୋଡ଼ି ପ୍ରାଣ ମୋର    ଆସୁ ଦୁଃଖ ଘୋର
ଦେବି ଜଗତେ ଯା ଦେବା ଗୋ ।

ଭାଇ ଭାଇ ବୋଲି କେବେ ମୁଁ ଡାକିବି
ତୋହର ସକଳ ସନ୍ତାନେ,
ବନ୍ଧୁ ବୋଲି ମୋର କୋଳେ ଆଲିଙ୍ଗିବି
ଦୁର୍ବଳ ଅଧମ ଅଜ୍ଞାନେ ।
ତୃଷ୍ଣା ଯେ ମୋ'ଠାରୁ ନ୍ୟୁନେ ସେତ ସାନ,
ନଥାଉ ତାହାର ଧନ ସନମାନ,
ହେଉ ସେ ଚଣ୍ଡାଳ,    ଜଗତ ଜଞ୍ଜାଳ,
ଜାଗିବ ସ୍ନେହ ମୋ' ପରାଣେ ।
ସେତ ତୋ' ସନ୍ତାନ ତୋ' ଶୋଣିତବିନ୍ଦୁ,
ହେଉ ମୁସଲ୍ମାନ ଶିଖ ଜୈନ ହିନ୍ଦୁ,
ସେ ମୋହର ଭାଇ,    ଜାତି ତାର ନାହିଁ,
ସେ ମୋହର ପ୍ରିୟ ଭୁବନେ ।

## ଇମନ୍ କଲ୍ୟାଣ— ଏକତାଲ୍

ଏ ଶୁଭ ଯୋଗରେ ଏପୁଣ୍ୟ ବାସରେ ଦେଶପୁସନ୍ତାନ ଗାଅ,
ଉଠ ହେ ସରବେ ବରଜ ବଳାସ, ହେ ଦେଶ ସେବକ ଜ୍ଞାନୀ ଧୀର ।
ମନ୍ଦରେ ଭବ ମୋହନ ଛନ୍ଦେ ପୁଣ୍ୟମନ୍ତ୍ର ଝଙ୍କାର
ଉଠ ଉତ୍କଳ ଉଠ ଉତ୍କଳ ପାହିଲା ଅନ୍ଧାର । ୧ ।
ପ୍ରଫୁଲ୍ଲ ଆନନ୍ଦେ, ଉତ୍କଳପଦ୍ମ ବଦନ ତପନ ଦର୍ଶନେ,
ସିକ୍ତ-କୁସୁମ ହର୍ଷେ ଉଲ୍ଲସେ, ଶୁଭ୍ର ଶିଶିର ସୁଧା ବର୍ଷଣେ,
ଗମ୍ଭୀରେ ଘୋଷେ ସାଗର ଉର୍ମ୍ମି ପୁଣ୍ୟମନ୍ତ୍ର ଝଙ୍କାର,
ଉଠ ଉତ୍କଳ ଉଠ ଉତ୍କଳ ପାହିଲା ଅନ୍ଧାର ।
ଘେନ ନରନାରୀ ଅରେ ସବେଁ ମୁକ୍ତିମନ୍ତ୍ର ସୁମହାନ,
ସ୍ୱଜାତି ହସ୍ତରଚିତ ବସନେ ଭବେଶ୍ୱ ଲଭହେ ଉନ୍ନତ ସ୍ଥାନ ।
ଦୈନ୍ୟ ଦୁଃଖ ହରିବ ହେଲେ ପୁଣ୍ୟମନ୍ତ୍ର ଝଙ୍କାର
ଉଠ ଉତ୍କଳ ଉଠ ଉତ୍କଳ ପାହିଲା ଅନ୍ଧାର ।

## ଭୈରବୀ —କାଓ୍ୱାଲି

ଉତ୍କଳ ରାଣି ! ଭାରତ-ମଣି !
କୋଟି କଣ୍ଠ-କଳା ଲଳିତ ଝଣି ।
କଣ୍ଠ ସୁହାସିନୀ, ସୁମଧୁର ଭାଷିଣୀ
ଜନମନ ତୋଷିଣୀ ମୋହିନୀ ରେ
ସାଗର ଚୁମ୍ବିତ ପୁଷ୍ପ-କରମ୍ବିତ,
କୋଣାର୍କ-କାରୁ-ଗୁରୁ ଅଙ୍ଗିନୀରେ ।
ଗୁଞ୍ଜିତ ଭ୍ରମର, କୁଞ୍ଜ ସୁରଙ୍ଗିଣୀ
ଚକିତ ଚଲନ୍ତା ତରଙ୍ଗିଣୀ ରେ ।
ଭବଦୁଃଖ ବାରଣୀ ତାପ-ଜମ୍ବୁ-ତାରିଣୀ,
ଶୋଭିତା ବ୍ରାହ୍ମଣୀ-ବୈତରଣୀ ରେ ।

ଛବତା ବିଳାସିନୀ    ଏକାମ୍ର-ଆମୋଦିନୀ
ଉତ୍କଳ ମଞ୍ଜୁଳ ବେଶିନୀ ରେ ।
ଚୂତ ତମାଳିନୀ    ଶୈଳେଶ-ମାଳିନୀ,
ଗହନ ଘନ ମୋହନ କେଶିନୀ ରେ ।

କାହାକୁ ଡାକୁଛୁ ଆକୁଳେ ଜନନୀ,
କଏସେ ତୋ' ବୀର ସନ୍ତାନ,
ହୋଇ ଆଗୁସାର    ପ୍ରାଣ ବିନିମୟେ
ବଞ୍ଚାଇବ ତୋର ପରାଣ ।
ତେଜିବ ତୋ'ଲାଗି ସବୁ ସୁଖ ଆଶା,
ତୋ' ପଦପଙ୍କଜ ତର ପ୍ରତିଆଶା,
ତୁ ମୁକ୍ତି ତାହାର    ଅର୍ଘ୍ୟ ଭକ୍ତିହାର
ତୁ ସାଧନ ଧନ ମହାନ ।
ଜପି ନାମ ତୋର ଯାପିବ ଜୀବନ,
ମୋଟ କନ୍ଥା ତୋର କୋମଳ ବସନ,
ତୋର ମୋଟଭାତ,    ଦୁଃଖ ଦୈନ୍ୟାଘାତ,
ମଣିବ ସୁଖ ସେ ପ୍ରଧାନ ।
କାହିଁ ସେ ସନ୍ତାନ ସୁଶୀଳ ଚରିତ୍ର,
କାହିଁ ସେ ଉତ୍କଳୀ ମହତ ପବିତ୍ର,
ହେବୁଁ କେଉଁଦିନ    ତୋ' ସେବା ଭଜନ
ଆମେତ ଅଳସ ଅଜ୍ଞାନ ।
ଯଯାତି, ଅନଙ୍ଗ, ପୁରୁଷ ଉତ୍ତମ,
ଦେଶେ ଜନ୍ମି ଆଜି ହେଲୁ ନରାଧମ,
ଦେଖି ତୋ' ବିକଳ    ବସିଛୁଁ ଅଚଳ,
ଏହିକି ବିଧାତା ବିଧାନ ।

ବନ୍ଦ ମାତା ଚରଣେ ।
ଉଠ ହେ ଭଗିନୀ ଘେନି ଉଠ ନବପରାଣେ ।
ଆସିଛି ଆହ୍ୱାନ ଆଜ, କାହିଁ ରୁହ କାନ ବୁଜି,
ବିଳାସ ଲାଳସେ ମଜ୍ଜି କିପାଁ ଅଛ ଶୟନେ ?
ବହେ ଓଡ଼ିଆ ଶୋଣିତ, ତବ ଧମନୀରେ ଭ୍ରାତଃ ।
ସ୍ମର ତୁମ୍ଭେ ଆର୍ଯ୍ୟସୁତ ଉଠ ଉଠ ବହନେ ।
ଉଠ ଶିକ୍ଷିତ ସମାଜ, ଦେଶହିତେ ପ୍ରାଣ ତେଜ
ଉଠାଅ ଦୁର୍ବଳେ ଆଜ, ଉଦାର ଦେଶ ପ୍ରେମେ ।
ଉଚ୍ଚ ନୀଚ ଭେଦଜ୍ଞାନ ଭୁଲ ହିନ୍ଦୁ ମୁସଲ୍ମାନ
ଉତ୍କଳି ! ସରବେ ଲାଗ ଦେଶହିତ ସାଧନେ ।

ଜୟ ଜୟ ଉତ୍କଳେ !

ନାହିଁ କି ହିତୈଷୀ ଜଣେ ପ୍ରାଣ ଦେବ ସେ ହେଳେ ?
ସ୍ୱଦେଶ ଧାନ ସୁତର, ନୟନରୁ ବହେ ନୀର
ନାହିଁ କାହିଁ କର୍ମସାର, ବାକ୍ୟ ସାର ସକଳେ ।
ହେଲୁ କି ଓଡ଼ିଆ ହୀନ ଭୁଲିଲୁ କି ଦେଶ ପ୍ରେମ
ସ୍ୱାର୍ଥ ଅର୍ଥ ଚିନ୍ତା ଧେନ ବୁଡ଼ି ଗଲୁକି ଖେଳେ ?
ଭୁଲିଲୁ ପୂରୁବ କୀର୍ତ୍ତି, ପୂର୍ବ ପୁରୁଷର ଖ୍ୟାତି
ଭରତେ ଆଜ ସୁନାମ କି ଦୁଃଖ ଏଥୁଁ ବଳେ !
ଧନେ, ମାନେ ଜ୍ଞାନେ ପୁଣି ଥିଲୁ ଉତ୍କଳ ଅଗ୍ରଣୀ,
ଶିଳ୍ପ-କଳା ଏ ଭରତେ ବଖ୍ୟାତ ସର୍ବ କାଳେ ।
ଗଲଣି ଯିବାର ଯାହା, କାନ୍ଦିଲେ କି ହେବ ଆହା
ଉଠିବ ନାହିଁ କି ମାତା ଉତ୍କଳ ନବ ବଳେ ?
ଜାଗିବ ହେ କେଉଁ ଦିନ ପ୍ରାଣେ ପ୍ରାଣେ ଦେଶ ପ୍ରେମ
ଘେନି ଭଗ୍ନୀ ଦେଶ- କାର୍ଯ୍ୟେ ମିଳିବେ କୁତୂହଳେ ।

ପଲ୍ଲୀବାଟରେ ପଲ୍ଲୀଘାଟରେ ଦେଶ ପ୍ରେମୀ କର୍ମ୍ମଘାଟରେ
ଜନମିବେ ଶତ ଶତ ଧନ୍ୟ କରି ଉତ୍କଳେ ।

ଆଜି ନବ ଜୀବନେ ଜାଗ ବନ୍ଧୁଗଣ !
ଆଉକି ଆସିବ ବଳି ଶୁଭଦିନ !
ନ ରହ ଅଳସେ ଆଉ ଆଜିକାର ପାଇଁ
ବାଞ୍ଛିତ ଶୁଭ ଦିବସ ଆସେ କେବେ ଭାଇ ।
ବାନ୍ଧୁ ପ୍ରେମ ଛନ୍ଦେ ପ୍ରତି ପ୍ରାଣ ଯତନେ
ଆଶା ପୂର୍ଣ୍ଣ ପୂତ ଗୀତି ମନ୍ତ୍ର ତାନ । ୧ ।
ନାହିଁ ଶକ୍ତି, ନାହିଁ ଶୌର୍ଯ୍ୟ ନାହିଁ ଧନ ମାନ,
ମଳିନ ଆନନ ଜ୍ୟୋତିଃ ହୃଦ ତବ ମ୍ଳାନ,
ଆସ ତେବେ ଭାଇ ! ଆସ ଏକ ହୋଇ
ତେଜି ଲାଜ, ଗର୍ବ, ଦମ୍ଭ, ଅଭିମାନ । ୨ ।
ନାହିଁ ଯେବେ କିଛି, ଅଛି ଦେହ ପ୍ରାଣ ଦୁଇ,
ଜନ୍ମଭୂମି ମାତୃ ପଦେ ଆଜି ବଳି ଦେଇ,
ହୃଦ ଉଦ୍ବୋଧନା          ନୀରବ ସାଧନା
ଜାଗି ଉଠୁ ପ୍ରାଣେ ପ୍ରାଣେ ଦେଶ ପ୍ରେମ । ୩ ।
ଅସ ଆସ ଭାଇ ଭଗ୍ନି ଆସ ପ୍ରେମାନନ୍ଦେ,
ଆସ ଆଜି ବନ୍ଦ ବିଭୁପଦ ଅରବିନ୍ଦେ,
ଦେବେ ସେହି ଭକ୍ତି          କ୍ଷୁଦ୍ର ପ୍ରାଣେ ଶକ୍ତି,
ମରମେ ମରମେ ଶୁଭ କର୍ମ୍ମ, ଜ୍ଞାନ ।

ଉତ୍କଳ, ସାରଳା ଲୀଳା ବିଳାସିନୀ
ବାଣୀ ବିନୋଦିନୀ, ରସାଳିନୀ,
କୋଟି-କମ କାନ୍ତ କୁଞ୍ଜ-କାନନ
ମଞ୍ଜୁ ମଲ୍ଲିକା-ମାଳିନୀ ।

ନବୀନ-ବାସନ୍ତୀ କାନ୍ତି-ମାଳୀ
ନବ-ବିକଶିତ ଚୂତନବଆଳି,
ପୂତ-ପର୍ଣ୍ଣ-ପୂର୍ଣ୍ଣ- ଶୋଭା,
ତୁଳସୀ, ପଳାଶ, ମୃଣାଳିନୀ ।
କଳ କୋକିଳ-କାକଳି-ରେଳେ,
ଘନ ବନ ଗାଥି ନବ ଉଚ୍ଛୁଳେ,
ଅମୀୟ-ଅରୁଣ ବ୍ୟୋମ ଉଜ୍ଜ୍ୱଳେ
· ଗାଏ ତାନେ ତାନେ କଲ୍ଲୋଳିନୀ ।

ଉତ୍କଳ, ଶାରଦ ଶୋଭା ସୁହାସିନୀ;
ଲଳିତ ଶେଫାଳି-ସୁବାସିନୀ —
ପୁଷ୍ପ-ଆଳି-ପଦ୍ମ-ଶାଳି-ସମ୍ଭାରେ
କାଶ-ହାସେ ମତ୍ତ- କାମିନୀ ।
ଶୁଭ୍ର-ଅଭ୍ର-ଗୃହିଣୀ ନୌକା,
ଖେଳେ ତାର୍ ମାଳୀ ବିମାନ ଦୋଳା,
ଉତ୍କଳ-ବନ୍ଧୁ ଚନ୍ଦ୍ରେ ନୀଳ ମୁ
ସ୍ୱରଗ ଶିଖା ବିକାଶିନୀ ।
ସଦ୍ୟେ ସଦ୍ୟେ ଶକ୍ତି ପୂଜା,
ଦୈତ୍ୟ-ଦଳନୀ- ଦଶ ଭୁଜା
ଘରେ ଘରେ ଉମା ଆନନ୍ଦମୟୀ,
ଭକତ ମୁକତ-ବିଳାସିନୀ

ଜନନି ତୋହର ଅଧମ ସନ୍ତାନେ
ପାଳୁଛୁ ତୁ ସ୍ନେହ ଭୋଳେ
ଦୁର୍ବଳ ତୋର କ୍ଷୁଦ୍ର ଶିଶୁଙ୍କୁ, ରଖିଛୁ ତୁ ହେମକୋଳେ ।

ତେଣୁ ଗୋ ତୋହର ଚରଣତଳେ
ଆଜ ମୁଁ ଆଶୀଷ ମାଗେ ।
ଜନନି ଜନନି ପ୍ରାଣେ ମୋହର, ସତତ ସେହେ୍ନ ଜାଗେ ।୧।
ଜନନି ଜନନି ଉତ୍କଳ ଜନନି !
ବିଶ୍ୱେ ତୁ ବରଣୀୟା !
ଜନନି ଜନନି ! ଉତ୍କଳ ଜନନି
ହୃଦେ ତୁ ଆଦରଣୀୟା । ଧ୍ରୁ—
ଜନନି ତୋହର ମଧୁର ଅସ୍ୟେ
ମଧୁର ହାସ୍ୟ-ରାଶି,
ମୃଣାଳ ତୋହର ବିମଳ ଅମ୍ବରେ    ଉଜ୍ଜଳ ତାରା ଶଶୀ;
ମୋହନ ତୋହରି ଫୁଲ ଉପବନେ
ସୁରଭି ସୁମନ ରାଜି,
ରଖିଛୁ କାହିଁରେ ସାଜି   ମାଁ ଆ ଗୋ, ରଖିଛୁ କାହାରି ଲାଜି ।
ଜନନି ତୋହର କ୍ଷେତେ କ୍ଷେତେ
ପୀତ ଶସ୍ୟ-ଶୋଭା,
ଦୂର୍ବାଦଳେ ତୋ' ଅଙ୍କ କୋମଳ,    ମଞ୍ଜୁଳ ଶ୍ୟାମଳ ଆଭା
ଚୁମ୍ବେ ତୋହର ଅମଳ କମଳ
ଚରଣେ ଫେନିଳ ସିନ୍ଧୁ,
ମାଁ ଆ ଗୋ ମସ୍ତକେ ମଗେ   ତୋହର ଆଶୀଷ ଅମିୟ ବିନ୍ଦୁ ।
ଜନନି ! ତୋହର ଗୁରୁ ଚନ୍ଦ୍ରଭାଗା,
ପୁଣ୍ୟ ତୋହ୍ମା କାଠଯୋଡ଼ି,
ଭୁବନେଶ୍ୱରେ ତୋ' ଏକାମ୍ରକାନନ   ସୁନ୍ଦର କଟକ ପୁରୀ,
ରମ୍ୟ ତୋହର ଶତ ଗିରିବନ
ତୋହର ଆଶୀଷ ମାଗେ
ଦିଅ ଗୋ ଜନନି ! ଦିଅ ଗୋ ଆଜି    ଐକ୍ୟ କର୍ମ ଯୋଗେ ।

ଅଙ୍ଗନେ ଶାରଦ-ଲକ୍ଷ୍ମୀ ତୋହର
ପଦ୍ମର ପୂଜନ ମାତଃ,
ତରୁମୂଳ ଝରା ଶେଫାଳୀ-ମାଳାରେ
ସଦ୍ୟ-ଶିଶିର ସ୍ନାତ ।
କାଶ-କୁସୁମ ଶୁଭ୍ର ଚନ୍ଦନ,
ଶୀତସୁଗନ୍ଧ ନେଇ ନନ୍ଦନ
ବିଶ୍ୱ ବନ୍ଦନ-ପଦ-କୋକନଦେ
ଦେଇ, ଅର୍ଘ୍ୟ ସନ୍ଧ୍ୟା ପ୍ରାତଃ ।
ମାନସେ ପୀୟୂଷ ହରଷ ଭର
ଅଦୃଶ୍ୟ ସୋମ-ସୁମନ ସର,
ନଗ-ନିର୍ମ୍ମଳ-ଜଳ ମୁକୁତା ଧାରେ,,
ଶ୍ରୀପଦ ପୁଣ୍ୟ ଶରଧାସାରେ,
ଆଦରେ ଧୋଉଛି,
ଶସ୍ୟ ଶ୍ୟାମଳ ଆସ୍ତରଣେ
ଆସନ ଥୋଇଛି,
ବ୍ୟଜନରୁ ଆସି ସୈବଳ ଘନ
ସ୍ନିଗ୍ଧ ମୃଦୁଳ ବାତ !

ଆସ ଆସ ଶୁଭ ଭୁଜଶୀରୁ ଜାଳେ
ଆଜି କ୍ଷୁଦ୍ଧିବା ଅଳସେ,
ଲାଞ୍ଛନା-ବେଦନା — ଦୈନ୍ୟ ଅବହେଳା
ଭରିବା କରମେ ହରଷେ ।
ନୁହେଁ ଏ ଜୀବନ ଅସାର ଖେଳନା-
ଏ ଜୀବନ ପରି, ଆନନ୍ଦ-ଚେତନା,
ଶକତି ସାଧନା ଶକତି ବନ୍ଦନା
ସଙ୍ଗୀତେ ଜୀବନ-କଳସେ ।-
ଶକ୍ତି ରଙ୍ଗ ମଞ୍ଚେ ଆସ ଆସ ଧାଇଁ,.

ହେବା ଭକ୍ତ ଭବେଶ, ଶକତି ଦେଖାଇ,
ଶକ୍ତି ପୂଜା ଧର୍ମ ଶକ୍ତି ପୂଜା କର୍ମ
କଟାଇଁ ବସିଛ ବରଷେ ।
ଉଠ ଘର ଛାଡ଼ି, ଉଠହେ ସାଧକ,
ଉଠ ଆତ୍ମତ୍ୟାଗୀ, ଈଶ୍ୱର ସେବକ,
ଗଲା ବହି ଦିନ, ଗଲା ବହି ଦିନ
ଲୁହେ କାହିଁ ବସ ଅବଶେ ।

ବନ୍ଧୁ ଥାଉ ବନ୍ଧୁ ଥାଉ ହୃଦୟ ରଞ୍ଜନ
ଘୋର ଘୋର ମର୍ମ ଭେଦି ବନ୍ଧୁକ-ଘୋଷଣା,
ମରଣେ ମରିବ, କିନ୍ତୁ ନ କାନ୍ଦିବ
ଦେବ ତୋ' ଦୁଆରେ ଧାରଣା ।
ସହିଛୁ ସର୍ବସ୍ୱ ମୁଁ ଆଜି ସୁଧାଜ,
ତୋ' ଚିନ୍ତାରେ ମୋର ତନୁ ହେଲା କ୍ଷୀଣ,
ତୋ' ମାଟିରେ ମିଶ ହେବ ଶେଷେ ଲୀନ,
ଊଣା ନ ହେବ ମୋ' କାମନା ।
ଖଣ୍ଡ ଖଣ୍ଡ ତୋର ସୁକୋମଳ ଅଙ୍ଗ,
ଗଲା ଯାଇ ଛିନ୍ନ ଭିନ୍ନ ଏ କଳିଙ୍ଗ,
କେ ରହିଲେ କାହିଁ କେଉଁ ଲୋକେ ଚାହିଁ
ସହୁଛୁ କେବଳ ଯନ୍ତ୍ରଣା ।
ଦେଖି ତୋ' ଦୁର୍ଦ୍ଦଶା ଉଠେ ମୋର ହିଂସା,
ମୁକ୍ତି ନାହିଁ ଆଶା ନାହିଁ ମୋ' ଭରସା,
ଏତେ କଷ୍ଟ ଜାତ ଆଲିଙ୍ଗିଲେ ଚିତ,
ପ୍ରାଣ କେ ଧରିବ କହନା ।

ଜନନ ତୋହର ମୋହନ ମୂରତି
ମୋ' ପରାଣ ପ୍ରୀତି ଚନ୍ଦନ,
ଜନନ ତୋହର ଘନ ଗିରିବନ
ମୋ' ପାରିଜାତକ ନନ୍ଦନ।
ମଞ୍ଜୁଳ ମନ୍ଦାର ତୋର ବନଫୁଲ,
ତୋ' ଶ୍ୟାମ-ସରସେ ସୁଧାନନ୍ଦ ଠୂଳ,
ତୋର ମହାନଦୀ ଭବ ବନ୍ଧୁ ପନ୍ଥା,
ତୋ' ସିନ୍ଧୁ ଇନ୍ଦିରା-ସଦନ।
ତୋ' ମନ୍ଦିର ମାଳା ମୋ' ନେତ୍ରଅଞ୍ଜଳି,
ଧନ୍ୟ ତୋର ପୁରୀ ଚକ୍ରତୀର୍ଥ ବାଲି,
ଦୁର୍ଗ ବାରବାଟି ଧୀର ପୁଷ୍ପମାଟି
କପାଳ-ତିଳକ-ରଚନ।
ବେଦନାରେ ତୋର ପ୍ରାଣ ମୋ କାତର,
ଝରେ କେତେ ମାତଃ ତୋ' ଅଶ୍ରୁନିର୍ଝର,
ଦେବେ ପ୍ରାଣ ଚାହିଁ ତୋ' ସଙ୍ଗେ ମୁଁ କାନ୍ଦ
ଥାଇବ ସଂସାର ଜୀବନ।

ଚିର-ବନ୍ଦନୀୟା ରାଣି! ତୋର ଚରଣେ
ଆଣିଛୁ ବରଣ-ଡାଲା ସଜ ସୁମନେ।
ହାତଟାରେ ଟେକାଇ ଦ
ଲଭିବ ତୃପ୍ତି ଅପାର,
ଶୋଭିବ ପ୍ରେମ ମନ୍ଦାର ଫୁଲ ଚରଣେ।—
ପ୍ରେମ ମଲ୍ଲିମାନେ ଗଳା
ଭୂଷିବ ମୁକୁତା ମାଳା-
ଯିବ ଏ ଜୀବନ ମୋର ପାଦ ଅର୍ଚ୍ଚନେ।
ମାଳତୀ ମୁକୁଳ ଗୁନ୍ଥି

ସଜାଇବ କେଶପନ୍ତି
ବସାଇବ ରାଣୀ ମୋର ହୃଦ ଆସନେ ।
କେତକୀ ବକୁଳ ଗନ୍ଧେ
ଗୋଲାପ ପଦ୍ମ ଆନନ୍ଦେ-
ଛନ୍ଦିବ ଶ୍ରୀଅଙ୍ଗ ଚମ୍ପା ଚୂତ ବନ୍ଧନେ ।
ଦେବ ତୁଳସୀ ମାଳ
କୁନ୍ଦ ଶେଫାଳି ମାଳ
ସଜାଇବ ଅର୍ଘ୍ୟ ଥାଳି ଚୂଆ ଚନ୍ଦନେ ।

ହେଲେ ମୁଁ ଦୀନ ଉତ୍କଳ ! ଦୀନ ଉତ୍କଳ !
ମୋ'ଭରସା ହିନା ( ୩ )
ଓଡ଼ିଆ ବଳ ।
ଓଡ଼ିଆର ଦେହେ ଯେ ଶୋଣିତ ବହେ,
ଓଡ଼ିଆ ଚରଣେ ଯେ ଗୀତ ଶୋହେ,
ସେହି ମୋ' ସମ୍ବଳ ( ୩ )
ସର୍ବ ସମ୍ବଳ !
କାହିଁ ଦୁର୍ବଳ ମୁଁ କାହିଁ ଦୁର୍ବଳ !
ହେଲେ ମୁଁ ଦୀନ ଉତ୍କଳ ।୧।
ହେଲେ ମୁଁ ହୀନ ଓଡ଼ିଶା ! ହୀନ ଓଡ଼ିଶା !
ମୋ' ଭରସା ହିନା ( ୩ )
ଓଡ଼ିଆ ଭାଷା
ଓଡ଼ିଆ ବଦନେ ଓଡ଼ିଆ ସଦନେ
ରତନେ ରତନେ, ଯେ ବାଣୀ ସ୍ୱନେ,
ସେହି ମୋ' ସାଧନ ( ୩ )
ସର୍ବ ସାଧନ
କାହିଁ ନିର୍ଧନ ମୁଁ କାହିଁ ନିର୍ଧନ
ହେଲେ ମୁଁ ହୀନ ଓଡ଼ିଶା ।

# ନବବର୍ଷେ

ନିଶାନ୍ତ ସମୀର          ବହିଗଲା ଧୀରେ
    କୁଆଡ଼ାସା ହାସ-ହସ ଲଭିଲା,
ଦୂର୍ବାଗ୍ରା ସିନ୍ଦୂର          ଦୁଆର ମୁକୁଳି
    ଉଛୁଳିଲା ପ୍ରେମ ପ୍ରବାଳ ମାଳା ।
ନବ ବରଷର          ନବୀନ ଅତିଥି
    ଉଷା ଗଗନରେ ମୋହନ ବେଶେ,
କଳିଙ୍ଗ କୁଟୀରେ          ଜାଗିଲା ମଧୁରେ
    ପ୍ରଭାତ ସଙ୍ଗୀତ ହର୍ଷ ଆବେଶେ ।
ମନ୍ଦିରେ ଶୁଭିଲା          ଶୁଭ ଶଙ୍ଖ ସ୍ୱନ
    ପାହାନ୍ତା ପବନ ମୃଦୁ ହିଲ୍ଲୋଳେ ।
ଘନବନପାଖି          ଉଠିଲା ଉଛୁଳି
    ତରଳ କାକଳି କୋମଳ ସ୍ୱନେ ।
ଏ ସୁସ୍ମୃତି ଆଜି          ହରଷ ଅଧୀର
    ନବବର୍ଷ ଶୁଭ ପର୍ବ ପାଳନେ,
ବହିଲା ବିଶାଳ          ଆନନ୍ଦ ଜୁଆର
    ଭଗ୍ନପ୍ରାଣ ସର୍ବ-ଶୋକ-ହରଣେ ।
ଉଦୟର ପଥ          ଖୋଲିଲେ ଉଦାର
    ଜ୍ୟୋତିଃ-ସୀମନ୍ତିନୀ ଉଷା ଅଙ୍ଗନେ,
ତମୋ ଘୋର ଘୋର          ତରୁଣ ତପନ
    ବସିଲା ଅଭ୍ରଭେଦୀ ସ୍ୱର୍ଣ୍ଣ ଆସନେ ।
ଅମଳ-ଆନନ୍ଦ—          ସିନ୍ଧୁ-ସୁଧା ସ୍ନାନ
    ସାରି ଶୋଭେ ନବ ରବିର ହାସ,
କନକ-କିରଣ—          ବସ୍ତ୍ର ଉଦ୍ଭାସି
    ପରେ ପଦ୍-କାନ୍ତି ଉଷା ବିଳାସ ।
ସୁଜନ ଦୁର୍ଜନ          ଜାଗିଲେ ମୋହନ

ହସିଲା ଆନନ୍ଦେ ହସିଲ ଧରା
ଦିଶିଲା ବଦନେ ନବ ରବି ଛବି
ଅତୁଳ ଅମଳ ଜ୍ୟୋତି-ପସରା ।
ଗାଇଲେ ଲଳିତ କଣ୍ଠେ ପୁଲକିତ
ଜ୍ୟୋତି ବନ୍ଦି ଉଚ୍ଚ ବିହଗ ଗାନ,
ହସ୍ତ-ଶ୍ରେଷ୍ଠ-ଫୁଲ— ଗନ୍ଧ ପ୍ରେମ ପୁଷ୍ପ
ଅର୍ପିଏ ଦେଲା ଅମିଶ୍ର ଦାନ ।
ହସା ମୁଖମାରେ ଦେଖାଇଲା ସୁଭଗ
ପ୍ରେମ ପ୍ରେମ ବନ-କମଳ କାନ୍ତି,
ଚଞ୍ଚଳ ଚପଳ ଚକ୍ଷୁ ଚରିତର
ନରେଖିଦେଲା ନବ ମଙ୍ଗଳ ଶାନ୍ତି ।
ନୂପୁର ଜ୍ୟୋତି- ମୋତି ଭ୍ରମ ଦନ୍ତ
ସରମ ସୁନ୍ଦର ହେମ୍ବ କୋମଳ,
ସରସ-ଶ୍ୟାମଳ- ଘନ ଦୂର୍ବାଦଳ
ଦେଲେ ସୁଷମା ଦେଇ ଅଞ୍ଚଳ ।
ଅପୂର୍ବ-ଚରଣ- ସ୍ପୃଷ୍ଟ ଚୁମ୍ବନତ
ଆବେଶ ଢଳିଥିଲେ କୁଞ୍ଜ କବଶାଖ,
ଲଭିଲେ ଲଭେଷ ଫୁଟି ଫୁଲ-ଦାମ
ମନ୍ଦାର, ମଲ୍ଲିକା, କେତକୀ ଚୋଷ୍ଣ ।
ଭଳ ଭଳ ହୁଆ ନବ ଉଦ୍ଭିଦ,
ଅଶ୍ରୁ ଝଳମଳ ସ୍ୱଚ୍ଛ ଶୋଭିତ,
ଶିଥିଳ-ଚରଣ ଶର୍ତ୍ତ ସ୍ୱର ମୁଗ୍ଧ
ଭୃଙ୍ଗ-ମୃଦଙ୍ଗରେ କଲେ ଆଳାପ ।
ନବଋତୁ ବିକାଶେ ପଳାଶ, ଶାଳ୍ମଳୀ,
କୁସୁମ, ଅଶୋକ, କାଞ୍ଚନକେଶର,
ରଙ୍ଗ ଚନ୍ଦନର ତୁଳସୀ ରଙ୍ଗିଣୀ
ଢାଳିଲେ ବାସନା ଚିତ୍ତ ଅନ୍ତର ।

ବଂଶୀ ବୀଣା ତା'ରେ    ବାଜିଲା ସହସା
ଚମ୍ପା ଚୂତ କୁଞ୍ଜେ ପଞ୍ଚ ଲହରୀ
ମରମେ ମର୍ମ୍ମରି    ମୃଦୁଳ ମଳୟ
ମୁଦେ ନିମିଷକେ ଗଲା ସଞ୍ଚର ।

**ନବ ବରଷର    ନବୀନ ହରଷେ**
**ସଜାଡ଼ିଲେ ସର୍ବେ ଅର୍ଚ୍ଚନା ଥାଳୀ.**
**କି ଦେବୁ ଲୋ ପାଦେ    ଆଜି ତୁ ଉତ୍କଳ**
**ତପ୍ତ ଚିର ରକ୍ତ ପକା ଲୋ ଢାଳି ।**

ତୁଚ୍ଛା ସଜ ବାଜ    ନ ଚିହ୍ନିଲେ ଲାଜେ
ଛିନ୍ନ ପୁରାତନ ମଳିନ ସାଢ଼ି,
ପଡ଼ିଆ ପଡ଼ର    କୁଡ଼ିଆ କୋଣରେ
କେତେ କେତେ ହାସ ହରଷ ଗୁଡ଼ି ।
ପରଦେଶୀୟାର    ବସନ ଭୂଷଣେ
ହଳାହିମା ବେଶେ ନ ହୁଅ ବାଇ,
ପକା ମନେ ତୋ'ର    ପୂରୁବର ଦିଶି
କି ଥିଲୁ କି ହେଲୁ ତୁ କାହିଁ ପାଇଁ ।
କାହିଁ କୃଷ କରେ    କନକ କଙ୍କଣ
କାଚ ଚୂଡ଼ି ପଟେ ଏତେ ଆଦର,
କୁଙ୍କୁମ କସ୍ତୁରୀ    କେତକୀ-କର୍ପୂର
ଗୁଡ଼ିଲୁ ରସିଣ ପର- ଅତର ।
ଫୁଟିଛି ତୋହର    ଫଟା ପଦ୍ଧ ଶୋଷ
କପି ସାବୁନରେ ଘଷୁ ତୋ'ମୁଖ,
ନ ବୋଳ ଅଳତା    ଦୁର୍ବଳ ଚରଣେ
ରୋଗଶୋକେ ପଡ଼ ରହିଥା ମୂକ ।
ଜର ଜୀର୍ଣ୍ଣ ଶୀର୍ଣ୍ଣ—    ଛିନ୍ନ ତୁ ଦୁଃଖିନୀ
ନିଃସ୍ୱ ନିଃସମ୍ବଳ ନତ ଲଜ୍ଜିତା,

ଭାଙ୍ଗିଲେ ଭଗ୍ନତା ଧର ପଦାଙ୍କତା
ମଉଳେ ଜବାଣ୍ଟ କୋଟିଏ ପତଥା ।
ଆଉ ଥାଉ ମୋର ଚନ୍ଦନ-ରଚନା
ଏ ସ୍ରଜାଗ୍ନି ଆଉ ବନ୍ଦନା ନବଣ
ଦର୍ଶଣ୍ଟାସ ଉଠ୍ ଘଣ୍ଟି ମନ୍ଦରେ
ଗର୍ଭ ପ୍ରତିମା ଦନ୍ତ୍ରେର ଭେଦ ।
ନ ଶଙ୍ଖ ଆସ୍ଫାସେ ରୁଷ କର୍କଶ
ଭଙ୍ଗା ଖଞ୍ଜଣୀରେ ବିକଳସ୍ୱର
ନୀରବ ନର୍ତ୍ତନ ଦେଉଳ ମୂଳରୁ
କରୁ ହାହାକାର ପଟା ପଥର ।
ଭାଙ୍ଗ୍ କଲ୍ଲୋଳର ସିକତା ଶବ୍ଦେନ
ଜଳୁ ଦେଶା-ବନେ ଅନଳ ଶିଖା,
ଦର ଶୁଷ୍କ ହରେ ଭାଙ୍ଗ୍ନେ ହପଶ
ଭାଙ୍ଗ୍ ଦୃଢଶିଖ ଝୀଣ ତଳ୍କା ।
ଯା ମଳ ବେଣୀରେ ନ ଶୋଭେ ନରଣୀ
ଚମ୍ପା ଫୁଲ ଶ୍ରେଣୀ ସୁଷମା ଜରି,
ଆଉତ ଓଡ଼ିଆ ଦୂର ବିଦେଶରୁ
ନ ଆଣେ କୁବେର ଭଣ୍ଡାର କଣେ ।
ତେ ହିଁସ ପତ୍ର ଷାଉଳା ପାବଣ
ଦମ୍ଭର ଘରଷେ ପୂତ ବିମଳ
ତରଙ୍ଗ ତରଳା ଘୃତଚନ୍ଦ୍ରୋଜ୍ଜ୍ୱଳା
ମିଳା ଶତଦଳ ରମ୍ୟ ଉତ୍କଳ ।
ଜୋଳେ ଯା' ଜନମ ବୀର ଅଜୁନ
ସ୍ୱରୂପ ଭ୍ରମର, ଖମ, ଯଯାତି,
କେଶରୀ ବଂଶ ଯା' ବାହୁବ ଅଙ୍କ ଯେ
ଗଜପତି ତଟେଳ ଅଧମ ଜାତି ।

ଶିଳା ଶିଳ୍ପ ଛଳେ ଛନ୍ଦ କାବ୍ୟ କଳା,
କବିତାବଳୀ ରଚି କୌଶଳେ କାରୁ,
ପାଷାଣର ପର— ପାରେ ଯା' ସଭ୍ୟତା
ଶୋଭନ୍ତି ମନ୍ଦିର ମଣ୍ଡପେ ଚାରୁ ।
ଆଜି ସେ କନ୍ଦର, ଆଜି ସେ କଙ୍କର
କା' ପ୍ରାଣ ପାଷାଣ ସନ୍ଧିତ ଅଛି;
ଅଳସ ବିଳାସୀ ଆମେ କେ ସରବେ
କୋଟି କଷ୍ଟ ନବ ଅଙ୍ଗେ ନଖଛି !
ତଳା ଧର୍ମ କର୍ମ ସାଧନ ଭଜନ,
ଛେନେଲେଣି ମେଲାଣି ଶିଷ୍ୟ ଶାରଦା,
ଅନ୍ନପୂର୍ଣ୍ଣା ମାତା ଅନ୍ନ ଅଭାବରେ
ବସି ଶମଶାନେ କାନ୍ଦୁଛନ୍ତି ସଦା ।
ଶୈଳମାଳ ଚେକି ଜ୍ୱର ମେଲେରିଆ
କମଳ ପ୍ରଫୁଲ୍ଲ ପଲ୍ଲୀରେ ପଶି,
ପଲ୍ଲବ ପାଟଳ ପଲ୍ଲି ସୁଷମା
ଯାଉଛିଣି ସବୁ ଦେଖୁଛୁ ବସି ।
ଲକ୍ଷେ ରାଜାଙ୍କର ମଉଡମଣିର
ରାଇଜର ଲୋକେ ମଶାଣିମତା,
ଦୁର୍ଭିକ୍ଷବନ୍ୟା— ବିପତ୍ତି କଲାଣି
ଲକ୍ଷେ ପରଜାଙ୍କୁ ରାଇଜ ଛଡା ।
ଯୋଗଡ଼ ଚେଳପଟ, ଗଜାମୁଗ କନ୍ଦ,
ଚକଟା ଛତୁରେ ନ ବଳେ ମନ,
ତୁଳସୀର ତଳେ ମନ୍ଦ୍ର ବହୋର
ଛୁନ୍ଦ ଟଙ୍ଗି ଛଠେ ପଦ ସେବନ ।
ନୂଆ ସିଂହାସନ ଝଲକ କ ହେଲେ
ଡାକେ ଯୁଝିବ ସେ ଈଶ୍ୱର ଅବେ,

ଓଡ଼ିଆର ଦଶା ଓଡ଼ିଆର ଆଶା
ହେବକି ସଫଳ ଏ ଜଗତରେ ;
ଚରଣେ ମାଗୁଣି ଏତିକି ହେ ହରି
ନବ ବରଷର ଶୁଭ ଆଶୀଷେ,
(ଯେହ୍ନେ) ଛିନ୍ନ ସୁଷମା ଭିନ୍ନ କଳିଙ୍ଗ
ଅଚିରେ ଆନନ୍ଦେ ଏକାଠି ମିଶେ ।

( ବୈଶାଖ ୧୩୩୬ )

ଓଁ

-୦୦-

ଉତ୍କଳର ଶ୍ରେଷ୍ଠ ପଲ୍ଲୀକବି
ଜାତୀୟ କବିତାର ସ୍ୱଚ୍ଛ ପ୍ରସ୍ରବଣ—
ନିସର୍ଗ କମଳାର ବରପୁତ୍ର
ସାହିତ୍ୟ ଜଗତରେ ମୋହର ପିତୃପ୍ରତିମ

ରାୟ ସାହେବ ଶ୍ରୀଯୁକ୍ତ—

**ନନ୍ଦ କିଶୋର ବଳଙ୍କର**

ପବିତ୍ର ଚରଣ କମଳରେ, ଏହି ନବୀନ କବିତା-ଗୁଚ୍ଛ

# ଦୂର୍ବାଦଳ

ଭକ୍ତି ଓ କୃତଜ୍ଞତାର ନିଦର୍ଶନ ସ୍ୱରୂପ ଉତ୍ସୃଷ୍ଟ ହେଲା ।

ବାଲି,
ତା ୮।୨ ୧୯୨୭ ମସିହା ।

ଗ୍ରନ୍ଥକର୍ତ୍ତ୍ରୀ ।

# ଶ୍ରୀଯୁକ୍ତ ରାୟ ସାହେବ ନନ୍ଦ କିଶୋର ବଳଙ୍କ ପ୍ରତି

୧

କି ଭାବନା ଜାଗେ ପ୍ରାଣେ କରି ଦରଶନ,
ପୂର୍ଣ୍ଣେନ୍ଦୁ ଅମୃତ ହେରି ଅସ୍ତୋଦୟାସନେ,
ବିସ୍ତାରି ବିଶାଳବାହୁ ଉନ୍ମିଲିଲାଛନ୍ତେ ।
ବ୍ୟାକୁଳେ ଆକୁଳ ପ୍ରାଣ ଆନନ୍ଦେ ଉଚ୍ଛଳେ ।
ଫୁଟିଆସେ ଧୀରେ ଯଥା ନବ ଅରବିନ୍ଦ
ମନ୍ଦ ମଳୟ ମାରୁତ ଚୁମ୍ବନେ ମୋହନ,
ଧାଇଁ ଆସେ ଫୁଲ୍ଲ ମଲ୍ଲି ମାଳେ କି ମିଳନ,
ଚହଟି ଯାଏ କି କାନ୍ତ କେତକୀ କାନନ ।
ଉଷା ଅରୁଣିମା ତଳେ ଝଳେ ନବ ରବି
ଅନାଇ ଉଲ୍ଲାସେ ହସେ ସୁମନ ସୁନ୍ଦରୀ,
ଶ୍ୟାମଳ କୋମଳ ଦଳେ ହିମ ବିନ୍ଦୁ ଛବି
ଝଲକେ ଆଲୋକେ ବର୍ଣ୍ଣେ ଇନ୍ଦ୍ରଧନୁ ହରି ।
କନ୍ଦର କଣ୍ଟକ ହୁଏ ବନ୍ଧ କରି ପାଦ
ଲଭିଲି ଅକ୍ଷୟ ମହା ଗୌରବ ସମ୍ପଦ ।

୨

ତାଳ ନାରିକେଳ ମାଳ ସରସ ଶ୍ୟାମଳ
ବିରୂପା ଲହରି ଲୀଳା ଲୋଳିତ ଅଞ୍ଚଳ,
ବନ ବିହଙ୍ଗ କଳିତ ଲଳିତ କାକଳି
ଚଞ୍ଚଳ-ଚାତକ-ପଙ୍କ୍ତି କୁଞ୍ଜପୁର ଝଳି ।
ତହିଁ ତବ ନିକେତନେ ହେ କବି ବରେନ୍ଦ୍ର,
ପଶିଲି ମୋ' ପଦଯୁଗ କି ଯୋଗେ ମାହେନ୍ଦ୍ର ।
କି ଛଳେ ବିଧି ତା ଛଳି ଆଣିଲା ସେ ଠାଣି
କରି ହେଣୁ କବି ପ୍ରିୟ ବର-ବୀଣାପାଣି !
ପୂର୍ତ୍ତି ମୋ ଚନ୍ଦନବନ ଦର୍ଶନ ବାସନା
ନନ୍ଦନ ମନ୍ଦାର କୁଞ୍ଜେ ଛୁଇଁ ଅଭ୍ୟର୍ଥନା,

ଲୋଟେ ଯହିଁ 'ନିର୍ଝରଣୀ' ସ୍ୱର୍ଣ୍ଣ ଶିଳାତଳେ,
ବସନ୍ତ କୋକିଳ ଗାଏ ରସାଳ ଗହ୍ୱରେ ।
ନେତ୍ରମୋହ ପକ୍ଷୀଚୟ ପବନ ଗରିମା
ଉତ୍କଳ ପ୍ରାଣର ଜନ୍ମଭୂମି ଶ୍ରୀ ମହିମା,
ଯହିଁ ଅରଜବ ଶେଷ ମଣି କାଞ୍ଚନର
ନାନାବାଦ୍ୟ ଶିଶୁଗୀତେ ଉଚ୍ଛୁଳେ ଅନ୍ତର ।
ଯହିଁ ପୁଷ୍କରିଣୀଘରେ ଜଳକୁମ୍ଭ କରେ
ନୃତ୍ୟିତା କନକଲତା ମୃଦୁ ପାଦଭରେ,
ଓଡ଼ିଶାର ଅଢ଼ୁଆଳେ ଶର୍ମ୍ମିଷ୍ଠା ସୁନ୍ଦରୀ
ଶୋଭେ ନବଜଳଦରେ ସୌଦାମିନୀ ସରି ।
ଯହିଁ ଏକାଦଶଜନ ତବ ଶାନ୍ତିନାଶେ
ପରମ ଆଦର ସ୍ନେହେ ଯାପିଲ ଉଲ୍ଲାସେ,
ଶୁଣି କଣ୍ଠୁଳ ପହିର ପ୍ରଭାତ ସଙ୍ଗୀତ,
ହେରି ସାନ୍ଧ୍ୟତାରା ଶିଶୁ ଉମାକେ ବିସ୍ମିତ ।
ହେ କବି ହେ କବି-ଦଳ ବନ୍ଦନ ବରେଣ୍ୟ
ଧନ୍ୟ ମୋ ଜୀବନ ତବ ନିମନ୍ତ୍ରଣେ ଧନ୍ୟ ।
ନାହିଁ ମୋର ହୀରହାର କନକମୁକୁଟ
ଦେଉଛି ଏ ଦୂର୍ବାଦଳ ଭକ୍ତି ସୂତ୍ରେ ଗୁନ୍ଥା ।
ନିତ୍ୟହାସ-ଟଙ୍କ କବି ! ନ ଲୁଚିବ ମନେ
ପଢ଼ି ଏ ସୁନ୍ଦର ଏହ୍ନା ଦେବ ଅରଚନେ,
ଅଯୋଗ୍ୟ ଏ ଉପହାର ଅଟିବ ପଦ୍ମରେ
ଦେବ ଗୁଣୀଙ୍କର ନବ ଗୁଟିଏ ହମ ପଦରେ ।

୧୧ । ୫ । ୨୫ । { ସ୍ନେହାଧୀନା କନ୍ୟା
କୁନ୍ତଳାକୁମାରୀ ।

ଯେଉଁସବୁ ପତ୍ରମାନ କବିଙ୍କ ଲେଖା ପ୍ରଭୃତି ବନ୍ଧୁଙ୍କର ନାମ ।—

# ଦୂର୍ବାଦଳ ।

ନନ୍ଦନ ମନ୍ଦାରେ କାହିଁ ବା ପୂଜିବ
ଅଛୁ, ଯୋଡ଼ିଏ ତୁଳସୀ ପତର,
ସୁନା, ରୂପାରୁ ମୁଁ କାହୁଁ ଆଣିବ ଗୋ
ନାହିଁ ମୋ' ଚନ୍ଦନ, ଅତର ।
ଦୂବ, କୋଳପଣ ଆତପ ତଣ୍ଡୁଳେ
ସଜାଇଛି ପୂଜା ସମ୍ଭାର,
ହୀର ମୁକୁତା ମୁଁ କାହୁଁ ପାଇବ ଗୋ
ଗୁନ୍ଥିଛି ସୁମନ ସୁହାର ।
ଚମ୍ପରେ କାହିଁ ବା ସିଞ୍ଚିବ ଲୋଚନ-
ଜଳଲେ ରଖିଛି ଡନ୍ମାଇ,
ଜଣାନାହିଁ ବନ-ପଣିଆ ମୋତେ ଗୋ
ଅଛି, ନିର୍ମଳ ପ୍ରୀତିବନ୍ଧାଇ ।

ହୃଦୟ ମନ୍ଦିରେ ଅଜ୍ଞ ଆନନ୍ଦରେ
ଆଜିଲ କି ଦେବ ସୁମନ,
କେ ତୁମେ ହେ ବନ୍ଧୁ, କେ ତୁମେ ଅତିଥି,
କେ ତୁମେ ମୋ' ପ୍ରିୟ ସୁଜନ !
ମୃଦୁ ଚିହ୍ନା ଚିହ୍ନା ତଥାପି ଅଜଣା,
ଅଟେଣ ମନକଣେ ଟଣ୍ଠିକି ବେଦନା,
ହାସ ଟଳନର ଯାତନା ମଧୁର
କହୁଣି ମରମ ଦହନ ।
ନାଚିନି ମୋହନ ମୂରତି ନୟନେ !
ଅକା ମୋ' ଚରଣ, ନୟନେ ଅଧରେ,
ଜିହ୍ୱରେ, ସୁତନେ, ଯୋଗନେ ଗୋପନେ
ନିତିହିନ୍ଦ ହାସ ଜନନ !

ଅଧବାଟେ କାହୁଁ ଆସି ମିଳିଗଲ,
ଲୋଚନୁଁ ଆନନ୍ଦ ଅଶ୍ରୁ ବୁହାଇଲ,
ହରିଲ ନିମିଷେ ପ୍ରଣୟ ପରଶେ
ପରାଣ-ପାତକ ବନ୍ଧନ !
ମୋ'ସ୍ନେହ ରତନ ଆଦରେ ଯତନେ
ଦେଲି ମୁଁ ମରମେ ଶ୍ରୀପଦ-ବନ୍ଦନେ,
ପ୍ରୀତିର ବନ୍ଧନେ ବାନ୍ଧି ନିଶିଦିନେ
ହେ ମନ ନୟନ- ନନ୍ଦନ !

ବେହାଗ ଖମ୍ବାଜ—ତେଓଟ ।

ମୋର ନିଭୃତ ଗୋପନ ମରମେ
ଆସଇ କେ ଆସଇ,
ପ୍ରେମ ମୋହନ ମଧୁର ପରଶେ
ରସଇ କେ ରସଇ !
ଏହି ଅପାର ସୁନ୍ଦର ସଂସାରେ,
ପମ୍ଭୀର ସଧୀର ସଞ୍ଚାରେ
ଆସଇ କେ ଆସଇ !
ଫୁଲୁ ତାରକା-କୁସୁମ-ସୁହାସେ
ହସଇ କେ ହସଇ,
ସୁଧା ବସନ୍ତ ଅନିଳ ହିଲ୍ଲୋଳେ,
ସାଗର ସୁନୀଳ କଲ୍ଲୋଳେ,
ଖସଇ କେ ଖସଇ !
ମୋର ଅସ୍ଫୁଟ ଗୋପନ ବେଦନେ,
ଆସଇ କେ ଆସଇ !

ବେହାଗ ଝାମ୍ପ—କାଓ୍ୱାଲି ।

ତବ ପ୍ରେମ ପାଇଁ କୁଣ୍ଠିତ ହେ ବନ୍ଧୁ
    କୁଣ୍ଠିତ ମୋ' ସାରା ପରାଣ,
ଶକତ, ମୁକତ, ବଦ୍ଧ ବନ୍ଧନରେ
    ନ ହେବ ଏ ଦୁଃଖ ବାରଣ ।
ସପତ-ସ୍ୱରଗ ଭୋଗ ଲାଗି ପ୍ରଭୁ
    ନାହିଁ ମୋ' ତିଳେକ ବାସନା,
ସଦା ତବ ଧ୍ରୁବ-ଶିବ ପଦ ପ୍ରାନ୍ତ
    ନାହିଁ ମୋର ଆନ ସାଧନା ।
ନ ସ୍ପୃହେଁ ମୁଁ ରମ୍ୟ ରଜତ କନକ,
ନ ହେବ ଅମ୍ବର ମୁକୁତା ମାଣିକ,
ବିନା ପାଦୋଦକ, ନ ମେଣ୍ଟିବ ଦଗ୍ଧ
    ତୃଷ୍ଣ ମୋ' କଣ୍ଠ-ରସନା !

ବାହାର—ଏକତାଲା ।

ଅଯି ମୋର ପ୍ରାଣେ ହେ ଶକ୍ତି ମୋହର
    ଜ୍ୟୋତିର୍ମୟ ଶ୍ୟାମ ସୁନ୍ଦର ।
ନବୀନ ଜଳଦ-ମଲାରେ ବରଷି,
ବିଜୁଳି ଅଲୋକ-ଝଲକରେ ହସି,
ଜଳଧି ପ୍ରବଳ ପୁଲକେ ଉଚ୍ଛ୍ୱସି,
    ବ୍ୟାପ ମୋ' ହୃଦୟ-ଅବନୀ-ଅମ୍ବର ।
କନକ-କିରଣେ ରବି-ତାରକାର
ହର ମୋ' ଅନ୍ତର ସର୍ବ ଅନ୍ଧକାର,
ହାଣିଦିଅ ଲଭି ଚରଣ-ପ୍ରହାର
    ଭୁଞ୍ଜ ଅହଂକାର ଉନ୍ନତ ଶିଖର ।

ତବ ଶ୍ରମବିନ୍ଦୁ ନବୋଦ୍ଗମାଳମାରେ,
ଫୁଟି ଉଠୁ ମୋର ଅନ୍ତରେ ବାହାରେ,
ଲଭି ଅପମାନ ଲଭୁ ଅବସାନ,
ହୃଦପଦ୍ମେ ପାଉ ଆସନ ସୁନ୍ଦର ।

ହିନ୍ଦୁ-ଖାମ୍ବାଜ—କାଓ୍ୱାଲି ।

କେବେ କରିଥିଲ ମନା
ହୃଦପଦ୍ମେ ଆସନ,
ମୋ'ମନ କର-ରଚନା
ବସିବେ ମୋ' ପ୍ରିୟତମ :

ବିଶାଳ ବିଶ୍ୱର ରାଜା,
ଘେନିବେ ମୋ' ତୁଚ୍ଛ ପୂଜା,
ଏ ତ ମୋର ଅହଂକାର
ଦେବ ମାନବ ବନ୍ଦନ !

ଦେଖ ଧରି ତାଙ୍କ ହାତ,
ହୀନ ମନେ କ ବିସ୍ମର,
ଆସ ମୋ' ଧାନ କୁଟୀରେ
ଆସ ମୋ' ମନ ମୋହନ !

ନୁହେଁ ତବ ମୁଁ ସୁନ୍ଦର,
ଦରିଦ୍ର ଗୁଣର ଇତର,
ଏତେ କରୁଣା କର
ତବ ପ୍ରୀତି ପୁଣ୍ୟ ଧନ ।

## ମିଶ୍ର କାନଡ଼ା—ଏକତାଲା।

ପ୍ରେମବନରେ କାହିଁ ଯାଉଛ ଗହନେ
        ପ୍ରେମ କରିବା ମୋ' କରଣୀ,
ପ୍ରେମ ଅଙ୍କୁର ହେଲ କେଳି ହସା
        କୃତାର୍ଥ ମୁଁ ଧନ ଧନୀ।
ତ ରଜନୀ ନେ'ନାହିଁ ବୋଲି ବନ୍ଧୁ
        ଜଳ ଯା ଥରତେ ମାଗୁଣି,
ସେ ନୂହେ ମୋ ଅଙ୍ଗ ମୋ' ଚରଣ ଦଣ
        ଦେଲ ଦେ ଦେ ନରଣୀ।
ଲଭ ଧରିଲେ ମୁଁ ବୁଝି ମନୋଲୁମେ
        କାଢ଼ିଲ ଜୋଇ ଧରଣୀ,
ସେତକ ନୂହେ ମୋ' ଚେମା ଟଣିଆ
        ଦେଖାଇ ଦେଲ ସେ ଧରଣୀ।
କଙ୍କର ଚୋଳିଙ୍କ ଦରପ ମେ ଭଞ୍ଜ
        ତୋଳ ଛମ୍ମନୁ ଖଣ୍ଡଣୀ,
"ଆପଣାର ଲୋକ" ବୋଲି ଯା' କହିଲ
        କରି ନେଲ କର ଧାରଣୀ।

## ମିଶ୍ରକାନଡ଼ା—ଏକତାଲା।

ଧନ୍ୟ ଏ ଜଗତେ        ବିଶ୍ୱ ଜନ୍ମ ଦେଇ
        ଧ୍ୟେୟ ଦୂରନ୍ତ ହେ !
ମନେକର ମରତ,        ଚ ଝରେଲ ଚରଣ,
        ଯାହା ଲୋକର ଭୂଷ ହେ।

୧ । ଚଉଦିଗେ ଦେଖି ବିଶାଳ ବିସ୍ତାର,
ଭୀଷଣ ଏ ଭବ ମହା ପାରାବାର,
ଦୁଃଖ ଝଞ୍ଜା'ଘନେ କର୍ମେ ଅପଘାତ,
କେହି ନାହିଁ ସାହା ମୋହର ହେ ।
୨ । ପ୍ରେମ ନାଉରି ! କର ମୋତେ ପାରି
ଦୀନନାଥ ନାମ ସାର୍ଥକ ବିଚାରି,
ମୋ'ପରି ସୁଦୀନ ଭବେ କେହି ଆନ,
ଅଛି କି କରୁଣା ବିତରି ହେ ।
୩ । ଅକୂଳ ଅତଳେ ନାବ ଟଳମଳ,
କାତରେ ପସିଣ ଅନ୍ତରେ ବିକଳ,
ଶେଷ ଆଶା ମୋର ସୁଦୟା ତୁମ୍ଭର
ନୋହିଲେ ଗ୍ରାସିବ ଲହରୀ ହେ ।

କାନାଡା—ଏକତାଲ

ଦୁଃଖ ଦେଇ ମୋତେ ଦୁଃଖରୁ ଯେସନେ
ଲଭିବି ମୁଁ ଚିର ତରଣି,
ସ୍ନେହ-ଡୋରେ ଗୁନ୍ଥି ଅବଶ୍ୟ ସେ,
ଧରୁ ମୋର ମୀନ-ପରାଣ । ଧ୍ରୁ ।
ଭବ ମାୟା ଜଳେ ରହିଛି ମୁଁ ବୁଡ଼ି,
ମୋ' ଚିର-ସମ୍ପଦ ପ୍ରେମାନନ୍ଦ ହୁଡ଼ି,
ନେଇ ମୋତେ ଧରି, ମୋ' ହୃଦୟ ଚିରି
ଦିଅ କାଢ଼ି ତପ୍ତ-ଶୋଣିତ ନିଷାଣ । ୧ ।
ମରି ମୁଁ ଯାଇବି ତୋ' ପ୍ରେମଲାଗି
ପାଇବି ସରବ ସରବ ତ୍ୟାଗି,
ହଜିବ ମ' ମୋର, ହରିବ ସଂସାର,
ପୂରଣ କରିବୁ ହେ ଜଗତ ପ୍ରାଣ ।

ଅର୍ପିଲି ବନ୍ଧୁ ଗୋ ପାଦ ରେ ତୁମର
ପ୍ରେମମୟ ମୋର ହୃଦୟ
ନ ମୂଲ୍ୟଇ ତୁମେ ଛଡ଼ାଇ ଦେଲ ଗୋ
କାନ୍ଦ ମୁଁ ହେଉଛୁ ଅଥୟ ।
ଆହିଲି ପୂଜା ମୁଁ ଦେବର ତୁମର
ହୃଦର ମୋ' ମନୋକମଳେ,
ଯେନା ଭରୁଛ ତ ଦୂରେ ଥାଉ ତୁମେ
ପାଦରେ ଦଳିଲ ହେଳେ ।

ଗାଉଛିଲି ବସି ମୁଁ ଦୁଆରେ ତୁମର
ବଢ଼ାଇଣି ଦୁଃଖ ଗୀତେ,
ଶୁଣିବା କଥାତ ଦୂରେ ଥାଉ ତୁମେ
ଭାଙ୍ଗି ଦେଲ ମୋର ଗର୍ଜ୍ଜିଣ ।

ଦୃଷ୍ଟି ଆହିଲି ମୁଁ ଯେତେ କତ କତ
ତେତେକ କରିଲ ପରଗୋ,
ଯେତେ ବନ୍ଧୁପଣ ଭ୍ରମଣ କରିଲି
ତେତେକ କରିଲ ଦୂର ଗୋ,
ତେତେ କନ୍ଦୁ ମତା ଜୀଅିବ ତ ମୃତ
ନ ଦୈଛି ମୁଁ ତୁମ ଛଳନା,
ହୃଦର କଠୋର ଦେଲତରେ ହିଡିର
ପ୍ରୀତିଟି କରିଛି କଳନା ।

କଟୁ ବଚନର ଅନ୍ତରାଳେ ଲୁଚ
ରହି ନ ପାରୁନ୍ତି ହସଟି,
ମନର ପରଖ ମନ ସିନା ସଖା
ସୁନାର ପରଖ କଷଟି ।

ଭୈରବୀ—ଏକତାଲି ।

ଆଦର ସୁଧୀରେ ଡାକିଲ ପ୍ରଭୁ ହେ
ଆଦରତ ହେଲି ମଳିନ,
ଝରିଗଲି କେତେ ଅଶ୍ରୁ ଶିଶିରେ
ଶୁଖିଲିତ ଚିତ୍ତ-ନଳିନ ।

ଦ୍ୱାରେ ଦ୍ୱାରେ ବୁଲି ଏ ଭିକାରୀ ଦଶା,
କାନ୍ଦି କାନ୍ଦି ଲାଜେ ହେଲିଣି ବିବଶା,
ନ ଶମିଲା ତୃଷା ନ ପୂରିଲା ଆଶା
ଅନାଇ ତପତ ପୁଳିନ ।

ଧୂଳି ମୁଠା ଯେବେ ଥିଲି କି ହେ ଗଢି,
କିଆଁ ଫୁଟାଇଲ ହୃଦ କୁନ୍ଦକଳି,
ଝଡ଼ିଲା ଅକାଳେ, ସଢ଼ିଲା ଜଞ୍ଜାଳେ
ଧୂଳିରେତ ହେଲା ବିଲିନ ।

ବଡ଼ ଆଶା କରି ଆସିଥିଲି ପ୍ରଭୁ
ପଦଟିଏ କଥା ଶୁଣିବି,
ବଡ଼ ଆଶା କରି ବସିଲି ଦୁଆରେ
ନୟନ ପୂରାଇ ଚାହିଁବି ।

ତୁମ ଦାସ-ଦଳେ ମୁଁ ସବୁଠୁ ଊଣା
ତେଣୁ କି ବାଞ୍ଛିତ ନ ହେଲି କରୁଣା,
ଆସିଥିଲି ମନେ ଯେବେ ଯା' ଫୁରୁଣା,
ଏବେ ନୟନେ ନେଉଛି ଗୁଲବ ।

ଥାଉ ଥାଉ ତବ ପ୍ରେମିକ ପଣିଆ,
ମୁଁ ଥିବ ସଂସାର କଙ୍କାଳ ଅଳିଆ,
ମୋ ନାଚପଣରେ ଥିବ ମଉଜରେ
ତହିଁ ଜୀବନ ସଫଳ ମଣିବ ।

ଯାଏ ଯହିଁ ପ୍ରଭୁ, ସୁଖଶ୍ରେକ ଭୂଇଁ
ଶ୍ରୀଚରଣ-ପଦ୍ମ ଛାୟାରେ,
ଆଉ ନ ଭୁଲିବ · ଦୂରେ ପଳାଇବ
ଅସାର ସଂସାର ମାୟାରେ ।

୧—ମଣିବ ଜୀବନ ଚରମ ସାର୍ଥକ,
ହୃଦୟୁଁ ତୁଟିବ ବୃଥା ଭୟ ଦକ,
ପିଇ ପାଦୋଦକ ଭୁଲିବ ମୋ ଶୋକ,
ଲଭିଛୁ ନତ ଯା କାମ୍ନାରେ ।

୨—ବହୁ କେତେ କ୍ଳେଶ କେତେ ପଥ ଗଲି,
କେତେ ମରୁଭୂମି ଦୁଃଖ ତପ୍ତବାଲି,
କେତେ ଶ୍ରମ ବାରି ନଦୀ ସିନ୍ଧୁ ପାରି
ପାଇଛି ତୋହର ଦୟାରେ ।

୩—ଏବେ ତୋ' ଚରଣେ ସେବକର ସ୍ଥାନ,
ଅଳୁଣିତେ ପ୍ରଭୁ କର ମୋତେ ଦାନ,
ସେ ମୋ ମହାମାନ, ସେ ରାଜ ସମ୍ମାନ,
ସେତକ ଆଶା ମୋ' ହିଆରେ ।

ନିବିଡ ଘନ ତାମସୀ ରଜନି,
ହୁଅ ସଙ୍ଗୀ ମୋର ଦୁର୍ବଳ ଯାତ୍ରୀ ।
ଆକାଶେ କଳା ନୀରଦ ଭାସେ,
ଦିଗ୍‌ବଳୟୁ କୋଳେ ବିଜୁଳି ହସେ,
ନିରାଶ ପ୍ରାଣ, କମ୍ପିତ ତନୁ,
ବୁଡିବ ତରୀ ଭାବନା ଭାରି,
ଗମ୍ଭୀର ଏ ଭୀମ ସାଗର ତଳେ ।
ହୁଅ ସଙ୍ଗୀ ମୋର ଭବଭୟୁ ହର,
ଦୁର୍ବଳ ମୁହିଁ ଯାତ୍ରୀ
କ୍ଷୁବ୍ଧ ସାଗର କ୍ଷୁଦ୍ର ତରଣୀ,
ଝଞ୍ଜା ଭୀଷଣ ରଜନି ।

ଚତୁର ବଣିଆ ପରି ଭବ-ବଜାରେ
ମଉଜେ ମାତନ୍ତି ମନ କିଣା ବିକାରେ ।
କାହିଁ ଲାଭ କାହିଁ ତ୍ରୁଟି
କାହିଁ ହସ ଉଠେ ଫୁଟି,
କାହିଁ ବିଷାଦ ଭ୍ରୂକୁଟି,
କାହିଁ ବା ସର୍ବସ୍ୱ ହାରେ । ୧ ।
ଆସନ୍ତି ଖାତକ ଛଳେ,
ଯାନ୍ତି କେତେ ଦଳେ ଦଳେ,
ଅସଲ ଜଣକ ଚିହ୍ନା
ନ ପଡେ ଏତେ ଧନ୍ଦାରେ । ୨ ।
ତା ମୁଖ ଦେଖିବା ଲାଗି
ଆଖି ମୋ ରହିଛି ଜାଗି,
ହେବି ମୁଁ ସର୍ବସ୍ୱ ତ୍ୟାଗି
ଦେଖିଲେ ବଦନ ବାରେ । ୩ ।

ଛାଡ଼ି ଏ ଭବ ପସରା
ଧାଇଁ ଯିବ ପଛେ ତ୍ୱରା
ସକଳ ଅନର୍ଥ-ସରା
ସେ ପ୍ରେମ-ମନ୍ଦିର-ଦ୍ୱାରେ । ୪ ।

ଲୁଟି ଖାଉ କେ ମୋ' ଧନ
ତହିଁ ନ ହେବ ଉଚ୍ଛନ୍ନ,
ସେ ହେବ ମୋ' ଜ୍ଞାନ ଧ୍ୟାନ
ମୋର ସରବ ସଂସାରେ । ୫ ।

ଖଟ୍ ଭୈରବୀ—ଏକତାଲି ।

ସେତ ଆଦରର ଧନମଣି !
ମୋ' ପ୍ରାଣ ରତନ, ହୃଦୟ ମୋହନ,
ପୂର୍ଣ୍ଣ ପ୍ରେମ-ସୁଧା-ଖଣି । ଧ୍ରୁ ।

ପରମ ସୁନ୍ଦର ପ୍ରେମ ପ୍ରଭାକର
ମୋ' ଆତ୍ମା କମଳ, ବନ୍ଧୁ ସୁବିମଳ,
ମୋର ସର୍ବସାର ଜଗତ ଆଧାର
ପୁଣ୍ୟମୟ ଗୁଣମଣି । ୧ ।

ପବନେ ଉଛୁଳେ ତା' ସ୍ୱର ଲହରୀ,
ଫୁଲେ ଫୁଲେ ଫୁଟେ ତା' ରୂପ ମାଧୁରୀ,
ବାତୁଳ କଲା କି ଅତୁଳ ଆନନ୍ଦେ
ମନ ମୋର ନେଲା କିଣି । ୨ ।

କି କହିବି ଆଉ ନ ଆସଇ କଥା,
ଚରାଚରେ ପରା ବାଜଇ ମୋ' ବ୍ୟଥା,

ପୁଲକ ଆକୁଳେ          ଘସେ ନେତ୍ର ଜଳେ
ଦବାନଶି ଗୁଣ-ଗୁଣି । ୩ ।

ଅସାର ସଂସାରେ ନାହିଁ ମୋର ଆଶ
ମାଗେଁ ଶୀତସ୍ନିଗ୍ଧ ଶ୍ରୀପଦ ସାରସ
ସେ ଏକା ମୋଧନ          ସେ ଏକା ମୋ'ଧ୍ୟାନ
ଚଉେ ପ୍ରେମ ଚନ୍ଦ୍ରାମଣି !

ସିନ୍ଧୁ ଖାମ୍ବାଜ୍ ଜଲଦ ଏକତାଲ୍ଲ ।

ସୁନ୍ଦରେ ସୁନ୍ଦରେ ହୃଦୟ ମୋହର
ହେଉ ନାଥ ତବ ସୁନ୍ଦର !
ମଧୁରେ ମଧୁରେ ହୃଦୟ ମୋହର
ହେଉ ନାଥ ତବ ମଧୁର । ଧ୍ରୁ

୧ କ୍ଷୁଦ୍ର ମୁହିଁ ପ୍ରଭୁ ଯଦି ବଳହୀନ,
ନୁହେଁ ତୁମ କୃପା କରଣେ ନଉନ,
ମଉନେ ବସିବ ଚରଣ ନଳିନ-ତଳେ ତବ ଛବ କିଙ୍କର ।

୨ ଭୁଲାଇବ ମୋତେ କି ଦେଇ ହେ ପ୍ରଭୁ
ତୃଣ ତୁଲ୍ୟ ମଣେ ତୁମ ବିନା ସବୁ,
ହେ ଭୁବନେଶ୍ୱର ତୁମେ ମୋ'ଈଶ୍ୱର, ମୋ ଚରମ ଶାନ୍ତି ସାଗର ।

୩ ଗୃହେଁ ନାହିଁ ନାଥ ମାନ ଗଉରବ,
ଗୃହେ ନାହିଁ ସୁଖ ସମ୍ପଦ-ଗରବ,
ହଭୁତ ସରବ ତବ ଅସରନ୍ତି ଦିଅ ପ୍ରେମ ସୁଧା ନିର୍ଝର ।

ବେହାଗ ଖମ୍ବାଜ—କଓ୍ୱାଲି ।

ସକାଳରୁ ସଞ୍ଜେ  ତୁମରି ଲାଗି ମୁଁ
ଅନାଇ ବସିଛି ପଥେ,
ଘୁଡ଼ ଽରଥରେ  ଆଖି ଝର ଝରେ
ଆସିଲ ଆସିଲ ସତେ । ଧ୍ରୁ ।

ସାରା ପରାଣଟା ତୃଷାରେ ପୂର
ହାରା ମରମଟା ହେଉଛି ଝୁର,
ଶୀଘ୍ରେ ଶୀଘ୍ରରେ  ଚମକେ ବିଜୁଳି
ଛଳିଲ ଛଳିଲ ପରା ।
ହିମି ହିମି ଦେଖୁ  ଗୋଟାକ ମୋହର
ଅବିଶ୍ୱାସ ଘେରେ ତ୍ୱରା ।

ତୁଚ୍ଛାକୁ ତୁଚ୍ଛାକୁ  କାନ୍ଦିବସେ ମାନେ
ଜୀବନ ରହିବ ସତେ,
ଏତେ ଦୁଃଖ ଯଦି  ଦେବ ଭାଳିଥିଲ
ତେବେ କିଁ ନ କହିଲ ମୋତେ ।

ସିନ୍ଧୁ—ଆଡ଼ାଠେକା ।

କହରେ ମନ ଥରେ
ମନେ ସେକି ନ ପଡ଼େରେ ।
ତେଜର ଅରୁଣ ଛବି  ସ୍ଫୁରୁ କରେ ମୁଖରବି,
ଲୋଚନୁ ପଡ଼େ ସ୍ରବି,
ଦ୍ରବି ଅନ୍ତର ଅଶ୍ରୁରେ ।

ପଥେ ହେଉ ପଥ ହରା,
ଖୋଜି ବୁଲୁ ବିଶ୍ୱସାରା,
ନ ଲଭି ପ୍ରାଣ ପ୍ରିୟଂ
ପଥ ପ୍ରାନ୍ତେ ତୁ ବସୁରେ ।

ନୀଳ ଗଗନ ଚୁହିଁ
କାହିଁ ଯାଉ ମନ ଧାଇଁ,
କିଏ ତୋ ହୃଦ ସାଇଁ,
କାହା ପାଦେ ତୁ ରସୁରେ

ଲୁଣ ରୁ କରୁ ଜ୍ଞାନ
ସରବ ସଂସାର ମାନ,
ସେ ତୋର ଜ୍ଞାନ ଧ୍ୟାନ,
କାହା ଶରଣ ପଶୁରେ ।

ବେହାଗ ଖାମ୍ବାଜ—କାଓ୍ୟାଲି ।

ଆସିଲ କେ ଏ ନିଶୀଥେ ମୋହର କୁଟୀର ଦ୍ୱାରେ,
କି ଘେନି ପୂଜିବି ପାଦ ମାଗିବି ମୁଁ କାହାଠାରେ ।

ମଳିନ ହୃଦୟଭୂଇଁ ପୀଡ଼ିତ କାତର ମୁହିଁ,
ଆସନଟି ସୁଦ୍ଧା ନାହିଁ ଏ ଭଗନ କୁଡ଼ିଆରେ ।

ଘେନେ ଅତି ପାନତମ ଜାଣିଛି କି ପ୍ରିୟତମ,
ଅଛି ମୋ ମନ-ସୁମନ ନୟନଭରା ଆସାରେ ।

ଦେବି ମୁଁ ଚରଣେ ଢାଳି, ଯାହା ଜୀବନ ସଙ୍ଖାଳି,
ପାନତା ହୀନତା ମୋର ହଜିବ ହେ ପୂର୍ଣ୍ଣତାରେ ।

କହ କୋକିଳ ! କି ଗାନ ଗାଉ ହରଷେ ।

ଆକୁଳ ବ୍ୟାକୁଳ ହୁଆ,
ନିମିଷେ ପରାଣ ନୁଆ,
ନାଚେ ମନ ଥେଇଁ ଥେଇଁ
ଭାବ-ଉଲ୍ଲାସେ;

କହ ତୋ' ପଞ୍ଚମ ତାନେ;
କି ସୁଧା ବରଷେ କାନେ,
ଝୁରୁ କି ବସନ୍ତ ପ୍ରାଣେ
ମୋହନ ବେଶେ । ୧ ।

ଦିଶେ ଦିଶେ ଫୁଲ ରାଶି,
ଦିଶେ ଦିଶେ ବାଜେ ବଂଶୀ,
ଉନ୍ମତ୍ତ ପରାଣ ମୋର
ପ୍ରେମ ଆବେଶେ;

ଯିବି କି ରହିବି ଘରେ,
ତନୁ ଥରେ, ଆଖି ଝରେ,
ଚଞ୍ଚଳେ ଚମକେ ଚିତ୍ତ
ଲାଜ ପରଶେ ।

ଆସ ଆସ ବୁଲି ଦକ୍ଷିଣା ପବନ ।
ଚୁମ୍ବି ଧୀରେ ଫୁଲ ଶିରେ ମହକ ମୋ ହୃଦବନ,
ଫୁଟି ଉଠୁ ଶଶି-ହାସ,
ଝରି ପଡ଼ୁ ଫୁଲ ବାସ,
ଗଗନେ ଗହନେ ରସି ପରଶ ମୋ' ପ୍ରାଣ ମନ ।
ଜାଗୁ ଜୀବନେ ମୋହନ ମୂରତିଟି ଘନ ଘନ

ବାଜୁ ମରମେ ସେ ବୀଣା,
ଚଉଦ ଭୁବନ କିଣା,
ଆକୁଳ ଅଧୀର ହୃଦୟ ଲଭୁ ଆନନ୍ଦ-ବନ୍ଧନ,
ଅରୂପ ପଦ୍ମର ପଦ୍ମେ ଆତ୍ମା ମୋ'ସର୍ବସ୍ୱ ଧନ ।

କହ ମନ କାହାକଥା ଝୁରୁ ବିରଳେ ।
କିଏ ସେ ତୋ' ପ୍ରାଣସଖା,
କା' ପାଦେ ତୋ ଚିତ୍ତ ଯୋଖା,
ଚମକେ ପୁଲକେ ଚିତ୍ତେ ପ୍ରେମ ଉଚ୍ଛୁଳେ ।

କାହାର ସେ ରୂପ ତୋର,
କୋଟି ଭୁବନ-ପାସୋର,
ରବି ଶଶୀ ତାରକାରେ ଛବି ଉଜ୍ଜ୍ୱଳେ । ୧ ।

ନୀରବେ ନୟନାସାରେ,
ଗୁନ୍ଥୁ କି ମୁକୁତା ହାରେ,
ଅରପି ଗଳାରେ ବାରେ ଚୁହିଁବୁ ଖେଳେ ।

ନୁହେ ଦିନ କର ପ୍ରୀତି,
ଜନ୍ମ ଜନ୍ମ ଗଲାଣି ବିତି
ତୁ ତାହାର ସେ ତୋହର ଯୁକ୍ତ ଯୁଗଳେ ।

ଆହା ! ଶୁଣିଲି ସତେ କି ଗାନ
ସୁରଟି ରହିଲା ମରମରେ ଜାଗି ଭୁଲିଗଲି କଥାମାନ
କେଉଁ ଦୂରବନେ ବାଜିଲା ବୀଣା,
କାନେ କି ପଶୁଣୁ ମରମ ଜାଣା,

କେତେ ଯେ ବଷଦ, କେତେ଼ ଅବସାଦ,
ଶୁଣିସେ ଲଳିତ ତାନ । ୧ ।

ମୋ ଜୀବନ କୁଞ୍ଜେ ସଗିଣୀ ତାର,
ଗଗନେ ପବନେ ଶୁଣେ ସେ ସ୍ୱର,
ଭ୍ରମର ଗୁଞ୍ଜନେ କୋକିଳ ପଞ୍ଚମେ,
ତା ସୁକଣ୍ଠ କରେ ଜ୍ଞାନ । ୨ ।

ଜାଗ୍ରତେ ସ୍ୱପନେ କରମ ଧାନେ,
ଶୁଣେ କି ତା ସ୍ୱର ବାଜୁଛି କାନେ,
ନୀର ଝର ଝରେ, ପତ୍ର ମର୍ମରେ,
ଚମକି ଉଠେ ମୋ ପ୍ରାଣ । ୩ ।

ଅଦୃଶ୍ୟ ସେ କାର ଅଙ୍ଗୁଳି ସ୍ପର୍ଶେ
ବାଜି ଉଠେ ହୃଦ ତନ୍ତ୍ରୀ କି ହର୍ଷେ,
ସ୍ୱର ଦେଇ ତହିଁ ଗାଏ କେ ଗୋପନେ,
କରି ନବ ଜୀବ ଦାନ । ୪ ।

ଦୁଅରେ ଆସି ତୁମେ ଡାକଗଲ ବାର ମ୍ବାର
ଶୁଣି ନ ଶୁଣିଲୁ ପରି ରହିଲୁ ମଉନେ,
ଯାଚି ଦେଲ ହାତେ ଅଣି ଆନନ୍ଦ ସମ୍ଭାର,
ଗୃହିଁ ନ ଦେଖିଲୁ ମଥା ରହିଲୁ ନଇଁନେ,
ଢଳେ ନବେଢିଲୁ ଅଖି ମାୟା ଭୋଳେ,
ଶୁଣି ନପାରିଲୁ ଡାକ ଭବଗୋଳେ,
ଡାକିଲୁ ନେବାକୁ କୋଳେ
ଫେରି ନ ଗୃହିଁଲ ତୋଳେ,
ଏବେ ବଞ୍ଚିବି କାନ୍ଦି କପରି ତୁମ ବହୁନେ । ୧ ।

ଏବେ ମନ ମାୟା ଭ୍ରମ ହେଲା ଛିନ୍ନ,
ଖୋଜି ବୁଲେ ଚରାଚରେ ପଦଚିହ୍ନ ।
ଏବେ ମୋ ଝରୁଛି ଲୁହ,
ବକ୍ଷ ଭିଦ ରୁଛି କୋହ,
ଏବେ ଆସ ସଖା ହୃଦେ ଆସ ଡ଼ାକେ କରୁଣେ ।

ପାର ଯଦି କହି ମୋର ହୃଦୟର ଆକୁଳତା
ସରମେ ଚରଣ ତଳେ କହିବି ମରମ କଥା ।
ପୋଛି ଦେବ ଯଦି ମୋର ନୟନର ଅଶ୍ରୁଜଳ
ଲିଭାଇବ ଯଦି ମୋର ଅନ୍ତରର ଦାବାନଳ,
ତେବେ ନାଥ ଚରଣରେ, ଜୀବନରେ ମରଣରେ
ଥିବି ବନ୍ଧା, ଥିବି ନତ ତରୁ ପଦେ ଲତା ଯଥା ।
ସିଞ୍ଚି ଦେବ ଯଦି ପ୍ରାଣେ ସଞ୍ଜୀବନୀ ସୁଧା ଧାର,
ଫୁଟାଇବ ହୃଦବନେ ନବ ଆଶା ଫୁଲହାର,
ତେବେ ନାଥ ଚରଣରେ, ଜୀବନରେ ମରଣରେ
ରହିବି ହର ଆଶ୍ରିତ, ତେଜି ଜଗତ ମମତା ।

ମୋର ବ୍ୟର୍ଥ ନୟନଧାର !
କଠିନ ତୋହର ପାଷାଣ ପରଶେ
ବାଜି ନ ବାଜଇ ପର ।
ହସେ ନିଜ ମନେ କାନ୍ଦେ ନିଜ ମନେ
ନିଜଗାନେ ଆତ୍ମହରା ।
ନିଜର ବେଦନା ନିଜେ ମୁଁ ସହେଁ,
ନିଜ କରମରେ ମରେ ବା ବଞ୍ଚେ,

ବୁଲେ ମିଛେ ମିଛେ ଦୁଆରେ ଦୁଆରେ
ସହି କେତେ ଶୀତ ଖରା ।

ତେବେ ତବ ଦୟା ନୋହିଲା ତିଳେକ
କେତେ ସହିବ ଏ ଅଧମ ସେବକ,
କେତେ ବହିବ ମୁଁ ଏ ଶଶ୍ୱ-ବଜାରେ
ଲାଜର ମଳିନ ପସରା ।

ଯାହାଥିଲା ମୋର ଶୁଝିଲି ତୋ' ଦେଣା
ପାଉଣା ଛାଡ଼ି ମୋ କହରେ,
ମୋ' ଠାରୁ ମୋହର ସକଳ ବେଦନଣ
ଛଳନା କପାଇଁ କହରେ ।

ଶୁଝିଲି ତୋ ଋଣ କରୁଣା ଆଶାରେ,
ବୁଡ଼ାଇ ମାରୁରୁ କପାଁ ନରାଶାରେ,
ବସିବି ଦୁଆରେ କେତେ ଦିନ ଆଉ
ଝରୁଛି ମୋ ଆଖି' ଲୁହରେ ।

ମଧୁର ବଚନେ ହରିଲୁ ମୋ ମନ,
ଏବେ ନିଜରୂପ କରୁରୁ ଗୋପନ,
ଅନାଇଁ ଅନାଇଁ ହୁଏ ମୁଁ ଉଛନ୍ନ
ଚନ୍ଦ୍ରାତାପେ କଟା ଦହରେ ।

ହରଷେ ପୂରିଛି ବିଶ୍ୱ
ପୂରିଛି ସାରା ପବଣ,
ଦେଖେଁ ସେ ଦିନେ ଯେ ଦିନେ
ତମ୍ଭୁଁ ଲଭେ ଚରଣ ।

ଯା'ହାକୁ ମଣେ ମୁଁ ଦୁଃଖ,
ସେତ ମୋ ପରମ ସୁଖ,
ପିଞ୍ଛି ପାଣି ଯାକେ ପଗ
ଘୁଚେ ପୀଡ଼ା ଅଙ୍ଗମାନ ।

ଥିଲି ଅବା ସୁନାଖଣ୍ଡ,
ଅନଳେ ଦେଲକି ଦଣ୍ଡ,
ଖାଦ-ଜଳଙ୍କ ଛଡାଇ
ଦେଲ କି ରମ୍ୟ ରସାଣ ।

ସ୍ତବ୍ଧ ଗମ୍ଭୀର, ମଧ୍ୟ ନିଶାରେ, ଡାକିଲେ,
ପ୍ରଭୁ ଆସିବ କି ?

ପର୍ଣ୍ଣ କୁଟୀରେ, ମାଟିରେ ଲୋଟି, କାନ୍ଦିଲେ,
ପ୍ରଭୁ ଶୁଣିବ କି ?

ତୁଙ୍ଗ-ଶିଖରୀ-ଉଚ୍ଚ ଶିଖରେ,
କ୍ଷୁବ୍ଧ-ତରଙ୍ଗ-ଶ୍ୟାମ ସାଗରେ
ଘନ ବିପିନେ ଡାକିଲେ ଘନେ, ଆସିବ କି ?
ଅଶ୍ରୁ-କାତର-ମ୍ଳାନ ମୁଖେ, ଧ୍ୟାଇଲେ ଦୁଃଖ ନାଶିବ କି ?

ଯେତେ ଶୋକେ ସୁଖେ, ହରଷେ,
କୁଟୀରେ ହର୍ମ୍ମ୍ୟେ, ଦେଶେ, ବିଦେଶେ,
ଆସିବ ପ୍ରାଣେ ଶାନ୍ତି-ବେଶେ,
ହରିବ ଶ୍ରାନ୍ତି ହରିବ କି ?

ଭବ-ବିଜନ-କଣ୍ଟକ ବନେ ବୁଲିଲେ
ହାତ ଧରିବ କି ?

ପ୍ରେମ ପରଶେ କଲୁଷ ନାଶି
ଦୁର୍ବଳ ଆତ୍ମା ତୋଷିବ କି ?
ସର୍ବ୍ବେ ତ୍ୟାଗ କରବେ ଯେ ଜନେ
ସେ ଜନେ ପାଶେ ବସିବକି ?

ବରଷ ବରଷ ପଥ ପରିଭ୍ରମି
ହରଷେ ପନ୍ଥରେ ମିଳିଲି,
ଜଣା ହିନ୍ଦୁ ସଙ୍ଗେ ମିଶିଲି ପସଏ
ସକଳ ଦୁଃଖ ମୁଁ ଭୁଲିଲି ।

ଶତଦଳ  ଦଳେଁ କନକ କିରଣ,
କୁମୁଦେ ଚନ୍ଦ୍ରମା-ସୁଧା ବରଷଣ,
ଫୁଲ କୋଳେ ଅବା ଭ୍ରମ ବନ୍ଧୁ ଶୋଭା,
ତବ ପ୍ରେମ ହୃଦେ ଲଭିଲି । ୧ ।

ତବ ପ୍ରେମ ସାର, ସକଳ ଭୁବନେ,
ସାଗର ଶୋଭିତ ସେ କେଉଁ ରତନେ
କ୍ଷଣିକ ମଣିରେ ଜଣେ ପ୍ରେମ ଜ୍ୟୋତି,
ଉପମା କାହିଁ ନ ପାଇଲି । ୨ ।

ସଫଳ ଆନନ୍ଦ, ସଫଳ ଜୀବନ,
ଦେବତା ସଙ୍ଗେ ଏ ମଙ୍ଗଳ ମିଳନ,
ଭକତି, ମୁକତି, ମିଶି ମୋକ୍ଷ, ଶାନ୍ତି,
ପଦତଳ ଧୂଳି ହୋଇଲି । ୩ ।

ଦଗଧ ମରୁ ପ୍ରାନ୍ତରେ,    ତାପିତ ତୃଷିତ ଅନ୍ତରେ
ମାୟା ମରୀଚି ଭ୍ରାନ୍ତ, କ୍ଷୀଣ କ୍ଷୁଦ୍ର ପାନ୍ଥ,
ଚାଲି ଚାଲି ତତଲା ବାଲିରେ
ପସ୍ଥିର ମୋ.ତ୍କଟ ଶ୍ରାନ୍ତ,

ବଡ଼ ଦୀନ ଦୁର୍ବଳ,
ଶେଷ ପଥ-ସମ୍ବଳ,
ଆରତ ଏଥି ଶୁଣିବ କେହ୍ନ
( ଏତ ) ନିର୍ଜ୍ଜନ ଏକାନ୍ତ !

ତବ କୃପା ଦୁଆର,
କରୁଛି ଜୁହାର !
କହ ଆଉ କେତେ ଦୂରେ
( ପ୍ରଭୁ ) ଅନାଥ ନାଥ !

ଜୀବ ଯଦି ଯିବ ଛୁଡ଼ି
କୃପା କରି କି ହେବ ହେ !
ଚାହିଁ ଚାହିଁ ନ ପାଇବି ନ ଚାହିଁଲେ କି ଦେବ ହେ ।

ବଞ୍ଚିଥିବି ଯେତେଦିନ,
ନିତ କଷଟେ ମୁଁ କ୍ଷୀଣ,
ଧୂଳିରେ ହେଲେ ବିଲୀନ,
ଦୟା ଢାଳି କି ହେବ ହେ ।

ଅବା ଆଶୀଷ ଆସାର
ହୃଦର ଅଗ୍ନି ତଡାରି.
ହେବି ଯହିଁ ଭସ୍ମସାର
ତହିଁ କି ଲାଭ ହେବ ହେ

କଡ଼ାକର ମୂଲ୍ ନାହିଁ ମୋର
କ ଦେଇ ମୂଲ୍ଲଇବ,
ତବ ଅପୂର୍ଣ୍ଣି ମୁଁ ପ୍ରଭୁ
କ ଦେଇ ଭୁଲ୍ଲଇବ !

ସବୁ ମୋର ଅଧା ଅଧି,
ମାୟା ମୋତେ ଛନ୍ଦାଛନ୍ଦି,
ତଳେ ପ୍ରୀତି ନାହିଁ ପ୍ରାଣେ
କ ଦେଖି ଭୁଲ୍ଲଇବ ।

ଶିରେ ମୋ ସ୍ୱହସ୍ତ ଧନ୍ଦା,
କର ଚରଣ ମୋ ବନ୍ଧା,
କଠିନ-ଭବ-ନିଗଡ଼େ,
କ ବାଟେ ବୁଲାଇବ ।

ଦୂର ପଥ ଧାଇଁ          ଆସିଛୁ ହେ ବନ୍ଧୁ,
ବ୍ୟଗ୍ର ଚଞ୍ଚଳ ଚରଣେ,
ତବ ସ୍ନେହାଞ୍ଚଳେ          ମୁଞ୍ଛ ଲୋଚନ
ବେନି ମୋ' ଭରସା ପରଶେ ।

ସଞ୍ଚିଛୁ ସୁହାଗେ ଅନୁରାଗ ରାଶି
ବାଞ୍ଛିଛୁ ତୁମର ଆଦର ପ୍ରତ୍ୟାଶି
କେତେ ଯାଏ ଫେର          କେତେ ଆସି ଆସି
ଲାଜ-ବିଜଡ଼ିତ ଚରଣେ ।

ସାରା ସଞ୍ଜେ ବସି ବିଫଳ ରୋଦନ,
ଆକାଶେ ଖଣ୍ଡିଲି ହୃଦୟ ବେଦନ,

ସମୀରେ ସଙ୍ଗେ କଲି ନିବେଦନ,
    ନିରାଶା ଦଗଧ ପରାଣେ ।

ସହି ନ ପାରିଲି ଆଉ ଏ ଯାତନା,
ଧାଇଁଲି ତୋ ପାଶେ ଆକୁଳ ଉନ୍ମନା,
ଏବେ ଯା' ବିହିତ କର ତୁ ଦଇତ
    ବିରହ ମଉନେ ମରଣେ ।

ହେଲେ ମୁଁ କ୍ଷୁଦ୍ର କମଳ—କ୍ଷୁଦ୍ର କମଳ ହେ ।
ହେ ପ୍ରେମ-ମଞ୍ଜୁଳ,       ହେ ରବି ଉଜ୍ଜ୍ୱଳ,
ମୋ' ଭରସା ସିନା ଚରଣ ତଳ,
    ହେ ପ୍ରେମ-ବିମଳ ।

(୧) ଧାନ ଶତଦଳ, ହସ ଢଳ ଢଳ, ପୂର୍ଣ୍ଣ ପରିମଳ,
    ପ୍ରେମ ପ୍ରଫୁଲ୍ଲ,
    ଭରସା ସିନା ହେ ଚରଣ ତଳ
    ମୋ' ରବି ଉଜ୍ଜ୍ୱଳ
    ହେ ପ୍ରେମ ନିର୍ମଳ ।

(୨) ପଙ୍କ ଖାତେ ଲୋଟି ଉଠିବାତ ଫୁଟି,
    ରବିକର ଲଭି, ମୋହନ ଛବି
    ଭରସା ସିନାହେ ଅମୃତ-କର
    ହେ ରବି-ସୁନ୍ଦର
    ହେ ପ୍ରେମ-ସୁନ୍ଦର ।

ହେଲେ ମୁଁ କ୍ଷୁଦ୍ର ପୁଷ୍କର ।
ହେ ପ୍ରେମ ମଧୁର, ହେ ପ୍ରେମ ଉଦାର

ମୋ' ଭରସା ବିନା ଅମୃତ କର ହେ
ହେ ପ୍ରିୟ ସୁନ୍ଦର !

ଭ୍ରମର-ଅରୁଣ          ହରଣ-ହରଷ
ହିଲ୍ଲୋଳେ ମାନସ ମୃଣାଳେ,
ହସିବ ଉଜ୍ଜ୍ୱଳ          ସ୍ନେହେ ଢଳ ଢଳ
ଭକତ-କମଳ କଳ୍ପନେ ।

ଏତକ କରୁଣା ନୋହୁ ଊଣା ବନ୍ଧୁ,
ଝର ଦଉ ଚୋର ଅଶ୍ରୁ ହିମ ବିନ୍ଦୁ,
ଶୋଭିବ ସୁନ୍ଦର          ମନୋଜ୍ଞମ୍ବର
ରବି ଖର-କର-ମାଳେ ।

ଦଳେ ଦଳେ ତାର ସୁଷମା-ଲହରୀ,
ନୀଳ ଜଳ କୋଳେ ପ୍ରେମାବେଶେ ଥରି,
ଶତ ପ୍ରତିବିମ୍ବ          ସଲମ୍ବୁ ଚୁମ୍ବନେ
ସୃଜିବ ଇନ୍ଦ୍ର-ଜାଲେ ।

ମିଛେ ଅଭିମାନେ          ମନର ଗୁମାନେ
କାନ୍ଦେ ହୃଦେକର ହାଣି,
ନିଶିଦିନ ମୋତେ          ରଖିଛ ମନରେ
ଭୁଲେ ତାହା ଜାଣି ଜାଣି ।

ଦୁନିଆ ଯାକର ଜଞ୍ଜାଳରାଶି,
ଗୋଟାଏ ମୁଁ ଲୋଡ଼େ ମୋ ସୁଖ ନାଶି,

କେତେ କଦର୍ଥନା        ଦାରୁଣ ଯନ୍ତ୍ରଣା
ଗଦାଏ ସଘନେ ଆଣି । ୧ ।

ତବ ସ୍ୱଚ୍ଛ ପ୍ରେମେ ବୋଳେ କେତେ କାଳି,
ମନୋ ବନ ଦୁଃଖ ଦାବାନଳେ ଜାଳି,
ଦଏ କେତେ ଗାଳି        ମନେଁ କେତେ ଖଳି,
ଅବିଶ୍ୱାସ ଆଣେ ଟାଣି । ୨ ।

ତଥାପି ତୁମର ନାମ ଜପାମାଳି
ତବ ଶ୍ରୀଚରଣ ଜୀବନ ସଙ୍ଖାଳି
ଖୁନ୍ଦେଁ ଆଶା ପଥ        ହୋଇ ମୁଁ ଉନ୍ମତ
ବୁହାଇ ତପତ ପାଣି । ୩ ।

ଫୁଟି ଉଠୁ ପ୍ରଭୁ ପରାଣ-ବେଦନା
କନକ କେତକୀ-କୁସୁମେ
କଣ୍ଟା କୋଣେ କୋଣେ ସୁବାସ ଭିତର
ରହୁ ଅନ୍ତରାଳେ ମଉନେ ।
ନୟନ କାହାର ନ ଦେଖୁ ତା ଶିରୀ,
ମଧୁ ଲୋଭେ ଭୃଙ୍ଗ ନ କରୁ ଗୁଞ୍ଜରି,
ଦୂରେ ଦୂରେ ଯାଉ ସମୀର ସଞ୍ଚରି
କମ୍ପାଇ କୋମଳ ବଦନେ ।
ହୃଦୟ ତାହାର ଲାଜ-ଆବରଣେ,
ହେବ ନିବେଦିତ ଦେବତା ଚରଣେ,
ଝରି ସ୍ୱର୍ଣ୍ଣ-ରେଣୁ ପଦରେଣୁ ସଙ୍ଗେ
ମିଶିବ ପ୍ରେମାଲିଙ୍ଗନେ ।

ସତ୍ୟକୁ ଲୁଚାଇ        ନିଜକୁ ବଞ୍ଚାଇ
ମିଛର ପସରା ଧରିଛୁ,
କୁରୂପ ଯତନେ        ଲୁଚାଇ ରତନେ
ଆନ ବେଶ ଅଙ୍ଗେ ବହିଛୁ,

ଛିଦ୍ରମର୍ମ ଛଳନା ଚିର ବ୍ୟବସାୟ,
ହୀନତା ଢାଙ୍କିବା ନିତ ଅଭିପ୍ରାୟ,
ଆନ ସ୍ୱରେ କଥା        କହି ସୁଗମ୍ଭୀରେ
ନିଜର ମହତ୍ତ୍ୱ କହିଛୁ । ୧ ।

ତୁମେ ଯେତେ ଉଚ୍ଚ ତହୁଁ ବଡ଼ମାନ,
ସାରା ବିଶ୍ୱେ ଲୋଡ଼େ ନୃପେଶ ସମ୍ମାନ,
ଉଠାଇ ଗଗନେ        ଅହମିକା-ଶିଖା
ସରିତେ ଚରଣେ ଦଳିଛୁ । ୨ ।

ତୁମର ଆଗରେ ପଡ଼ିଲି କି ଧରା,
ଚହଟେ ଚକ୍ଷୁଣ ପୋଛି ଗଲା ହରା,
ଲାଜେ ଥକା ମରା        ନଇଁଲେ ଚରଣ,
କହ ମୁଁ କପଟ ବସିଛି । ୩ ।

ତୁମର ଦମ୍ଭର ଏବେ ମୁଁ ଭିକାରୀ,
ନଦାଥ ଘଉଡ଼ି କର୍କଶେ ଧିକ୍କାର,
ଚୂଳିବଣ୍ଟୁରା        ହୃଦୟ କରୁର
ବଡ଼ପଣ ମୋର ହରିଛି । ୪ ।

ପ୍ରାଣ-ପଲ୍ଲବେ ପ୍ରଭୁ !        ଅହତ ନ ଫୁଟେ
କମ-କମଳକଳିକା,
କି ଘେନ ଥୋଇବି,        ପୂଜା ସଜାଡ଼ିବି,
ରଚିବି ରମ୍ୟ ମାଳିକା । ଧ୍ରୁ ।

ନନ୍ଦ-ନନ୍ଦନ ଗନ୍ଧ ହିଲ୍ଲୋଳେ,
ନ ଭାସେ ହସ-ରସ-କଲ୍ଲୋଳେ,
ନ ରଞ୍ଜେ ଉଜ୍ଜ୍ୱଳ        କାଞ୍ଚନ- ମଞ୍ଜୁଳ,
ରବି ରୁଚିର କର-ତୁଳିକା ।

ଉଡ଼ି ପଳାଇଛି ଆନନ୍ଦ-ଅଳି,
ନାହିଁ ସେ ଝୁଳି,        ନାହିଁ କାକଳି,
ଶୂନ୍ୟ କୋକିଳ କାନନସ୍ଥଳୀ,
ଶୁଖିଛି ପ୍ରୀତି-ମଲ୍ଲିକା ।

ସଫଳ ମୋହର ହଜନ୍ମ ଗବେଁ ଭାଗ ବସାଇବ ଆସିକି ।
ଫଳତ ଏବେ ନକର କପାଁ ମୋ ତୀବ୍ର ବାସନା ଗଣିକି ।

ବହୁଦୂର ପଥ ଚାଲିବି ଆଶ୍ୱାସେ,
ପ୍ରତି ପଦ କ୍ଷେପେ କଣ୍ଟକ ପରଶେ,
ଛିଣ୍ଡିବ ଅଙ୍ଗ- ବସନ ଖଣ୍ଡିବ
କଣ୍ଟାବାଡ଼େ ବାଜିକି,

ଖାଇବି କେତେ ମୁଁ ବରଷା ଖରା
ଲୁହେ ଯିବ ତନ୍ତ୍ର ତପତ ଧରା,
ଦୂରେ ଦୂରେ ଥିବ କଥା ନକହିବ
ଛଳି ମୋ' ଯାତନା ରାଜିକି ।

ଶେଷେ ପହୁଞ୍ଚିବ ବାଞ୍ଛିତ ବନ୍ଦରେ,
ଧରିବ ସଙ୍ଗ କି ପ୍ରେମ ଫନ୍ଦରେ,
ପକାଇ ଫାନ୍ଦେ, କପଟ ଛନ୍ଦେ,
ପଦତଳେ ଦେବ ବାନ୍ଧିକି,

ଚିର ଜୀବନ ମୋ ଅଶ୍ରୁ-ଅଙ୍କିତ,
ଫଳେ ଶେଷେ ହେବି ବଞ୍ଚିତ ବର୍ଜ୍ଜିତ,
ଥିବ ଯା ସଞ୍ଚିତ କଞ୍ଜ ଚରଣେ ଦେବି ମୁଁ
ଆନନ୍ଦେ ବାନ୍ଧିକି ।

ଲୋଡ଼ା ନାହିଁ ମୋର ମଣିଭୂଷଣ ଗୋ
ସୁବାସେ ନୋହିବ ସଜ,
ଲୋଡ଼ା ନାହିଁ ମୋର ବିଶ୍ୱ ଐଶ୍ୱର୍ଯ୍ୟ
ମାଗେଁ ମାତ୍ର ପାଦରଜ ।

ଲୋଡ଼ା ନାହିଁ ମୋର କୀରତି କେତନ
ଉଚ୍ଚ ସ୍ତବ ସ୍ତୁତ ଦାଣ୍ଡରେ,
ମାଗେଁ ମାତ୍ର ତବ କରତାପଣିୟୁ
ମୋର ହୃଦ ଧରା ଖଣ୍ଡରେ ।

ସଖା ! ପୋଛିଦେବୁ ଅଶ୍ରୁଧାର !
କୁଟୀର-ଦୁଆରେ ଅଥିତ ତୋହର
କରିବୁ ମୋତେ କି ଦୂର,
ସଖା, ହେବୁ କି ଏଡ଼େ ନିଷ୍ଠୁର ।

ଆସିଅଛୁ ସଖା ମୁଁ ଦୀନ ବେଶେ,
ବିରସ ବଦନେ ଦୁଃଖ ଆବେଶେ,
ଯୁଗ ଯୁଗ ମୋର ଆଖି ଝର ଝର,
ମର୍ମ ବ୍ୟଥା ହାହାକାର ।
ଦେଖି, ପାରିବୁ କି କରି ଦୂର ।

ଯେବେ ଚଳାଇବୁ ଯିବି ଗୋଡ଼ାଇ,
ନିରମଳ ପ୍ରୀତି ଦେବି ବଢ଼ାଇ
ପାଦେ ଲୋଟି ଯାଇ କରିବି ଗୁହାରି
"ତାରି ପ୍ରଭୁ ମୋତେ ତାରି !"
ତେବେ, ପାରିବୁ କି କରି ଦୂର,

କାନ୍ଦିବ ଗୋପନେ ତୋ କୋମଳ ଆଖି
ବହିବ କରୁଣା ସାର ।

---

ଯେବେ କରୁଥିବ ମନା ମୁଁ ଆସିବି
ତୁମରି ଦୁଆରି କତକ,
ତୁମ ଗଳିମାଡ଼ି ସହିବା କାରଣେ
ଦୃଢ଼ କରିଥିବି ଛାତିକ ।

ଫୁଲ ଗୁନ୍ଧ ବେଳ ହସନ୍ତି କାନ୍ଦନ୍ତି,
ଫୁଲ ଗୁନ୍ଧ ସରି ହୋଇବି,
ତୁମ ଗଞ୍ଜଣାକୁ ତୁମ ଲାଞ୍ଛନାକୁ,
ପିଠି ପତାଇଣ ସହିବି ।

ମୃତ୍ୟୁ ରୂପେ ଯଦି ଆସିବ କତିକି
ସୁଖେ ମୁଁ ଶୋଇବି କୋଳରେ,

ଆଦରେ ମରଣ ବରଣ କରି ଗୋ
ମରିବି ଚରଣ ତଳରେ ।

ଜାଣିବି କପଟ ସେବା
ନ ଜାଣେ କେଉଁ ଧରଣ,
କାହୁଁ ଆଣିବି ମୁଁ ଅନ୍ନ
କରିବି ପରିବେଷଣ ।

ଆଣିବି ଅବା ମୁଁ ଜଳ,
ବିଦାରି ମୋ ମର୍ମ ସ୍ଥଳ,
ବହିବ ରୁଧିର ଧାର,
ତହିଁ ଧୋଇବି ଚରଣ । ୧ ।

ମୋ ଆଶା କାମନା ଗଣ୍ଠି,
ପ୍ରେମ-ଆଳାରେ ପରଷି,
ଦୂରେ ଠିଆ ହୋଇ ହସି
ଦେଖିବି ତୃପ୍ତ ଭୋଜନ । ୨ ।

ଅଞ୍ଚଳେ ପୋଛିବି ହାତ,
ଧରିବି ପଦ୍ମର ପ୍ରାନ୍ତ,
ବସିବି ବାଟ ଓଗାଳି
କରି ଗମନ ବାରଣ । ୩

ମୋର ବହିଯାଉ ଅଶ୍ରୁଧାର !
ଅଭିମାନେ ଜଡ଼ ପଡ଼ିଥିବ ପାଦେ,
ଅଛି ସ୍ନେହ ଅଧିକାର ।

ମରମେ ମର ମୁଁ ଗାଇବି ଗାନ,
ପରଶି କାହାର ହୃଦ-ତନ୍ତ୍ରିମାନ,
ନନେ ସେ ଆକୁଳ     ହୋଇବ ବ୍ୟାକୁଳ,
ବୁଝାଇ ନସୂନା ସାର ! ୧ ।

କେତେ ଝାଣପଣ କରିବ ସଖୀ,
ଦୂରେ ଦୂରେ ଘୁଞ୍ଚି ବଢ଼ିବ ଦକା,
ଏତେ ପ୍ରେମ ସୃଷ୍ଟି,     ନ ପାଇ ମୂରୁଚ୍ଛି
ବଢ଼ିବ ହୃଦୟ-ଭାର । ୨ ।

ସରମେ ମର ମୁଁ ଚରଣ-ତଳେ
ଆସେ ଆଜ ସଖୀ ନସ୍ତନ-ଜଳେ,
ମରମର କଥା,     ପରାଣର ବ୍ୟଥା,
ତୁମେ ସିନା ବୁଝିପାର । ୩ ।

କପରି କହିବ ପ୍ରଭୁ, ଆନନ୍ଦ ସଙ୍ଗେ ଭୁବନେ
ଆନନ୍ଦ ନ ପାଏ କାହିଁ
ପାଇଛି ପରା ସ୍ୱପନେ ।

ନାହି ଜନ୍ମଦୁଃଖ ଭାର,
ଭଙ୍ଗେ ମଣିପିଠି ହାଡ,
ନାହି ମୋ ଗଣେଶୀ ସାର
ନାହି ଲୋଭକ ଲୋଚନେ ।

ନାହି ଆକାଶ ଅନ୍ଧାର,
କରାଳ ବଜ୍ରୁଲ ମାର,
ଅକ୍ଷଣ ବଜ୍ର ପ୍ରହାର,
ଭୋଗେ ମହାମେଘ ଝଣେ ।

ଶତଦୈନ୍ୟ, ଶୋକ, ଜରା,
କରେ ପ୍ରାଣ ଦରମରା,
ବକ୍ଷ ବେଦନା ପସରା,
ଢଳେ ମୁଁ ଶତ ଦହନେ ।

ନାହିଁ ଯଦି ପ୍ରଭୁ ଭକ୍ତଙ୍କ ସ୍ଥାନ
ତବ ଦିବ୍ୟ ସ୍ୱର୍ଗ ସଭାରେ,
ଏତିକି କରୁଣା କର ତେବେ ବାରେ
ବସିବି ବାହାରେ

ନାହିଁ ମୋର ଜ୍ୟୋତିର୍ମୟ ସାଜ,
ସମ୍ବଳ ମୋର ମଳିନ ଲାଜ,
ନତ ମସ୍ତକେ ଦୂରେ ଦୂରେ ଧ୍ୟାନ,
ଜଗିବି ଦୁଆରେ । ୧ ।

ନାହିଁ ମୋର ଉଚ୍ଚପଦମାନ,
ତୁଚ୍ଛ ଅତି ମୁଁ ସବୁଠୁଁ ସାନ,
ନତନୟନେ, କବାଟ କୋଣେ,
ରହିବି ଅନ୍ଧାରେ । ୨ ।

ତୁମର ଆଦେଶ ନେଲି ମୁହିଁ ବହି
ଦୁଆରେ ଦୁଆରେ କହିବି,
ଆନ କରମର ଆଶା ନ ରଖିଣ
ତୁମର ସେବକ ରହିବି ।

ସନ୍ତାନ ଯଦି ନ ମଣ ଅଧମେ,
ଦୁଆରେ ବସିବି ମଳିନ ସରମେ,

ସଖା ହେବା ମୋର      ନାହିଁ ଅହଙ୍କାର
କିଙ୍କର ନାମ ବହିବି ।

କର ଯେତେ ଘୃଣା, ନଦିଅ ବେତନ,
ବଢ଼ାଇବି ସେବା କରି ମୁଁ ଯତନ,
ତବ କଥା ପଦ      ମୋ ରଜ ସମ୍ପଦ
ମୁଖ ଦେଖି ସବୁ ସହିବି ।

ତୁମେ ମୋର ବନ୍ଧୁ,
ତୁମବିନା କେ ଦେବ ହେ ଭକ୍ତି ପ୍ରେମ ମଧୁ । ୧ ।

ତୁମେ ମୋର ସଖା,
ତୁମବିନା ଘୁଞ୍ଚିବ କି ମୋ ଜଞ୍ଜାଳ ଦଶା । ୨ ।

ତୁମେ ମୋର ପ୍ରିୟ,
ତୁମବିନା ପାଇବି କି କରୁଣା ଅମିୟ । ୩ ।

ତୁମେ ମୋର ପତି,
ତୁମବିନା ତ୍ରିଭୁବନେ ନାହିଁ ଅନ୍ୟଗତି । ୪ ।

ତୁମେ ମୋର ନାଥ,
ତୁମବିନା ଦୁର୍ବଳର କେ ଧରିବ ହାତ । ୫ ।

ତୁମେ ମୋର ରାଜା,
ତୁମବିନା କେ ପାଇବ ମୋ ପରାଣ ପୂଜା । ୬ ।

ତୁମେ କର୍ଣ୍ଣଧାର,
ତୁମବିନା କେ ତାରିବ ଭବ ପାରାବାର । ୭ ।

ହେ ଭବ ସାଗର ମାଝି !
କୂଳେ ଲଗା ମୋ ନାହା,
ନାହିଁ ଟି ପାର କଉଡ଼ି
ନେ' ଅଛୁ ଯାହା !

ଆସୁଛି ମାଡ଼ି ଅନ୍ଧାର,
ଜଳ ଥଳ ଏକାକାର
ଜ୍ୱଳିଉଠୁଛି ବିଜୁଳି ହୁଅ ତୁ ସାହା ।

ମୁଁ ଦୀନ ବାଟୋଇ ଜଣେ,
ଭ୍ରମେ ପଶିଲି ଏ ବଣେ,
କାହିଁ ଯିବି କି କରିବି, ନ ଦିଶେ ରାହା ।

ପଛକୁ ଗୁହାଁଲେ ବଣ,
ଆଗେ ସାଗର ଭୀଷଣ,
ଆକାଶେ ମେଘ ଅନ୍ଧାର ଥରୁଛି କାୟା—
ବିସର୍ଜି ଦେଲିଣି ଆଜି ପରାଣ ମାୟା ।

ଆହେ ଅପାରକୃପାସାଗର ।
ପର ମ-କ୍ତି ମୋହର,
ମଳିନ, ଚରଣ-ନଳିନ ତଳେ
ଆସିଛି ସାହସ ବାନ୍ଧି ।

ମୁଁ ଅତି ପାତକି କଳୁଷ କଳଙ୍କୀ
ମୋତେ ଅନାଅ ହେ ଦୟାବନ୍ଧୁ ।
ଦୋଷ ଦେଖି ଯଦି କରିବ ବିଚାର
ହୋଇ ପାରିବି କି ଛିଡ଼ା ?

କାହୁଁ କବାରବ ଦେବ ଯଦ୍ଦ ଦେବ !
ଲକ୍ଷ ଯାତନା ପୀଡ଼ା ।

ଯାହା ଭଲଦଶେ କର,
ହେ କୋଟି ଭୁବନେଶ୍ୱର !
ମୁଁ ସ୍ୱାନ, ମୁଁ ଧାନ ରହବ ମଉନେ
ତବ ଦଣ୍ଡ-ପ୍ରହାର ସହ ।

ଶେଷେ ତବ ଦୟା ପ୍ରେମ ଝର୍‌ଝର,
ଶୀତଳବ ମୋର ତୃଷିତ ଅନ୍ତର,
ସଫଳ ଜୀବନ ହେବ ଶ୍ରୀଚରଣ—
ମଙ୍ଗଳ ମିଳନେ ରହ ।

ପ୍ରେମ-ପୀୟୂଷ କାନ୍ତ ହେ ।
ମୋର ପରମଶାନ୍ତ ହେ,
ଦୟାବହ ଧାନ ହୃଦୟ ନାଶ ସରବ ଭ୍ରାନ୍ତ ହେ ।

ନଛ ଯାଅ ଏହ ପଥେ,
ନଛ କଡନେଜେ ମୋତେ,
ଦେଖ ପ୍ରାସାଦ ଦୁଆରେ, ବସିଛୁ ଭକ୍ଷା ଆଶାରେ,
କ୍ଷୀଣ ଅଙ୍ଗେ ବହ ଅଶେଷ ଶ୍ରାନ୍ତ ହେ ।

ତବ ମଧୁର ବଚନ ପଦେ
ଶୁଣିବା ଶରଧା ପୂରଛୁ ହୃଦେ,
ଲାଜେ ନଫିଟେ ଅଧର, ଅପାର ଦୟାସାଗର,
ବୁଝ ମୋ ମଉନ ମିନତ କ୍ଳାନ୍ତ ହେ ।

ସୁନ୍ଦର ବିଶ୍ୱେଶ୍ୱର ବାରେ ଅନାଅ,
ମୋ ମନ ସୁଦାନ ଦୁଃଖେ ବାରେକ ଚାହଁ ।

ମୁଁ ସିନା ମାନବ ଜାଣ ତୁମେତ ମହାମହିମ
ନପାରିଲେ ଉଚେ ଉଠି
ତୁମେ ଓହ୍ଲାଅ ।

ସହସ୍ର ସୂର୍ଯ୍ୟକରଣ ଯଦ ସ୍ୱର୍ଣ୍ଣ ସିଂହାସନ,
ମୋ ହୃଦ କାରାରେ ବନ୍ଦ
ଦଣ୍ଡେକ ରହ ।

ସରବ କ୍ଷିତି-ସମ୍ପତ୍ତି,
ଲଭି ତୃପ୍ତ ନୁହେ ମତି,
ବିନା ପାଦପଦ୍ମ ପ୍ରଭୁ ଚଉ ଅଥୟ ।

ଦିବାନିଶି ପ୍ରଭୁ ଚିନ୍ତେ ମୁଁ ଚରଣ,
(ତୁମେ) ଭୁଲେ କ୍ଷଣେ ଖାଲି ଦାସ କା
ପ୍ରାଣାନ୍ତକର ମୁଁ ପ୍ରେମ କରେ,
(ତୁମେ) କ୍ଷଣ ମାତ୍ର ସ୍ନେହ ଦହ କା ?

ଦିବାନିଶି ମୁଁ ତ ତୁମରି ପ୍ରତ୍ୟାସୀ,
ଦିବାନିଶି ମୁଁ ତ ବୁଲଇ ଉଦାସୀ,
ହୃଦ ପୂର୍ଣ୍ଣ ଆଶା      ଆକୁଳ ପିପାସା,
ବୁଝି ହେ ବୁଝି ନ ପାର କା ? । ୧ ।

ବୃଥା କହିଁ ତେବେ ପ୍ରେମ ଆଡ଼ମ୍ବର,
ଚପଳ ତାରକା ବେଶ ମନୋହର,

ଶଶୀ-ହାସେ ହସି, ଫୁଲ ବାସେ ମିଶି,
ବକୂଳରେ ଉଠ ଝଟକି । ୨ ।

କହ କପାଁ ଆସି ଲୁଚଦେଖି ଯାଅ,
ଧରିଲାବେଳକୁ କେଣିକି ପଳାଅ,
ଏ ପ୍ରେମ ଗୃତୃଷ୍ଣା, ମୋ ହୃଦ କରୁଣ୍ଣା
ରକ୍ତଝରଝରେ ବୁହ କି । ୩ ।

ପ୍ରଭୁ ପ୍ରଭୁ କରି କଲି ମୁଁ ଗୁହାରି
ନ ଶୁଣିଲ ଦୟାକର ଗୋ,
ଶ୍ରୀଚରଣ ଧରି ଦୁଃଖ ଜଣାଇଲି
ନ ଶୁଣିଲ ଦୁଃଖହାରୀ ଗୋ ।

ନେଇଥିଲ ଡୋଳ କୋଳେ କୃପା କରି
(ଯେବେ) ପଡ଼ିଥିଲି ପାଦଧରି ଗୋ,
ମରମରେ ମରି ସରମରେ ସରି
ପ୍ରେମର ଭିକାରୀ ପରି ଗୋ ।

ଏବେ ମୁଁ ତୁମରି ସେ ଚରଣ ଧରି
ବୁହାଉଛି ଅଶ୍ରୁଧାରି ଗୋ,
ପୂର୍ବର ପରି କପାଁ କୃପାକରି
ନ ଶୁଣୁଛ କୃପକାରି ଗୋ ।

ହଅ ପ୍ରାଣ ସରି ପ୍ରେମାମୃତ ଭରି
ଡାକେ ପଦ ଅନୁସରି ଗୋ,
କେଉଁ ଦୋଷ ଧରି ନ ଗୃହୁଁଛ ଫେରି
ଚନ୍ଦ୍ରେ ଦଡା ବଗ୍ୱବରୀ ଗୋ ॥

ନେଉଟାଇ ନଅ      ନେଉଟାଇ ନଅ
ତବ ଯାତନାର ଦାନ ।
ସରବ କ୍ଷଣ      ଦୂରେ ଯାଉ ମୋର
ଦୁଃଖ ଲଭୁ ଅବସାନ । ଧ୍ରୁ ।

ଧନ ବିଭବରେ ନ ବଳାଏ ମତି,
ସୁନ୍ଦର ସଂସାରେ ନାହିଁ ଆସକ୍ତି,
ମାଗେ ନତ ପରା      ପାଦତଳ ଧୂଳି
ସେତକ ଚହେଁ ମୋ ପ୍ରାଣ । ୧ ।

ନ ଜାଣେ ମୁଁ ଧର୍ମ କରମ ସାଧନା,
ଜପ ତପ ଜ୍ଞାନ ଧିଆନ ଧାରଣା ।
ତବ ନାମ ଘୋଷି      ତୋଷ ମୋ ମାନସ
ସେତକ ମୋ ପୂଜା ଗାନ ।

ଯେତେ ପଥ ଦେବ ଚଳିବ ଧୀରେ,
ଦେବ ଯେତେ ଭାର ବହିବ ଶିରେ,
ହସ ହସ ମୁଖ      ହୋଇବ ମୋହର
ଲଭି ତବ ଦାସ ସ୍ଥାନ ।

ତବ ମଙ୍ଗଳ ଇଚ୍ଛା, ମଙ୍ଗଳମୟ ଜୀବନେ କରହେ ପୂର୍ଣ୍ଣ ।
ଦିଅ ଯାତନା, ବହିବ—
ଦିଅ ବେଦନା, ସହିବ,—
ଗର୍ବ କର ହେ ଚୂର୍ଣ୍ଣ ।

ପାଦ ଧୂଳିତଳେ ରଖ ହେ ଚୁପି,
ନତ ଶିରେ ମୋର ଆସନ ସ୍ଥାପି,

ବିଶ୍ୱଜନେ ବିତର, ସୁଖ ସମ୍ଭାର
ମୋତେ ଦୁଃଖେ କର ହେ ପୂର୍ଣ୍ଣ ।
ଅହମିକା କର ଚୂର୍ଣ୍ଣ । ୧ ।

ରାଜ ସିଂହାସନେ ବସାଅ ଆନେ,
ରଖ ମୋତେ ପ୍ରଭୁ ସେବକ ସ୍ଥାନେ,
କର ମୋର ଅନ୍ତର ରକ୍ତ ଜର୍ଜର,
ମୋତେ ଆଘାତେ କର ହେ ଚୂର୍ଣ୍ଣ ।
ପ୍ରେମ ପୀୟୂଷେ ପୂର୍ଣ୍ଣ । ୨ ।

ଦୋଷ ଧରି ଯଦି କରିବୁ ବିଚାର
କର ତୁ ବିହିତ ଶାସନ ।
ଯେବେ ଦେବୁ ମୋତେ ଦାରୁଣ ଯନ୍ତ୍ରଣା,
ବଢ଼ିବ ତେତିକ ମୋ ପ୍ରତି କରୁଣା,
ଫାଟି ମୋ ଶରୀର ଝରିଲେ ରୁଧିର
ଝରିବ ତୋହରି ଲୋଚନ । ୧ ।

ଯେବେ ଭାର ଦେବୁ ବହିବି ସବୁ,
ବ୍ୟଥାରେ କଥା ନ କହିବି ପ୍ରଭୁ,
ଆଦରେ ଆଉଁସି ଦେବୁ ମୋର ପିଠି
ଦେଖି ମୋ କାତର ବଦନ । ୨ ।

ଯେବେ ଦେଉଥିବୁ ମରମେ ପିଡ଼ା
ତେବେ ପାଦତଳେ ହୋଇବି ଛୁଡ଼ା,
ମଉନେ ଘେନିବି ତୋ ବଚନ ଶିରେ
କୋଳେ ଟାଣି ନେବୁ ବହନ । ୩ ।

## ଭୈରବୀ—ଏକତାଳ ।

ସରବ ଭ୍ରାନ୍ତ ପଥ ପାରେ ଯେଣ
ସରବ ଶ୍ରାନ୍ତି ନିବାର,
ଶାନ୍ତ-କିରଣେ ଧ୍ୱାନ୍ତ ବିନାଶି
ପରମ-କାନ୍ତି ବିସ୍ତାର ।

ଦୂରେ ଯାଉ ମୋର ମଳିନ ବାସ,
ଘୁଞ୍ଚୁ ବେଦନା, ଛଳନା ହାସ,
ହର ଅବସାଦ ହୃଦ-ବିଷାଦ
ଶୁଭ ଶକତି ସଞ୍ଚାର । ୧ ।

ଫିଟାଇ ନିଅ ମୋ' ମୋହ ଆବରଣ
ବିନାଶ ସରବ ଅନ୍ୟ ଶରଣ
କର ଧନ୍ୟ ଜୀବନ ନିତ୍ୟ ନବୀନ,
ଦିଅ ସ୍ୱରଗ ଆଶାର । ୨ ।

ବନ୍ଧୁ ସାଧନାର ପରେ ଯଦି ପ୍ରଭୁ
ଆସିଛ ହୃଦୟ ସଦନେ,
ବସ ବସ ବନ୍ଧୁ ମୋ ହୃଦ ରଚିତ
ପ୍ରେମ ଚନ୍ଦନ ଚର୍ଚ୍ଚିତ ଆସନେ ।

ଯେନ ହାତ ଗୁନ୍ଥା ମଲ୍ଲିଫୁଲ ହାର,
ଢାଳୁଛି ଯା'ହର ଲୋଚନ ଆଶାର,
ସୁପ୍ରୀତି ତୁଳସୀ ଭକତି-ଅଞ୍ଚଳରେ,
ଯେନ ହୃଦୟଟି ଉପହାର । ୧ ।

ଆସ ମୋ ପ୍ରାଣର ପରମ ସୁନ୍ଦର,
ଘୁଞ୍ଚିଯାଉ ଦୁଃଖ, ଦୈନ୍ୟ, ଅନ୍ଧାର,
ଉଦ ମୋ ଗଗନେ ପ୍ରେମ ନବଘନୁ,
ବିନାଶି ବିଷାଦ ଅବସାଦ ମନୁ,
ହୁଏଁ ମୁଁ ଉନ୍ନତ, ଚିର କର୍ମରତ,
ପରଶ ପଦ୍ମର ଦର୍ଶନେ ।

ବିଶ୍ୱ ଆଜି ବନ୍ଦେ ଚରଣ ଜନ ମନ ମୋହନ ।
ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରା
ବନ ଉପବନ ନନ୍ଦନ କାରା
ଶୁଭ୍ର-ସ୍ୱଚ୍ଛ ସରିତ ଧାରା, ପାଦ ପୂଜନେ ନିମଗନ ।

ଗାଏ କୋକିଳ ଗାଏ ଅଳି,
ଗାଏ ସାଗର ଲହରୀ ତୋଳି,
ଗାଏ ଗିରିଶିଖର ଲତା-ମର୍ମ୍ମରେ ,
ଗାଏ ମୃଦୁଳପବନ ।

ମୋର ହୃଦୟ ଆନନ୍ଦେ, ଗାଏ ପୁଲକଛନ୍ଦେ
ପାଦ-ପଦ୍ମ ଗନ୍ଧ କୋଟି ବିଶ୍ୱରନ୍ଧ୍ର
ପୂର୍ଣ୍ଣ ଆଜି ଛିନ୍ନ ଆଜି
ମାୟା ମୋହ ବନ୍ଧନ ।

ନିବୃତ୍ତଚିତ୍ତ ଚନ୍ଦନ, ହର୍ଷ ହୃଦ ସ୍ପନ୍ଦନ
ମିଶେ ନନ୍ଦ-ନନ୍ଦନ –
ମୁରଲୀ ତାନେ ମୋହନ ।

## ଇମନ୍‌କଲ୍ୟାଣ—ତେଓରା ।

ହୃଦୟ ମନ୍ଦିରେ, ଚିର ସୁନ୍ଦର, ରାଜ ଚିର ରାଜ ହେ ।
ପରାଣ ଛନ୍ଦେ ଗାଅ ଆନନ୍ଦେ
ମାନସ-ମୁରଜେ ବାଜ ହେ । ଧ୍ରୁ ।

ନୀଳ ପୟୋଧି ଲୋଳ କଲ୍ଲୋଳେ ,
ମନ୍ଦମାରୁତ ଗନ୍ଧ-ହିଲ୍ଲୋଳେ
ପିକ ପଞ୍ଚମେ ଅଳି ଗୁଞ୍ଜନେ,
ବୀଣା ବଂଶୀରେ ବାଜ ହେ । ୧ ।

ନୈଶ-ଅମ୍ବର ତାରକା-ଶଶୀ,
ପ୍ରଫୁଲ୍ଲ ପୁଷ୍ପ-ସୁଷମାରାଶି,
ଶତ ନିର୍ଝର ଗିରିପ୍ରାନ୍ତର-
ଶୋଭା-ବିଭବରେ ରାଜ ହେ । ୨ ।

ତବ ମଙ୍ଗଳ ପୁଣ୍ୟସ୍ପର୍ଶେ,
ଜାଗୁ ଅନ୍ତର ଅମଳ ହର୍ଷେ,
ହରୁ ସନ୍ତାପ ଦୁଃଖଦୈନ୍ୟ ତୀବ୍ର ଯାତନା ଲାଜ ହେ । ୩ ।

ତବ ବିନା ବନ୍ଧୁ ନାହିଁ ଆନ ଭବେ
ହେ ଭବସିନ୍ଧୁ ତାରଣ !
ତବ ବିନା ଶୁଭ-ବରାଭୟ ଧାମ !
ନାହିଁ ମୋ ଅନ୍ୟ ଶରଣ ।
ଗତି କି ହେବ ମୋର ମୁଁ ଅତି ପାତକ,
ତବ ଦୟାଘନ ତଳେ ତନୁ ବିକ,
ମୋର ମାଗୁଣି ଏତିକ,

ମତ ନତ ମୋର ଥାଉ 'ଅନୁସର
କମଳକାନ୍ତ ଚରଣ । ୧ ।
ହର ମୋ ଦୁରିତ, ହରଷ ଏ ଚିତ୍ତ,
ଲଭୁ ଶାନ୍ତି, ଶକ୍ତି, ମୁକ୍ତି ଶାନ୍ତ ବିତ୍ତ,
ମୋର ଏ ଦୀନ ଜୀବନ
ପରମ କୃତାର୍ଥ ପିଇ ପଦ ସୁଧା
ହେବ ମରଣ ବାରଣ ।

ଅପରାଧୀ ବୋଲି ପ୍ରିୟତମ ତବ
ଯଦି ନ ପାଇବି କ୍ଷମା,
କଠିନ କର ପରଶେ ପ୍ରଭୁ
କର ମୋରେ ମାର୍ଜନା ।
ପାପ କଳଙ୍କରେ କଳଙ୍କିତ ଦେହ
ହେଉ ଊଣା ଯଦି ହୁଏ ତବ ସ୍ନେହ,
ପୂତ ପ୍ରେମବାରି ଢ଼ାଳି ଦିଅ ଧୋଇ,
କର ଦୂର ହୃଦ ଆବର୍ଜନା । ୧ ।
ଯଦି ମୁଁ ଅଧମ ଅସ୍ପୃଶ୍ୟ ଇତର
ଯୋଗ୍ୟ ନୁହେଁ ତବ ଅଙ୍କ ଆସନର,
ନିଜ ଦୟାଗୁଣେ ହେ କରୁଣା କର
କଞ୍ଜଶ୍ରୀ ଚରଣୁଁ ବର୍ଜନା ।

କହିଦେ କହିଦେ ଆଜ
କେଉଁ ବାଟେ ଯିବ ହରି
ବହିନେ ବହିନେ ମୋର
ବୋଝ ଭାରି ଏ ଶରୀର ।

ପଥଶ୍ରାନ୍ତ ପାନ୍ଥ ପରି,
ଘେରିଲାଣି ଦୁଃଖ ଜରି,
ଗୃଲି ଗୃଲି ଦରମରି, କସେ ମୁଁ ବାହି ଅଧରେ
ହାୟରେ ସରି ।
ଭାଙ୍ଗିଲାଣି ଆଶା ବାଡ଼,
ଅନ୍ଧାର ଆସଇ ମାଡ଼ି,
କି କରିବି କି ମରିବି, କାନ୍ଦେ ନୟନ ଆବରି
ହତାଶେ ଭରି ।
ନାହିଁ ଆଉ ଆଶା ଆନ,
ଆକୁଳେ ଡ଼ାକୁଛି ପ୍ରାଣ,
ଏ ବିପଦେ ଶ୍ରୀ ପଦେ, ନରଖିଲେ ଯିବି ମରି
ଶୁଣ ହେ ହରି ।

ମୋତେ ଯଦି ଆପଣାର କରିବ ଏଥର,
ଖଣ୍ଡକର ମୋର ସର୍ବ ଗର୍ବ-ଆଡ଼ମ୍ବର । ଧ୍ରୁବ ।
୧—ତୁମ ନାମ କାହିଁ କହିବି କାହାକୁ,
ନିଜ ନାମ ଗାଇ ବୁଲଇ ତୁଚ୍ଛାକୁ,
ନିଜ ବଡ଼ପଣ ପ୍ରଗୃରି ପ୍ରଗୃରି ହାରିଲି ଆମ୍ଭୂଷ ମୋହର ।
୨—କାହିଁ ଦେଖିବି ଶ୍ରୀପାଦ-ପଦ୍ମ ଶୋଭା,
ନିଜରୂପ ମୋର ହେଲା ମନୋଲୋଭା,
ମୋ ଶୋଭା ପସରା ଘେନି ଦ୍ୱାରେ ଦ୍ୱାରେ ବୁଲଇ ଯାମିନୀବାସର ।

କୂଳେ ଲଗାଅ !
ଭସିଗଲି ଭବାର୍ଣ୍ଣବେ କଣ୍ଠାଗ୍ରେ ଗୁହାରି ! ଧ୍ରୁ !

ଜାଣିଥିଲି ଆଶ୍ରାକର,
ହେଉଥିଲି ଭବପାର,
ମଝି ସାଗରେ ବୁଡ଼ୁଛି ନାହିଁ ସହାୟ । ୧ ।

ଏ ଦୁଃଖ ସମୟେ କି ହେବ
ରହିବ କେ ଧୈର୍ଯ୍ୟ ଧରି,
ଖସିଲି; ଭସିଲି ଡାକେ, ପ୍ରାଣ ବଞ୍ଚାଅ । ୨ ।

ଛଅରେ ଭରା ପାତକ,
ବୋଝ ଯେ ମୋର ଅନେକ,
କି କରିବ, କି ମରିବ, ବାରେ ଅନାଅ । ୩ ।

( କୂଳେ ଲଗାଅ ! )

ତୁମେ ଯଦି ଦେଖା ନଦେବ ଜୀବନେ
ଯିବି ମୁଁ ମରଣେ ହଜି,
ତୁମେ ଯଦି କଥା ନକୁହ ମରମେ
ସରମେ ଯିବଟି ମଜି ।

ତୁମ ପରିବାରେ ମୁଁ ସବୁଠୁ ସାନ,
ତଥାପି ତୁମରି କୋଳର ସନ୍ତାନ,
ରାଜସିଂହାସନ ନ ଥିଲେ କରମେ
ଲଭିବି ଟି ପାଦେ ସ୍ଥାନ ।

ନ ପୂରିବ ଯଦି ମୋର ଆଶା ରାଶି,
ମୋ କାମନା ମୋତେ ପକାଇବ ଗ୍ରାସି
ମୋ ଆତ୍ମନିଗ୍ରହ ହେବ ତବ ଶାନ୍ତି

ରଚିବ ଭବେ ଶ୍ମଶାନ ।
ରଖ ଯଦି ମୋତେ ବନ୍ଦୀକାରାଗାରେ,
ଝଳିବ ନୟନ ଉଷ୍ଣ ଅଶ୍ରୁଧାରେ,
ପଙ୍ଗୁ ମୋ ଜୀବନ ଭାଙ୍ଗିବ ତୁମର
ସ୍ୱାଧୀନତା ଅଭିମାନ ।

ସାରା ବିଶ୍ୱ ଯଦି ତୋଷିବ କୃପାରେ,
ମରୁଥିବ ମୁହିଁ ତୃଷାରେ ଦୁଆରେ
"ଆତ୍ମତୋଷ କେତେଭି ନ ଜାଣିବ ପ୍ରଭୁ
ବ୍ୟର୍ଥହେବ ସୃଷ୍ଟି ମାନ ।

ଏଣିକି ବିଚାର କର ଦୟାମୟ,
ଦୟା ନୁହେ ଢାଅ ତୁମର ଅଭୟ,
ମୋ ମରଣେ ତବ ନାହିଁ ତ ଗୌରବ
ସନାତନ ଅପମାନ ।

ସମ୍ଭବ ସମ୍ଭବ ଲୀଳା ଲୀଳାମୟ,
ଅଶ୍ରୁରେ କିପାଁଇ ହେଉଛ ଅଥୟ,
ମୋ ପ୍ରହାର କ୍ଳେଶେ ବେଦନା ଜର୍ଜର
କାନ୍ଦୁଛି ତୁମର ପ୍ରାଣ ।

ଯଦବା ସହୁଛି ମୋ ନିଜ ବେଦନା,
ଦେଖି ନ ପାରିବ ତବ ଏ ଯାତନା,
କି ହେବ ହେ କୁହ ମୋତେ କିପାଁ ଗୁହିଁ,
କପାଁ ନମ୍ରେ ଅଭିଯାନ ?

ମୋ ଲାଗି କିପାଇଁ ଏତେ ଦୀର୍ଘଶ୍ୱାସ,
ଫୁଲେ ଫୁଲେ ବାଜେ ପ୍ରାଣର ପରାଶ,
ନୀଳାକାଶ ଛଳେ ନିରେଖି ନୟନେ
ପଡ଼ୁଁ ଝରେ ଅଶ୍ରୁଦାମ ।

ଚଉଦଭୁବନ ଥିଲେହେଁ ତୁମର
ମୋ ବିନା ପୂରିବ କାହିଁ କଳେବର
କଣିକାଏ ଊଣା ହେଲେ କି ହେ ପ୍ରଭୁ
ହେବ ପୂର୍ଣ୍ଣ ଭଗବାନ ।

କିଏ ବା ପୂଜଇ ମଣି ମୁକୁତାରେ
ହୀରକ କନକ ହାରେ,
ଅଶ୍ରୁ ଫୁଲମୁଠା ଧେନି ମୁଁ ଗୁନ୍ଥୁଛି
ତୁମ ରାଜସିଂହଦ୍ୱାରେ ।

ବହୁକାଳରୁ ମୁଁ ରହିଛି ଧାଁରୁଆ
କି ଦେନି ଶୁଝିବି ଶୂନ୍ୟ ମୋ ଝଁରୁଆ
କର ଚରଣ ମୋ କରଷିବ ତବ
କେଦାର ଶୀତ ଖରରେ । ୧ ।

ଶିର ଦରଦ୍ ମୁଁ ନାହିଁ ଡରେଁ ଲାଜ,
ପିନ୍ଧାଅ ମୋ ଦେହେ ସେବକର ସାଜ,
ଗତ ପାହାନ୍ତରୁ ଲାଗିବ କରମେ
ସେବିବି ରୁଧିର ଧାରେ । ୨ ।

ଏତିକି ମାଗୁଣି ବରଷାଅ ପାଣି,
ଦୟା ଧାର ରୂପେ ପିଏଁ ମୁଁ ତା ଗୁଣି,
ବନ୍ଧ ତବ ବାୟୁ ପରଶୁ ମୋ ତନୁ
ଶୀତଳ ଘର୍ମ ଧାରାରେ । ୩ ।

କୋଟି କଣ୍ଟା ପଶେ ବିନ୍ଧୁ ମୋ ଶରୀରେ,
ତିନ୍ତୁ ପଡୁ ବାସ ତପତ ରୁଧିରେ,

ଅମୃତ ଶ୍ରୀକରେ   ଛୁଇଁ ଯାଅ ବାରେ
ହେବ ଅମର ଧରାରେ । ୪ ।

ଗତ ଅଧରେ,
ଯଦି ଲାଗେ ଅଧରେ,
ତବ ସ୍ୱର ସୁଧା ମଧୁରେ ଧୀରେ,
ଉଠିବ ଶୋକ ଗୀତ,
ଗାଇବ ଗୀତ ଧାଡ଼ି—
ପୂରୁଣା ବୀଣାରେ   ମୋର କ୍ଷୀଣ ଅଙ୍ଗୁଳିରେ
ପରଶିବ ନାଥ ତବ ମରମ ମହିରେ । ୧ ।

ଗୃତ ଅଧାରେ,
ଯଦି ଡାକ ଦୁଆରେ,
ହ୍ୱାତମାର୍ ସଖା ମଧୁରେ ଧୀରେ,
ଉଠିବ ଶେଯ ଗୀତ,
କବାଟ କୀଳା କାଟି,
ଗ୍ରୁହିଁବ ସବେଗେ   ପଥେ ନୀରବ ନିଶିରେ
ଆସି ମିଶିଯିବ ପ୍ରାଣେ ପଲକ ମହିରେ । ୨ ।

ଓଁ

—※—

ମୋହର

ଆରାଧ୍ୟ ଗୁରୁ, ଜୀବନର ଆଦର୍ଶ

ଋଷି ପ୍ରତିମ ଭକ୍ତକବି—

୰ ମଧୁସୂଦନ ରାଓଙ୍କ

ନାମର ମଧୁର ଓ ପବିତ୍ର ସ୍ମୃତିରେ କ୍ଷୁଦ୍ର

# ଚମ୍ପାଦଳ

ଆନ୍ତରିକ ଭକ୍ତିର ନିଦର୍ଶନ ସ୍ୱରୂପ ଅର୍ପିତ ହେଲା ।

କଟକ
ତା ୮ । ୨ । ୧୯୨୭ ମସିହା ।

ଗ୍ରନ୍ଥକର୍ତ୍ତ୍ରୀ ।

## ଭକ୍ତ କବି ଶ୍ରୀଯୁକ୍ତ ମଧୁସୂଦନ ରାଓ ବାହାଦୁରଙ୍କ
## ଉଦ୍ଦେଶ୍ୟ :—

(୧)

କହିବି କହିବ କଥା ନ ଆସଇ କଣ୍ଠେ
ଶୁଣିବକି ମର୍ମବାଣୀ ସୁଦୂର ବୈକୁଣ୍ଠେ ।
କୁଣ୍ଠିତ ଅନ୍ତରେ କେତେ ଉଦେ ଭାବରାଶି
ପ୍ରକାଶି ନ ପାରି ଝୁରେ ପତ୍ର, ଲେଖା, ମସି ।
ଅତି ଶୈଶବରୁ ତବ ଆଦର୍ଶେ ମୋହରି
ଚରିତ୍ର, ବିମ୍ବିତ କ୍ଷୁଦ୍ର ଜୀବନ ମୁକୁର ।
ଟିକି କ୍ଷୁଦ୍ର 'ଛାନ୍ଦମାଳା' ଶିଶୁ ମନୋହାରୀ
ଅମୃତ ଆନନ୍ଦେ ମୋର ଦିନ ନିଏ ହରି ।
ତବ 'ବୋଧଦାୟିନୀ' ସୀତା ଶ୍ରୀରାମ ଚରିତ୍ର
ହୃଦୟେ ଆଦର୍ଶ ମମ ରଚିଲା ପବିତ୍ର ।
"ସର୍ବଗୁଣ ଅଳଙ୍କୃତା" ଜାନକୀ ସୁନ୍ଦରୀ
ଧୀର କର୍ମବୀର ରାମ, ଦିବ୍ୟ ଶୋଭା ଧରି ।
ଉଦିଲେ ମୋ ଆଖିପଥେ ଆଦର୍ଶେ ମହାନ
ସେ ଶୁଭ ପ୍ରେରଣା ଲଭି ଜାଗିଲା ପରାଣ ।
'ବାଲ୍ୟକାଳୁ ଧର୍ମ-ଧନ କରିବି ସଞ୍ଚୟ'
ଏ ଅମର ବାଣୀ ତବ ଦେଲା ପରିଚୟ ।
ମଧୁର କବିତା-ମଧୁ କବି-ଅରବିନ୍ଦ !
ନିରତେ ରତକି ପାନେ ମୋ ମନ ମିଳିନ୍ଦ ।
ତେଙ୍କ ପଦ୍ମସର ଆତ୍ମା ଫୁଟିଲା ଆନନ୍ଦେ,
ବାଜିଲା, ମାନସ ବୀଣା ନବନବ ଛନ୍ଦେ ।

(୨)

କେ ଆସେ କେ ଯାଏ ତାହା ଧରଣୀ ନ ଜାଣେ
ଜାଗେ କିନ୍ତୁ ତବ ନାମ ସହସ୍ର ପରାଣେ ।

ତରୁଣ ଉତ୍କଳ ଯଦ ଧର୍ମ୍ମ କର୍ମ୍ମ ଲଭେ,
ସେ ତବ ପ୍ରସାଦେ ଦେବ ! ତୁମର ଗୌରବେ ।
ଘରେ ଘରେ ଶିଶୁ ତବ ପଞ୍ଚାମୃତ ସର
କାବ୍ୟ, କବିତା, ସାହିତ୍ୟ ପିଅନ୍ତି ଆଦର ।
ଜ୍ୱଳନ୍ତ ଜୀବନ୍ତ ଏକ ପ୍ରମାଣ ଏ ତବ
ମୋ କାବ୍ୟ କବିତାମାଳୀ ତୁମର ବିଭବ ।
ମୋ ହାତ ରଚିତ କ୍ଷୁଦ୍ର ଚମ୍ପ ଫୁଲମାଳା
ଯେବେ ମୁଁ ଅଢଲି ତେଣୁ କ୍ଷୁଦ୍ର ପୂଜାଡାଲି ।
ଉଦ୍ଦେଶେ ପ୍ରଣମି ତବ ଶ୍ରୀପାଦପଦ୍ମରେ
ଷରଧାର ଉପହାର ଦେଲି ଭକ୍ତିଭରେ ।
ଉକ୍ଷୁଁ ଝାଡ଼ଦଅ ଧୂଳି ହେବ ମୁଁ କୃତାର୍ଥ
ଗୁରୁଦେବ ପଦ୍ମସେବି ଲଭି ପରମାର୍ଥ ।

( ୩ )

ଆକାଂକ୍ଷଦର୍ଶନ ଆଶା ନ ପୂରିଲା, ନାହିଁ
ଯାପିବ ଜଗତେ ଦନ ଆଦର୍ଶ ଧିଆଇ !
ଅମର କବିତା ତବ ମୋ କୋମଳ ମନେ
ଆଙ୍କିଦେଲା କି ଆଦର୍ଶ କହିବ କେମନେ ।
ଆଜି କବିତାରେ ତେଣୁ କଲି ସମ୍ବୋଧନ
କବିକୁଳେ "ଗୁରୁ" ମମ ହେ ମଧୁସୂଦନ ।
ସୁଦୂର-ସ୍ୱରଗୁଁ ଦେବ ଶୁଭଶୀଷ ଝର
ସାର୍ଥକ କରୁ ଏ କ୍ଷୁଦ୍ର ଲେଖନ ମୋହର ।

ସେବିକା,— କୁନ୍ତଳା କୁମାରୀ ।

# ଚର୍ମ୍ମାଦଳ !

ଜାଗେ ଆଜ ମୋର ଜୀବନ ପ୍ରାଙ୍ଗଣେ
ନବ ଜୀବନ ମୂର୍ଚ୍ଛନା,
ଅନନ୍ତ ଉଦାର ଆକାଶେ ଅନାଇ,
ପ୍ରାଣେ ଚମକେ ଚେତନା ।

ଶିରା ଶିରାରେ ଖେଳେ ବିଜୁଳି,
ନେତ୍ରେ କର୍ମ୍ମ କ୍ଷେତ୍ର ଉଠେ ଉଜ୍ଜ୍ୱଳି,
ଶୁଭେ ଶଙ୍ଖଧ୍ୱନି କର୍ଣ୍ଣରସାୟନ
ଜାଗେ ଶୁଭକର୍ମ୍ମ ପ୍ରେରଣା ।

ସେ କି ଆଲୋକ ! ସେ କି ଝଲକ !
ଜ୍ୱଳିଉଠେ ପରା ବ୍ୟୋମ ଭୂଲୋକ,
ଟାଣେ ମୋ' ପ୍ରାଣ, ବୁଝେ ମୋ' ଜ୍ଞାନ
ଶୁଭଇ କେବଳ "**ସାଧନା**" ।

କିଏ କହେ ବିଶ୍ୱ କପଟ ଛଳନା
ବୃଥା ମାୟାର ବନ୍ଧନ,
ମୁଁ ଦେଖେଁ ସୁନ୍ଦର ଏ ବିଶ୍ୱ ଉଦାର,
ଅନନ୍ତ ପ୍ରେମ ନନ୍ଦନ ।

**ବିଶ୍ୱ ମୋର ଶୁଭକରମ ଭୁବନ,**
**କରମ ଲାଗି ମୁଁ ଲଭିଛି ଜନମ,**
**ମରଣ ନୁହେ ମୋ ଶର ଅବସାନ,**
**ଆରମ୍ଭ ନବୀନ ଜୀବନ ।**

ଏତ ନୁହେ ଶେଷ, ଏତ ନୁହେ କ୍ଲେଶ,
ଏ ନୁହେ ବିଦେଶ, ଏ ମୋ' ପୁଣ୍ୟ ଦେଶ
ହୋଇ କର୍ମ୍ମରତ ହେବି ମୁଁ ଉନ୍ନତ
ଏ ନୁହେ ଅସାର ସ୍ୱପନ ।

ଜୀବନ ନୁହେ ମୋ ସ୍ୱପନ ଛଳନା
ଜୀବନ ଆନନ୍ଦମୟ ହେ !
କରମଲାଗି ଜନମ ଲଭିଛି
କରମେ ଲଭିବି ଜୟ ହେ । ଧ୍ରୁ ।
ଶୁଭ-କରମେ ହୋଇବି ଛୁଡ଼ା
ବାଧି ଯେତେ ମୋତେ ଯାତନା ପୀଡ଼ା
କରମ ମୋହର ଜପମନ୍ତ୍ର ସାର
ଜ୍ଞାନ ଧ୍ୟାନ ସୁଖମୟ ହେ । ୧ ।

ନ ଚାହେଁ ଆଉ ଅସାର ମୁକ୍ତି,
ଶୁଭକର୍ମ୍ମ ଲାଗି ଯାଚେ ନବଶକ୍ତି,
କର୍ମ ମୋ ଭକତି କର୍ମ ମୋ ଆରତି,
କର୍ମ ଶାନ୍ତି ବିଭବମୟ ହେ । ୨ ।

ପ୍ରଭାତ ଲୋହିତ କନକ କାନ୍ତିରେ
ରଞ୍ଜିତ-ରଜନୀ-ବଦନେ,
ଓହ୍ଲାଇ ଆସେ କେ ଫୁଲ-ବାସ-ଭରା
ମୃଦୁଳମଳୟପବନେ ।
ମୃଦୁ ଅନ୍ଧକାରେ ଶୋଭେ ଶୁକତାରା,
ସେ କି ସ୍ୱରଗର ସ୍ୱଚ୍ଛସୁଧାଧାରା !

ମୋ ମନୋନନ୍ଦନ ପାରିଜାତ ପରି
ଫୁଟିଛୁ ମୋ' ପ୍ରେମ-କାନନେ । ୧ ।

ଚରଣତଳକୁ ଦେବ ମୁଁ ସଜାଡ଼ି,
ବ୍ୟାକୁଳ-ବାସନା-ବେଦନା ଅଜାଡ଼ି,
ଗୁଡ଼ି ମୋ' ଚେତନା ବୁଡ଼ି ମୋ' ଯାତନା
ପଙ୍କଜନୂପୁର-ଚୁମ୍ବନେ ।

ଫୁଲପରି ଫୁଟି ଉଠିବ ଆଦରେ,
ଥରେ ଯେବେ ଛୁଁଇ ଯିବେ ସେ ପାଦରେ,
ଝରି ଝରି ମଧୁ- ହୃଦ-କୋକନଦୁଁ
ମୋହିବ ସରବ ଭୁବନେ ।

ଯଦି ନ ପାଇଛି ଚରଣ ପରଶ
ପାଇନାହିଁ ଆଉ କିଛି,
ଯଦି ନ ପାଇଛି ପ୍ରେମାନନ ଦେଖା
ମିଛେ ମୁଁ ଜଗତେ ବଞ୍ଚିଛି । ଧ୍ରୁ ।

ମିଛେ ମିଛେ ମୋର ଗୁରୁ ସଜବାଜ,
ଘୋଡ଼ାଏ କପଟେ ମଳିନତା ଲାଜ ;
ହୃଦରାଜ ବିନା ଶୂନ୍ୟ ମୋ ମନ୍ଦିର
କାହାପଥ ଚେତେ ଚାହିଁଛି ? । ୧ ।

ମିଛେ ମିଛେ ମୋର ସୁନାର ସଂସାର,
ଆକାଶ ପରଶି ଅଟ୍ଟାଳିକାଘର,
ତବ ପ୍ରେମ ବିନା ଚିର ମୁଁ ଦରିଦ୍ର
ଅସାର କୁହୁକେ ମଜିଛି । ୨ ।

ମିଛେ ମିଛେ ମୋର ଜ୍ଞାନ ଅଭିମାନ,
ତୁମ ନାମ ଯଦି ନ କଲି ଧିଆନ,
ମିଛେ ବାଜେ ବୀଣା    ମୋ' ମନୋମନ୍ଦିରେ
ଦେବତା ମୋ' କାହିଁ ରହୁଛି । ୩ ।

ଆସ ଆସ ଆଜ ପ୍ରାଣପ୍ରିୟତମ,
ପ୍ରେମ ଜ୍ୟୋତିଃ ଦାନେ ହର ହୃଦ ତମଃ,
ପାର ପ୍ରେମାସନ    ମାନସ ସୁମନେ
ଦେବ ଯା' ଭକତ ସଜୁଛି । ୪ ।

କୀର୍ତ୍ତନ—ଏକତାଲା ।

ଆସ ମୋ ଦେବତା
ମୋ ଚିତ୍ତ ସଂବିତା
ଉଦ ମୋ ହୃଦୟେ ଆଜ ।
ହର ମାନସ ମଝାର    କଳୁଷ ତିମିର,
ଫୁଟୁ ପ୍ରେମଫୁଲ ରାଜ ।
ନୀଚ କ୍ଷୁଦ୍ର ଯାହା ଦେଖି ଏମା ଜୀବନେ,
ହେଉ ଉଚ୍ଚ ସ୍ୱଚ୍ଛ କର-ମାରଜନେ,
ଯାଉ ଦୂରେ ଯାଉ ଦୂରିତ ଯନ୍ତ୍ରଣା,
ଆସୁ ପ୍ରାଣେ ଆସୁ ଆନନ୍ଦ ପ୍ରେରଣା,
ଉଠୁ ମୋ ମାନସ—    ମନ୍ଦିରେ ଧୀରେ,
ମଧୁର ବାଜଣା ବାଜି ।

ତବ ଆନନ୍ଦ ମଞ୍ଜୁଳ ଜାଗେ !
ମୋର ପୁଲକ ପ୍ରଫୁଲ୍ଲ ଆଖିଆଗେ,
ଫୁଲ୍ଲ ପ୍ରସୂନ ଶୋଭାରେ,
ପୂର୍ଣ୍ଣଚନ୍ଦ୍ର ବିଭାରେ,
ତବ ପୁଣ୍ୟ ପରଶ ଲାଗେ,
ନୃତ୍ୟ କରେ ମୋ ସର୍ବ ହୃଦୟ
ଗାଏ ଅନୁରାଗେ ।
ପ୍ରାଣେ ତବ ହେ ପରମ ଶାନ୍ତି,
ଅଙ୍ଗେ ତବ ହେ ପୁଲକ କାନ୍ତି,
ବିଶ୍ୱ-ଭୁବନ ହର୍ଷେ ଉଚ୍ଛୁଳେ
ନିତ୍ୟ ନୂତନ ରାଗେ ।

ପାରିବେ ମା ଧରଣୀରେ ତୋ ଶ୍ୟାମ ଅଞ୍ଚଳ,
ଓହ୍ଲାଇ ଆସ ମା ରବି-କରଣେ ଚଞ୍ଚଳ !
ତୋ ନୂପୁର-ଶିଞ୍ଜିମାରେ
ଉଠୁ ବାଜି ଅତମାରେ
ନବ ସଞ୍ଜିବନୀ ମନ୍ତ୍ରେ
ଶତ ପ୍ରାଣ-ବୀଣା-ବେଣୁ ;
ଶତ ହୃଦ-ସଦ୍ମ ଉଲ୍ଲସି ଉଠୁ
ଲଭି ତୋ ଚରଣ-ରେଣୁ ।
ମରଣ ହରଣ ଅମଳ ହସେ ତୋ
ଜାଗୁ ଜୀବନେ ହର୍ଷ ଉଜ୍ଜ୍ୱଳ ।

ଇମନ୍ କଲ୍ୟାଣ—ଏକତାଲ ।

ଆଜ ହେ ଚରଣେ କରୁଣାମୟ !
ଅରପିଛୁ ସର୍ବ ମାନ,
ଛପ୍ତ ଅଶ୍ରୁସିକ୍ତ ବଦନ ଲୁପ୍ତ ଅଭିମାନ ।
କ୍ଷୁଦ୍ର ହୃଦୟେ, କ୍ଷୁଦ୍ର ପ୍ରେମ, କ୍ଷୁଦ୍ର ମୋର ଭକ୍ତି,
ଅର୍ପେ ସମ୍ଭ୍ରରେ, ଅର୍ପେ ଆଦରେ,
ଦେଇ ସର୍ବ ଶକ୍ତି ।

ଧ୍ରୁ:—ଗର୍ବ ଖର୍ବ କର ହେ ମୋର
ଦର୍ପ ଦଳ ହେ ପାଦେ,
ଲୋଭ ମୋହ, କ୍ରୋଧ, କାମନା,
ଜଡ଼ତା, ଅବସାଦେ ।

ଘୁଞ୍ଚୁ ଚିର ସଞ୍ଚିତ ଦୈନ୍ୟ
ପାପ ଅଭିଶାପ,
ଶାନ୍ତିସୁଧା ଶିଶିର ସିଞ୍ଚି ମୁଞ୍ଚି ଶୋକ ତାପ,
ପୂର୍ଣ୍ଣ ପ୍ରେମେ, ପୂର୍ଣ୍ଣ ଆନନ୍ଦେ,
ଆସ ହେ ପ୍ରାଣେ ମୋର,
ଆସ ହେ ପ୍ରିୟ ! ଆସ ହେ ଦେବ !
କୋଟିଭୁବନେଶ୍ୱର !

ଧ୍ରୁ:—ସର୍ବ ହୃଦୟେ ହର୍ଷେ ଶର୍ମେ
ଅର୍ଚ୍ଚିବ ପାଦ ବେନ,
ନେତ୍ର-ନୀର-ସିକ୍ତ ଶୁଭ୍ର
ପ୍ରୀତି-ପ୍ରସୂନ ଦେନ ।

ହେ ନବଘନକାନ୍ତ ସୁନ୍ଦର !
ହେ ନନ୍ଦ-ନନ୍ଦନ ସୁମନସୁହାର !
ହେ ଅନନ୍ତ ବସନ୍ତ, ଶରତ-ଶୋଭା,
ଗୁନ୍ଦମା ଚନ୍ଦନ, ତପନ ପ୍ରଭା
କୋଟି-କାଞ୍ଚନ ତାର-ହାର ଭାସ୍ୱର !

ହେ ଚର-ଚନ୍ମୟଦେବ !
ପରମ ପ୍ରେମମୟ ଶୁଭ୍ର,
ତବ ପୁଣ୍ୟ ଅମୃତମାଧୁରୀ,
ଜୀବନେ ଉଠୁ ଲହରୀ,
ହେ ସୁଧାନନ୍ଦ ସାଗର !

ଭୈରବୀ—ଏକତାଲି ।

ଆଜ କି ମୃଦୁଳେ ମଳୟ ଖେଳୁଛି
ଦୋଳାଇ ପ୍ରସୂନ ରାଜି,
ହୃଦକୁଞ୍ଜବନେ କା'ମଞ୍ଜୁ ମୁରଲୀ
ଆକୁଳେ ଉଠଇ ବାଜି ।

ସାରା ମରମର ବେଦନା ମଧୁର,
ନତ ଲୁହ ଝରା ବିରହ ବିଧୁର,
ଠୁଳେ ଗଲା ସବୁ କଏ ଅପସର,
ନେଲା ସତେ ଶୁଭ୍ରା ବାଜି !

ନ ଆସେ ପରତେ ପାହିଲା କି ସତେ,
ମୋ ଦୁଃଖ ଯାମିନୀ ଫୁଟିଲା ଉଷତେ,
ମାନସ-ସାରସ ପ୍ରେମେ ହସ ହସ ରବ କରେ ମୁଖ ମାଜି ।

ମନୋକମଳ କମନୀୟ କାନନେ,
ବସିବେ ସେ ମହନୀୟ ମନୋଆସନେ ! । ଧ୍ରୁ—

ନବୀନ ନିର୍ମ୍ମଳ ବସନ୍ତ ପ୍ରାତେଃ,
ମଲ୍ଲି-ବାସିତ ମଳୟ-ବାତେ,
ଗଗନ-ଅଙ୍ଗନେ ହସିବ ତପନ
ରମ୍ୟ ରଜତ କାଞ୍ଚନେ ।

ନିବେଦିବ ମୋର ପରାଣ ଢ଼ାଳା
ଭକତ ପ୍ରୀତି ବେଦନା ବୋଳା,
ଅଶ୍ରୁ ଆକାରେ ମୁକ୍ତା ମାଣିକ
ଝରିବ ପଦ୍ମର ଚୁମ୍ବନେ ।

ବାଜିବ ବିଶ୍ୱ ବଂଶୀ ସ୍ୱରେ,
ମରମେ ମରମେ ଗୀତ ଲହରେ,
ଝରିବ ଆକାଶୁ ସ୍ୱରଗ ସୁଧା,
ନିଶାନ୍ତ-ନିହାର ସିଞ୍ଚନେ ।

ମିଶ୍ର ଝିଞ୍ଝିଟ୍—କାଓ୍ୱାଲି ।

ଆଜ ରଙ୍ଗେ ନବ ସାଜେ, ସୁନ୍ଦର, ସୁଧା ଆନନ୍ଦେ,
ଉଜ୍ଜ୍ୱଳ, ଆଜ ସୂର୍ଯ୍ୟ ଚନ୍ଦ୍ର ତାରା,
ନିର୍ମ୍ମଳ ଆଜ ପୁଲକିତ ଧରା,

ଚଞ୍ଚଳ ଆଜ ନଦୀ ବନ ରାଜ,
ଫୁଲ୍ଲ କୁସୁମ ସଉରଭେ ସାଜ,
ବନ୍ଦେ କାହାର ପଦାରବିନ୍ଦେ,
ସୁଧା-ଆନନ୍ଦେ । ୧ ।

ତୋଳେ କୋକିଳ ପଞ୍ଚମେ ତାନ,
ଦୋଳେ ସଧୀରେ ଲତା ବିତାନ,
ଗୁଞ୍ଜରେ ଅଳି, ଫୁଲେ ଫୁଲେ ଚଳି,
ସୁଧାକର ଧାରା ଢାଳେ କର ମାଳୀ,
ସଞ୍ଚରେ ସମୀର ମନ୍ଦେ ମନ୍ଦେ,
ସୁଧା ଆନନ୍ଦେ ।

କି ଦେଖେ ! ଏ ବିଶ୍ୱ କାହାର ରଚନା
ପରମ ସୁନ୍ଦର କିଏ ସେ ?
ଫୁଲେ ଫୁଲେ ଝରି ପଡ଼ଇ ମାଧୁରୀ
କା ପ୍ରେମ ମୋହନ ବିଳାସେ । ଧ୍ରୁ ।

ତରୁ ତୃଣଲତା ପ୍ରେମ ବ୍ୟାକୁଳତା,
ଉଚ୍ଛଳିତ ନଦୀ ପ୍ରୀତି ତରଳତା,
ଶିଶିରେ ଝରେ କି ସ୍ନେହ ଅଶ୍ରୁରାଶି,
ହୃଦ ତାପ ସୁଚେ ମଳୟ ନିଃଶ୍ୱାସେ ।

ଶଶି ସ୍ନିଗ୍ଧ ହାସେ ହସେ କି ଆନନ୍ଦ,
ଝରଣା ପ୍ରଶସ୍ତ ପୁଲକିତ ଛନ୍ଦ,
ମଧୁ ମକରନ୍ଦ ପ୍ରେମ ପଦ୍ମ ଗନ୍ଧ
ଉଚ୍ଛୁଳେ ହରଷ ବିକୁଳି ବିକାଶେ ।

ସଖା ! ତୋହର ମାନସ ବୀଣା
କହ କେଉଁ କ୍ଷଣେ ବାଜିଲା ପରାଣେ
ନିମିଷେ ହୋଇଲି କିଣା । ଧ୍ରୁ ।

ନିମିଷେ ହେଜାଇଲି ବଣ ତୋହର,
ଦଶେ ଦଶେ ଦଶେ ରୂପ ମାଧୁର୍ଯ୍ୟ,
ତାରକା ତପନେ, ଗିରି-ଅପଘନେ
ଶଶୀ ସୁମନେଶ ଶୋଭାରେ,
ପଲ୍ଲବ ପାଟଳ ପ୍ରଭାରେ,
ସରିତ ବକ୍ଷେ ବିହଙ୍ଗପକ୍ଷେ, ଧରଣୀ ଶ୍ୟାମଳ ବିଭାରେ
ଠାବେ ଠାବେ ଦେଖେଁ ମୂରତି,
ପରଶେ ଉଛୁଳେ ପୀରତି,
ଦେବତା ମୋର ସର୍ବ ସୁଖାକର
ମନୋଜୀବନ ଜଣା ।

ତୋ ବିନା ମୋ ମନ କାହିଁରେ ତୋଷିବ
ନୀରଦ ବିନା କି ନୀରେ ଗୃତକ ରସିବ ।
ଶଶୀ ବିନା ହସିବ କି କୁମୁଦ କି ନୀରେ
ରବି ବିନା ସରୋଜ କି ବିକଶେ କାସାରେ,
ବିଭାବରୀ ବିନା ତାରା ନଭେ କି ଫୁଟିବ ।
( ତୋ ବିନା ମୋ ମନକି ଉଲ୍ଲସି ଉଠିବ । )
ନ ବହିଲେ ମୃଦୁଳେ ମଳୟମାରୁତ
କୋକିଳ ଗାଇବ କାହିଁ ଲଳିତ ସଙ୍ଗୀତ
ଶୀତେ ପାଦପ ବପୁକି ପଲ୍ଲବେ ଶୋଭିବ ।
( ତୋ ବିନା ମୋ ମନକି ଉଲ୍ଲସି ଉଠିବ । )
ପିପାସା ଶମିବ କି ମରୀଚିକା ନୀରେ
ତମସ ବିନାଶ କାହିଁ ଖଦ୍ୟୋତ ଜ୍ୟୋତିଃରେ
ପ୍ରାଣ ବନ୍ଧୁ ବିନା ପ୍ରାଣ ଆଶା କି ପୂରିବ ।

ଶାନ୍ତସୁନ୍ଦର ଛନ୍ଦେ,
ନନ୍ଦେ, ନନ୍ଦେ, ନନ୍ଦେ,
ନିଖିଳ ବିଶ୍ୱ ନିବିଡ଼ ଆନନ୍ଦେ
ଚରଣ ବନ୍ଦେ ବନ୍ଦେ । ଧ୍ରୁ ।

ଶତ ଚଉ ତରଙ୍ଗିତ ସଙ୍ଗୀତ,
ଶତ ଶୁଭ୍ର ସୁମନ ସୁବାସିତ,
ଶତସରତ ମାର ଅମୃତ
ବରଷେ ଶ୍ରୀପଦ ଅରବିନ୍ଦେ । ୧ ।

କୋଟି କନକତାରାମାଳୀ,
କାନ୍ତ କଳାକର ଖଞ୍ଜର ଆଳୀ,
ପୂଜା ଅଞ୍ଜଳି ପଦ୍ମରେ ଢାଳି,
ସ୍ତବ୍ଧ ଭୁବନ ନିଷ୍ପନ୍ଦେ । ୨ ।

କାନନ ଗହନ ଗିରି ଶ୍ରେଣୀ
ନୀଳ ନୀରଧି ତରଙ୍ଗବେଣୀ
ନୀଳ ନୀରଦ ନୀର ସମ୍ପଦ-
ମୁଗ୍ଧ ପରମ ଆନନ୍ଦେ । ୩ ।

ଆଲେୟା—ଏକତାଲି ।

ଶରତ ଶୁଭ୍ରମା ଗଗନେ ହସୁଛି
ହରଷେ ମଗନ ମନ ।
ପ୍ରେମ କୁସୁମ କୁଞ୍ଜେ ମୋହନ
ଫୁଟିଛି ପୁଣ୍ୟ ସୁମନ ।

ଗାଏ କୋମଳ ଗୀତ ବିହଙ୍ଗ,
ଦୋଳେ ମୃଦୁଳେ କୁମୁଦ ଅଙ୍ଗ,
ପ୍ରୀତି-ସୁଗନ୍ଧେ ନନ୍ଦିତ
ଗଗନ, ଗହନ, ପବନ ।

ବାଏ କେ ରମ୍ୟ ଲଳିତ ବେଣୁ,
ପୁଲକେ ସ୍ତବ୍ଧ ଧରଣୀ ରେଣୁ,
ଅଣୁ ପରମାଣୁ କମ୍ପିତ,
ହସନ୍ତି ସର୍ବ ଚେତନ ।

ତବ ପୂର୍ଣ୍ଣ ମଙ୍ଗଳ ଅତୁଳ ସୃଜନା
ତବ କରୁଣାକର ବିଧାନ,
ତବ ମହାନ ମଧୁର ରଚନା
ନିତ୍ୟ ବିଶ୍ୱେ ପ୍ରମାଣ ।

ଆକାଶେ ଶଶୀ ସୂର୍ଯ୍ୟ ତାରା
ତବ ବିଶାଳ ଆନନ୍ଦ ଧାରା,
ତବ ଦୟା ସାଗର ଉଚ୍ଛ୍ୱାସେ,
ପ୍ରେମ ସରିତେ ବିକାଶେ,
ଶାନ୍ତ ହସେ ସୁମନେ, ପ୍ରୀତ ବାସ ବିତରେ ଚନ୍ଦନେ,

ମୁକ୍ତ ଗାଏ ପବନେ,
ଭକ୍ତ ପିକ-ପଞ୍ଚମେ,
ମହା ମହିମାରେ ଶୋଭେ ଅନନ୍ତ ବିମାନ ।

ହୃଦ-ହିରଣ୍ମୟ-ଆସନେ ବସନ୍ତ ବ୍ରହ୍ମ ନିଷ୍କଳମ୍ ।
ନୀଳ ଗଗନେ ଆଲୋକ ମେଳା,
ନୀଳ ସାଗରେ ଚପଳା ଖେଳା,
ଉର୍ମ୍ମି ଉଚ୍ଛଳିତ ଅଶ୍ରାନ୍ତ-ବେଳା,
ତହିଁ ରାଜେ ରୂପ ଚିର ସୁନ୍ଦରମ୍ । ୧ ।

ତାରମାନେ ତବ ଜୀବନ ଜ୍ୟୋତି,
ସୂର୍ଯ୍ୟ ଶଶାଙ୍କେ ଆନନ୍ଦ ଦ୍ୟୋତି,
ଶ୍ୟାମ ଦୂର୍ବାଦଳେ ଶିଶିର ମୋତି.
ତହିଁ ଖେଳେ ପ୍ରେମ ଶାନ୍ତ ମନନ୍ତମ୍ । ୨ ।

ମନୋମନ୍ଦିରେ ରମ୍ୟ ମୂରତି,
ଚିତ୍ତ-ପୁଲକିତ ମୋହନପ୍ରୀତି,
ବଂଶୀ-ବିନୋଦ ବାଣୀର ଗୀତି,
ନିତି ବାଜେ ସତ୍ୟମ୍ ଶିବମଅଦ୍ୱୈତମ୍ । ୩ ।

ବ୍ୟଥିତ ଚିତ୍ତ ବେଦନା ଭରେ
ଅବସାଦର ଘନ ଅନ୍ଧାରେ
ବହ୍ନି ବିପୁଳ-ଜ୍ୱାଳା ମାଝାରେ
ଅଙ୍କିତ ଶୁଦ୍ଧମ୍ ଅପାପ ବିଦ୍ଧମ୍ ।

ଆସ ମା ଜନନୀ, ମୋ'ଦୁଃଖ ରଜନୀ
ଲଭୁ ଅବସାନ ଅଚିରେ !
ଶ୍ରୀ ମୁଖ କରୁଣା-କନକ-ରବି କିରଣେ ରୁଚିରେ ।
ଅନ୍ଧାର ଅବସାଦେ ଏ ଚିତ୍ତ
ଅବଶ ଶରୀର, ପୀଡ଼ିତ, ବ୍ୟଥିତ ।

ଆସ ବରାଭୟ-ଦାୟିନୀ,
ଶାନ୍ତ ଶର୍ମ୍ମ ବାହିନୀ,
କାନ୍ଦେ କାତରେ ସନ୍ତାନ ତବ
ଶିର ଅବନତ ମହୀରେ ।

୧ । ଆସ ଦୁଆରେ ଆସ ଦୁଆରେ
ଆସ ଚଞ୍ଚଳେ ମା ଗୋ ।
ଘେନ ଆଦରେ ଘେନ ଆଦରେ
ରକ୍ତ ଅଞ୍ଚଳେ ମା ଲୋ ।
ଆସ ଚମ୍ପା ଚନ୍ଦ୍ରବରଣେ,
ରଙ୍ଗ କମଳଚରଣେ,
ତବ ସୁନ୍ଦର ସ୍ୱର୍ଣ୍ଣ କନକ କିରଣେ
ଉଜ୍ଜ୍ୱଳ ନୟନ ଅନଳେ ।—
ଭାଷ ସାଦରେ, ଭାଷ ସାଦରେ
ଅମୃତଭାଷା କଣ୍ଠରେ ମୋର
ମୋହନ ମଧୁର କୋମଳେ ।—

୨ । ତବ ଶିଶୁସମ୍ପଦେ ଆନନ୍ଦମୟି ଗୋ—
ନବ ବେଶେ ନବ ହାସେ ଭୁବନ ରସଇ
ଜାଗେ ଜୀବନ ନବସ୍ପନ୍ଦନ,
ନବ ଚେତନା ହୃଦୟେ ମୋହର,
ଖେଳେ ନବ ଜ୍ୟୋତିଃ ଆଶାକମଳେ ।—
ପ୍ରାଣଫୁଲ ମୋର ଉଠଇ ଫୁଟି
ପାଦତଳେ ତନୁ ପଡ଼ଇ ଲୋଟି
ଘେନ କୋଳେ ଘେନ କୋଳେ,
ଡାକଇ ଆକୁଳେ ମା ଗୋ ।—

ଚମ୍ପାବଳ ।

ଆଉ ନ ଧରେଣି ଫୁଲ ମନ-ମାଳତୀ ଲତିକା,
ଆଉ ନ ଗାଏ କୋକିଳ, ମୂକ ସାରିକା । ଧ୍ରୁ ।

କାହିଁ ସେ ଶୈତ୍ୟ ଧୀର ଦକ୍ଷିଣାପବନ,
ସଙ୍ଗେ ଫୁଟନ୍ତା ମଲ୍ଲିମୋହନ,
ରୁଡ଼ନ୍ତି ରବ, କୁସୁମଛବ
ପଡ଼ନ୍ତି ଝଡ଼ି, ଝଡ଼ିକା ।
ବସେ ଯାନ ଦୁଆରେ,
ଅନ୍ଧ-ନୟନ-ଅନ୍ଧାରେ,
କେହି ନ ଶୁଣାନ୍ତି ବେଣୁର, କେହି ନ ଯାଏ ପଚୁର,
ବସେ ମୁଖ ପୋତି ମଉନେ
ଲାଜେ ମରି ମରକା ।

ଆଗୋ କି ଗୀତ ଗାଇଲୁ ପିକ
ଚୂତ କୁଞ୍ଜେ କଳ-ବେଳେ,
ଉଚ୍ଛୁଳିଲା ମନେ ଅପାର ଆନନ୍ଦ
ତହୁଁ ବଳି ଦୁଃଖ-ଶୋକ,
ଦୁଃଖ ବାତାହତ ଦୋଳେ ।
( ଆଗୋ ) ନବ ବସନ୍ତ ରସିକ !
ଭାସେ ମୁଁ ନୟନ ଜଳେ । )
କା’ ମନୋବସନ୍ତ ହୃଦଧାମେ
ଗାଆନ୍ତି ମୁଁ ଗାନ ପଞ୍ଚମତାନେ
ତା’ ପ୍ରେମ-କୋମଳ-ବକୁଳ-ମୁକୁଳେ
ନବୀନ-ରସାଳ-କୁଞ୍ଜେ
ବାନ୍ଧିଥାନ୍ତା ଆଗୋ ଛନ୍ଦଥାନ୍ତା ମୋତେ
ତା ଚିତ୍ତ-ସଙ୍ଗୀତ ପୁଞ୍ଜେ ।

୨ ନିତ ନବ ନବ ଲୀଳା ଉଚ୍ଛୁଳି
ପଞ୍ଚପ୍ରାଣ ଯେନ ପ୍ରୀତି ବାଉଳୀ
ଚୁମ୍ବି ତା କମଳ ଚରଣର ଧୂଳି
ତାହାର କୋମଳ କୋଳେ
ବାନ୍ଧି ମୁଁ ପୁତୁଳି ଥୁଅନ୍ତି ଆକୁଳେ
କାନ୍ଦଇ ଯେଣୁ ନଗେଲେ ।—

## ବସନ୍ତବାହାର—ଏକତାଲି ।

ସତେକ ବସନ୍ତ-ସମୀର ବହୁଛି, ସତେକ ଫୁଟିଛି ଫୁଲ ।
ସତେକ ଚୂତ କୁସୁମକୁଞ୍ଜେ ଶୁଭେ ପିକ ରୁତ ମଞ୍ଜୁଳ ।
ଆକାଶରେ ଆଜି ନବ ଜ୍ୟୋତିଧାର
ନବୀନ ତପନ, ନବ ଚନ୍ଦ୍ରତାର
ବନେ ବନେ ଆଜି ନବ ଫୁଲ ରାଜି,
ସୁଧାସୁଖାମୋଦେ ଆକୁଳ । ୧ ।

ନୀଳ ଗଗନତଳେ
ନୀଳ ସରସୀ-ଜଳେ
ନବ ନୀଳ ନଳିନୀ ହସେ, ନବ ଗନ୍ଧମଳୟେ ରସେ
ହର୍ଷେ ଉଲ୍ଲସି ପ୍ରାଣ ମୋହର
ପୁଣ୍ୟ ପ୍ରେମେ ପ୍ରଫୁଲ୍ଲ । ୨ ।

ଆନନ୍ଦର ଶତ ସ୍ରୋତ ଯାଏ ବହି,
ସବୁ ସୁଖ ଦୁଖ ଦଶଦିକ ମହି,
ହୃଦ ବାଜଣାରେ ନବସ୍ୱର ଦେଇ
ଗାଇ କେ କରେ ଉତଫୁଲ୍ଲ । ୩ ।

ପ୍ରେମ-ହେମ ଧେନ, ନେଇ ପ୍ରିୟ ପଦଯୁଗ୍ମରେ
ଦେବି ମୁଁ ଦିବସ ନିଶି, ଆଶାନନ୍ଦ ହୃଦରେ ।

ସତ୍ୟ, ଶାନ୍ତି, କ୍ଷେମ, କ୍ଷମା,
ଶୁଭ ସ୍ୱରଗ-ସୁଷମା,
ଜାଗିବ ଜୀବନେ ପ୍ରୀତି ଜଗତଜଣା,
ବାଜିବ ବ୍ୟାକୁଳେ ବିଶ୍ୱ-ବିନ୍ଧାଣୀ-ବୀଣା ।

ଉଠିବ ନାଚି ଚିତ୍ତ-ଚେତନା,
ବ୍ୟର୍ଥେ ବୁଡ଼ିବ ହୃଦ ବେଦନା,
ନବ ନିର୍ମଳ ପୁଣ୍ୟ ପ୍ରେମ ଛନ୍ଦେ
ବନ୍ଦିବ ଭୁବନେଶ୍ୱରେ ।

କୋଟିକନକ କିରଣେ ରବି,
ଫୁଟାଇବ ଫୁଲ ପ୍ରଫୁଲ୍ଲ ଛବି,
ଅନନ୍ତ-ବସନ୍ତ-ଲଳିତ-କାନ୍ତି,
ହସିବ ହୃଦୟ ଦେଶରେ,
ମଧୁର ମୋହନ ବେଶରେ,
ଶତ ଶରତ- ଶଶାଙ୍କ ଶୋଭା
ଚୁମ୍ବିବ ଶେଫାଳି କୁଞ୍ଜରେ ।

କାହିଁ କରେ ଝୁରୁ ମନ ସେହି ସୁନ୍ଦର ଲାଗି,
କୋଟିକନକ ତାରା ରୂପେ ଆଖି ରହିଛି ଜାଗି । ଧ୍ରୁ ।

ପଥେ ବସାଇ ଯେ ଯାଇଛି,
ଗୋପନେ ପ୍ରେମେ ସେ ଚାହିଁଛି,
ଦିବସ ନିଶି ତୋ ଅଶ୍ରୁ ଝରୁଛି
ସେହି ସୁନ୍ଦର ଲାଗି;
କାନ୍ତ କମଳ ସୌରଭ ରୂପେ ପ୍ରେମ ରହିଛି ଜାଗି । ୧ ।

ଧୂଳି ଧୂସର ତନୁ ଗୋଟି,
ପାଦତଳେ ଯିବୁଟି ଲୋଟି,
ଚରଣ ସ୍ପର୍ଶେ ନବଜ ହର୍ଷେ ହେବୁ ସରବ ତ୍ୟାଗୀ ।
ମଙ୍ଗଳ ଶାନ୍ତି ହରବ ଶ୍ରାନ୍ତି ଚିର ଆନନ୍ଦଭାଗୀ ।
ପରମ ପ୍ରେମେ ଯିବୁ ମିଶି
ଗାଇ ଗୀତ ଦିବସ ନିଶି
ଅନନ୍ତ ମିଳନେ ପ୍ରେମ ନନ୍ଦନେ ଭକ୍ତି ରହିବ ଜାଗି ।
ମନୋ ବୀଣାରେ ମୃଦୁ ଝଙ୍କାରେ ସ୍ୱର ରହିବ ଜାଗି ।

ମୋହର ବୋଲି ମୁଁ କିଛି ନଜାଣଇ
ମୋହର କେ ଅଛି କାହିଁ ଗୋ,
କେଉଁ ଦୂରକାଶ ଝୀଣ ତାରକାଟି
ଅନ୍ଧାରେତ ଦେଖିନାହିଁ ଗୋ ।
ଅଟା ସେହି ମାନ ବଙ୍କିମ ଚନ୍ଦ୍ରମା,
ତମସ ତଳେ ତା ବଢ଼ଇ ସୁଷମା,
ଦେଖିବ ଦେଖିବ ଖୋଜ ନ ପାଉଛି
ସୁଦୁର ଅମ୍ବର ଗୃହିଁ ଗୋ । ୧ ।
ପ୍ରଭୁ ବୋଲି ମୁହିଁ ଡାକି ନ ପାରଇ
ସେ କିନ୍ତୁ ମୋହର ପ୍ରଭୁ ହେ,
ସଖା ବୋଲି ଆହା କହି ନ ପାରଇ
ସେ କିନ୍ତୁ ମୋହର ସବୁ ହେ !
କେତେଧନ କାର ଅଛି ଗନ୍ତାଘରେ,
ସେ ଏକ ମାଣିକ ମୋ କୋଠଭଣ୍ଡାରେ,
ସେ ରତନ ଦୀପ ମୋ' ହୃଦ ମନ୍ଦିରେ,
ସେ ମୋହର ଗଉସାଇଁ ହେ । ୨ ।

ଅକାରଣେ ବସେ ଅନାଇଁ ଅନାଇଁ
କାହାର ଆସିବା ଆଶାରେ,
ଯୁଗ ଯୁଗାନ୍ତର ଗଲାଣି ଆକୁଳେ
ଜଗିଛି ମୁଁ ଦ୍ୱାର ନଶାରେ ।

ହେଲଣି ମୁଁ ଥକା, ବଢ଼େ ମୋର ଦକା,
ଆସିବ ନାହିଁକି ମୋ ହୃଦୟ ସଖା,
କଣ୍ଟକର ବସି ତଣ୍ଟି ଶୁଖିଲାଣି,
ବିଷମ ବାସନା ତୃଷ୍ଣାରେ ।

ସତ୍ୟ. ଶିବ, ନିତ୍ୟ, ସୁନ୍ଦର, ଉଦାର,
ତାର କି ଏସନ ପ୍ରେମ ବ୍ୟବହାର,
ପଞ୍ଚଣେ ଜାଳି ସେ          ପ୍ରେମ ଅନଳ
ଲଭଇବ ଦୁଃଖ ଆସ୍ୱାରେ ।

ଛି.ଛି ଏ ତ ମୋର ମିଛ ଅବିଶ୍ୱାସ,
ପ୍ରଭୁ ଙ୍କ ପରାଣ କହିବେ ନରାଶ,
ତା ଦତ୍ତ ଜୀବନେ          ନାହିଁ ତା କରୁଣା,
ବଞ୍ଚିବ ତେବେ କେ ସଂସାରେ ।

ଜନନୀ ମୋହର କାହିଁ !
ଦୁର୍ବଳ ପୀଡ଼ିତ ସନ୍ତାନର ଡାକ
କାନେ କି ପଶିବ ନାହିଁ । ଧ୍ରୁ ।

ମା ନାମ ବହି ତୁ ହେବୁକି କଠୋର,
କରୁଣା ଉଣା କି ହେବ ମୋ ଉପର,
ପାପ କଳଙ୍କରେ କଳଙ୍କିତ ବୋଲି,
ଯିବକି ଜୀବନ ମୋହର !
ବ.ଭ କହୁ ମୁଁ କା ନନ୍ଦ-ପ୍ରସୂନ-
ପ୍ରସନ୍ନ-ବଦନ ଚୁହିଁ । ୧ ।

ସାଗ୍ର ଶଷ୍ପରଞ୍ଜି ଧୂଳିରେ ମଳିନ,
ପୋଛୁବ କି ହେଲେ ଶ୍ରୀକର ନଳିନ,
ଘୃଣା କରିବୁ କି ଛୁଇଁବାକୁ ମାତଃ
ଚରଣେ ତୋ: ଦାହ୍ନବ ଦାହ୍ନଜ ।
ତୋ କୋଳେ ମାଁ ଆଗୋ ନାହିଁ ଯଦି ସ୍ଥାନ
ଦେବୁ ତୋ ଚରଣ ଛୁଇ । ୬ ।

କାହୁଁ ପାଇବ କନକ ଧୂପ ଜୀବନ ଦୀପ ଜାଳିଛି
କାହୁଁ ପାଇବ ଅରଘ ଚନ୍ଦନ, ଅଶ୍ରୁ ଶୋଣିତ ଢାଳିଛି ।
ନଜାଣେ ତନ୍ତ୍ର ମନ୍ତ୍ର କଥା,
ଗାଇଯିବ ମୋର ଜୀବନ ବ୍ୟଥା,
ସାଧନ ଗୀତ ଯେ ହୃଦ ଆରତି,
ଯେତେ ମୁଁ ଗୋପନେ ଜଳିଛି ।
କେତେ ପଦ ଦଳା ସହିଛି ନୀରବେ,
କେତେ ଗୃହୁଁ ଛନ୍ନ ଅବଜ୍ଞା ଗରବେ,
କହିବ ନା ଆଗେ ଶୁଣିବ ସରାଗେ
ମୋ' କାନ୍ଦଣା ମନେ ଘଳିଛି ।

ବନ୍ଧୁ ବରଷ, ଭିକାରୀ ବେଶେ
ବସିଛି ଦୁଆର ପାଶେ ।
ଆକୁଳେ ବ୍ୟାକୁଳେ ଗଣେ ଦିନରାତି
ତାହାର ମିଳନ ଆଶେ ।
ହେବ ବା ନ ହେବ ଦେଖାଏ ଜନମେ
କାନ୍ଦି ବୁଲି ଯିବ ମରମେ ମରମେ,
ନ ଜାଣେ ମୁଁ କିଛି ମିଳେ ପ୍ରେମ ସଞ୍ଚି
ଫୁଟାଏ ପାଷାଣ ନିଃଶ୍ୱାସେ ।

ନାନା ମୁନିଙ୍କର ନାନା ମତ କଥା,
ନାନା ପଣ୍ଡିତଙ୍କ ନବ ନବ ପନ୍ଥା,
ମୁଁ ଯିବି କାହିଁରେ    ସେ ରାହା ନାହିଁରେ
ବୁଡେ ମୁଁ ଭୀଷଣ ନୈରାଶେ ।

ଗୃହିଁଳ୍ପବେଳକୁ ଅନ୍ତର ଭିତର
ଅସ୍ପଷ୍ଟ ଆକାର କା'ରୂପସୁନ୍ଦର,
କ୍ଷଣେ ପ୍ରତିଫଳେ    ନେତ୍ର ବେନି ଝଳେ
ଚମକେ ମୋ ଚିତ୍ତ ଉଲ୍ଲାସେ ।
ସେ କି ଏକା ମୋର ପରାଣରଧନ,
ହରବେକ ମୋର ବ୍ୟଥିତ ବେଦନ,
କାହିଁବି କପର    ରହିଚି ମୁଁ ମର
ବଞ୍ଚିଚି କେବଳ ବିଶ୍ୱାସେ ।

କମ୍ପି କାନ୍ଦେ ଅବିଶ୍ୱାସେ
ଦିନ ଯାମିନୀ,
ଲୋଚନ-ଜଳଙ୍କେ ଲେପି
ପରମ ପୁଣ୍ୟ-ମେଦିନୀ
ସଫଳ ନ ହେଲା ମୋର ବାସନା ରାଶି
ମୋ ତୀବ୍ର କାମନା ମୋତେ ପକାଏ ଗ୍ରାସି,
ପାଞ୍ଚେ ଯାହା ମନେ ମନେ
ନ ପାଏ ତା' କ୍ଷଣେ କ୍ଷଣେ
କହେ କି ନିଷ୍ଠୁର ଏଡ଼େ ବିଶ୍ୱବନ୍ଧାଣୀ !,
ତିଳେକ ବଢ଼ିଣ ଜ୍ଞାନ,
ସବୁବେ ମଣେ ମୁଁ ସାନ,
ଘାରେ ମୋତେ ମୋ'ଗୁମାନ
ନ ବୁଝେ ମୁଁ କ୍ଷୁଦ୍ରପ୍ରାଣୀ !

ଅଭିଯୋଗ ବିନା ନାହିଁ କି ଚରଣେ
ଆଉ କିଛି ଆନ କଥା ହେ,
ବିପୁଳ କରୁଣା ଉଣା ନ ହେଉଣୁ
ଉଚ୍ଛୁଳି ପଡ଼ିଲା ବ୍ୟଥା ହେ !

ଖାଲି ନୟନରୁ ବୁହାଇଲି ଧାର,
କଳଙ୍କେ ଲେପିଲି ନିରମଳ ଧାର,
କାହିଁ ମିଛେ ମିଛେ ସହିଲି ଯାତନା
ଭୁଲିଲି ଆନନ୍ଦ ସୁନ୍ଦର ସାଧନା,
ଦୁଃଖ ମୁଁ ରଖିଲି ଗଚ୍ଛି,
ସୁଖକୁ ଦୂରରୁ ଜୁହାର କରନ୍ତି
ହୃଦାନଳେ ଦହୁଅଛି ।

ଏତ ନ ଥିଲା ଆଗରୁ ଜଣା
କୃପାରେ କଠୋର ହୁଏ କାହିଁ କେହି
କ୍ଷୁରଧାରେ ଦିଏ ଯନ୍ତ୍ରଣା ।ଧ୍ରୁ ।

କେତ କେତ ଆସି କେ ପଳାଏ ଦୂରେ,
କନ୍ଦାଏ ପରାଣ ପ୍ରଣୟ ବନ୍ଧୁରେ,
ବିଷ ପୀୟୂଷରେ ପରଶେ କେ କାହିଁ
ବଢ଼ାଇ ମରଣ ଯାତନା । ୧ ।

ଯେତେ ପଛେ ପଛେ ଧାଇଁ ଗଲେ ତାର,
ଲଙ୍ଘିଲେ କାନନ ଗିରି ପାରାବାର,
ଯୁଗ ଯୁଗାନ୍ତର ଲୋକଲୋକାନ୍ତର
କରୁଥିଲେ ଶତ ସାଧନା । ୨ ।

ମିଶି ପ୍ରାଣେ ପ୍ରାଣେ ନ ହୁଏ ସେ ଧରା,
କ୍ଷଣେ ଅତି କଡ଼, କ୍ଷଣେ ଦୂରେ ପରା,
କ୍ଷଣେ ମୃଦୁସ୍ପର୍ଶେ ହୃଦୟ ଆଶ୍ୱାସେ,
ପରକ୍ଷଣେ ହୁଏ ବେଦନା । ୩ ।

ଗଜମୁକୁତା ଲଭି କେ
ପକାଏ କାଇଁଚ ଭ୍ରମେ,
ପିଉଳ ଆଦର କେ'ବା
ନ ରସେ ଦିବ୍ୟ କାଞ୍ଚନେ ।
ଲଭି ମୁଁ ମାଣିକ ସାରେ
ଦେବ କି ଫିଙ୍ଗି ବାହାରେ,
କାନ୍ଦିବ ବସି ଦୁଆରେ
ହଜାଇ ଗଣ୍ଠି-ରତନେ ।
ବେଳ ଆଉଁ ଆଉଁ ସଞ୍ଜ
ଯତନେ ପକାଇ କୁଞ୍ଚ,
ରଖିବ ମୋ' ପୁଞ୍ଜିଧନ
ସଙ୍ଗାଳି ଚିର ଜୀବନେ ।

ଶୁଖିଗଲା, ଶୁଖିଯାଉ ମନ ଫୁଲଟି !
ଅମୃତ-ଉଦ୍ୟାନେ ଦିନେ ସେ ଫୁଟିବଟି !
ଯାତନା ଦୁଃଖ ଦହନ, ହରନ୍ତୁ ବାସ ମୋହନ,
ଚଉ-ତାପ-ତପନେ ଶୁଖିଲା ଦଳଟି,
ସଂତେଜ ହେବ ସେ ଦିନେ ସୁଧା ସଲିଳ ସିଞ୍ଚନେ,
ତା ମଞ୍ଜୁ-ନିକୁଞ୍ଜବନେ ହସିବ ଫୁଟି,
ବାସେ ଚହଟି ।

ଶୁଖିଗଲା, ଶୁଖିଯାଉ ହୃଦ-ପଦ୍ମଟି ।
ପାଂପୁଷ କାସାରେ ହେଲେ ସେ ଫୁଟିବଟି;
ନବଢ଼ି ଲାଜ କୁହୁଡ଼ି-ଅନ୍ଧାରେ ମରନ୍ତୁ ବୁଡ଼ି,
ଅପମାନ ହିମେ ହେଲା ହତ ଶିରୀଟି;
ହସିବ ସୁଆଗେ ହେଲେ ତା ରମ୍ୟ ରବି କିରଣେ
ତା ପ୍ରୀତି ଚଳଙ୍ଗବନେ ଶୋଭିବ ଫୁଟି,
ସୁବାସେ ଲୋଟି ।

ପିଲୁବାରୋଆଁ—ଏକତାଲା ।

କେବେ ହେବ ମମ ସଫଳ ଜୀବନ
ମଧୁର ମଙ୍ଗଳ ମିଳନେ,
ଭବାର୍ଣ୍ଣବତୀରେ ବସିଛି ଉଦାସୀ
ଚାହିଁ ସାନ୍ଧ୍ୟ ଧୂସର ଗଗନେ । ଧ୍ରୁ ।

ସେ ପାରରେ କେବେ ଶୁଭ ନବ ପ୍ରାତଃ,
ହରିବ ଅନ୍ତର ବ୍ୟଥା ମୋ ଅନନ୍ତ,
ନବ ଜଗତେ ମୁଁ ନବକର୍ମ୍ମେ ଜାତ
ତେଜିବି ମଳିନ ବସନେ । ୧ ।

ନବସ୍ୱରେ ଗୀତଗାଇବ ରସନା,
ଅସିବ ଆନନ୍ଦ ନବ ଉନ୍ମାଦନା,
ଭୁଲିବ ବାସନା, ଛଳନା, ବେଦନା
ସୁଧା ପ୍ରେମସିନ୍ଧୁ ମଗନେ । ୨ ।

ପିଲୁବାରୋଁଆ—ଏକତାଲି ।

କେଉଁ ଦୂରାନ୍ତର ଗାଇଲେ ମୋ ଘର
ମୁଁ ପରା ସୁଦୂର ପିପାସୀ—
ଜୀବନ ସଙ୍ଗେ ନବୀନ ପ୍ରଭାତ
ହସିବ ପୁରବେ ଉଲ୍ଲାସି । ଧ୍ରୁ—

ପରାଣେ ବାଜିବ ମଧୁର ବାଜଣା,
ଯିବ ଅପସରି ଭବ-ଛଳନା,
ତନୁତେଜ ନବ ତେଜେ ସଞ୍ଜୀବିତ
ହୃଦ କୋକନଦ ବିକାଶି । ୧ ।

ଏପାରର କେତେ କ୍ଷୁଦ୍ର ଦିନ !
କପାଁ କାନ୍ଦି ହେବ ଏ ଦେହ କ୍ଷୀଣ,
କରିବି କରମ, କରମେ ମୁକତି
କରମେ ମୋ' ଦୁଃଖ ବିନାଶି । ୨ ।

ଜାଳିଛି ଯେ ମୋର ଜୀବନ ଜ୍ୟୋତିଃ,
ଦିନୁ ଦିନୁ ତାର ବଢ଼ାଇବ ଦ୍ୟୋତି,
ହରିବ ସଂସାର, ଉଠିବି ଉଚ୍ଛେ ମୁଁ
ଅନନ୍ତେ ଅନନ୍ତ ବିଳାସୀ । ୩ ।

ରାଜେ ରୁଚିରେ,
ଭବ ବାରିଧି ପର ପାରଶରେ,
ପରମ ପବିତ୍ର ପୁଣ୍ୟ ପ୍ରେମ ଗୃହରେ !
ଜଳି ଜ୍ୟୋତିଃ-କୋଟି କନକ ତାରା,
ଝରି ନିର୍ମଳ ରଜତ ଧାରା,

ଶତ ଅମୃତ ଝରଣା—
ଝରେ ଜୀବନ ମନୋମୋହନ
ଶତ-ସୁବାସ-କୁସୁମ କାନ୍ତିରେ !
ବାଜେ ଶତ ମୁରଲୀ ମଧୁରେ
ଜିଣି, କୋଟି କୋକିଳ କାକଳିରେ
ଉଚ୍ଛୁଳେ ଗୀତ ଲଳିତ,
ତନ୍ତ୍ରେ ପୁଲକ ନଭୋଭୂଲୋକ
ଖେଳେ, ମଙ୍ଗଳ ଆନନ୍ଦ ଶାନ୍ତିରେ ।

କାହିଁ ଗଲେ ହେବ ଯାତନାର ଶେଷ
କାହିଁ ସେ ଆନନ୍ଦ ଧାମ,
ଅଶ୍ରୁ, ରୁଦ୍ଧା ଅଶ୍ରୁ ଝରେ ଝର ଝର
ଅମଦର୍ଷ୍ଟିହ୍ନ ବିଗମ !
ନତ ଭ୍ରମି ଭ୍ରମି ଆଶା ଦଗ୍ଧ ପ୍ରାଣେ,
ଭୁଲେ ମୁଁ ବିଷାଦେ ପରମ ପ୍ରମାଣେ,
ଅନ୍ଧ ମୋ' ନୟନ, ଜଡ଼ ମୋ' ଜୀବନ,
ନତ, ଖିନ୍ନ ଅଭିମାନ । ୧ ।
କହାଁ ଏ ଯନ୍ତ୍ରଣା କହାଁ ଏ କ୍ରନ୍ଦଣା,
ଜୀବନ କି ମୋର ଅସାର ଖେଳନା,
ଧୂଳି ଗଢ଼ା ପିଣ୍ଡ, ହେବ ଖଣ୍ଡ ଖଣ୍ଡ,
ପଞ୍ଚ ଭୂତେ ଅବସାନ । ୨ ।
ଶିଖାଅ ହେ ମୋତେ ତବ ପୁଣ୍ୟ ଦେଶ,
ତବ ପ୍ରେମ ପଥ କର ହେ ନିର୍ଦ୍ଦେଶ,
କେବେ ପୁଣ୍ୟ ପଦ ହୃଦ କୋକନଦେ
ସ୍ଥାପି ଲଭିବ ବିଶ୍ରାମ । ୩ ।

ମିଳିବା ସକଳେ ଆନନ୍ଦ ମନେ
ସେହି ଉଜ୍ଜ୍ୱଳ ଭୁବନେ।
ସକଳ ଭଗିନୀ, ସକଳ ଭ୍ରାତା
ପ୍ରେମ ଲୋକେ ଆମେ କରୁଛୁଁ ଯାତ୍ରା
ନିତ୍ୟ ମଙ୍ଗଳ-ସଦନେ।

ମାଧବୀ ଯହିଁ ମଙ୍ଗଳ ଗାନେ,
ନବୀନ ଜୀବନ ମୋହନ ତାନେ
ଅନନ୍ତ ଅମୃତ ଯୌବନେ।
ଫୁଟିବ ମାନସ କୁସୁମ-କଳି
ଆଲୋକେ, ପୁଲକେ, ଝଲକେ ଝଳି,
ସେହି ଆନନ୍ଦ-ନନ୍ଦନେ।

---

ଅଜ ଆସିଛନ୍ତି ପ୍ରାଣସାଇଁ,
ହୃଦୟେ ମୋହର ଆକୁଳ ପିଆସା
କେହି କେବେ ବୁଝିନାହିଁ। ଧ୍ରୁ।

କେତେ ଦେଶେ ଦେଶେ ବୁଲୁଛୁ ଖୋଜି
ପରାଣର ଧନ ଗଲେକି ହଜି
କପୁଖରେ ମଜ୍ଜି ଦେଲୁ କଗୋ ତେଜି
ଏବେ କସି ଖାବୁ ଥାଇଁ। ୧।

କେତେ ନୟନୁଁ ବହୁଛି ଧାର
କେତେ ହୃଦୟେ ପଡ଼ୁଛି ଗାର;
କଡ଼ ଉଦାସେ ବୁଲେ ସାରାବଣେ
ସେ ଧନ ମିଳଇ ନାହିଁ। ୨।

ଏତେ ଦିନେ ଅଜ୍ଞ ପ୍ରସନ୍ନ ବେଶେ
ଆସିଛ କୁଟୀର ଦୁଆର ଶେଷେ
ପାଦ ଧର ଡ଼ାକେ ଆସ ଦୟାମୟ
ବସିଛୁ ମୁଁ ପଥଗୃହ୍ୟ । ୩ ।

ପ୍ରଭୁ ମୋର ବୁଡ଼ଲା ଭେଳା
ନ କର ହେଳା ।
ଆରତେ ଡ଼ାକୁଛୁ ପାଦେ ନାହିଁ ତ ବେଳା । ଧ୍ରୁ ।
ନିଜ ବୁଦ୍ଧିରେ ଭରସି,
ଦଦରା ବୋଇତେ ବସି,
ନିଜ ଅହମିକା ଦେନ ଯାଉଛୁ ସରି,
କୃପାକର କୃପାକାରୀ, ଶୁଣ ଆରତ ଗୁହାରି,
ନ ଶୁଣିଲେ ଗ୍ରାସିବ ଏ ତରଙ୍ଗ ମେଳା ।
ହେ ଭବସିନ୍ଧୁ କାଣ୍ଡାରୀ
ଦିଅ ତବ ପାଦତରୀ
ହେଉ ଏ ଅଧମ ପାର, ଜୀବନ ଧର ।
ଯଦି ସାଗରେ ବୁଡ଼ିଲି କପାଁ ଗ୍ଭମୁଁ ଡ଼ାକିଲି
ଜାଣେ ଦୟାମୟ ହରି, ତାର ଏ ବେଳା । ୨ ।
ଆରତ ଅନାଥ ନାଥ,
ଭକତ ବତ୍ସଳ ତାତ,
ଉଦ୍ଧାର ଉଦ୍ଧାର ପ୍ରଭୁ ବଢ଼ାଇ ହାତ
ମୁଁ ହୀନ ଦୋଷ ନଧର, ଅଧମେ ରୋଷ ନକର,
ମୁଁ ପରା ଗ୍ଭମୁ କଙ୍କର
ମାଟିର ଢେଲା ।

କେଡ଼େ ସୁଧାମୟ ଭକତ ହୃଦୟ
ରଞ୍ଜନ ସେ ପ୍ରଭୁ ନାମ
ଡ଼ାକ ପ୍ରେମମୟେ, ଆକୁଳ ହୃଦୟେ
ପୂର୍ଣ୍ଣ ମୋର ମନସ୍କାମ ।

ଶୁଣିଲେ ସେ ନାମ ବାଜି ଉଠେ ମମ
ହୃଦୟର ତନ୍ତ୍ରୀ ତାନ,
ଭୁଲିଯାଏ ଦୁଃଖ ଭୁଲିଯାଏ ଶୋକ
ଲଭେ ଶାନ୍ତି ମନପ୍ରାଣ । ୧ ।

ସଂସାର କାରରେ ପଡ଼ି ମୋ' ଅନ୍ତରେ
ନିତ ଜଳେ ହୁତାଶନ
ଶୁଣିଲେ ସେ ନାମ ଦଗଧ ପରାଣ
ଦାହ ହୁଏ ଉପଶମ । ୨ ।

ପ୍ରେମ ଛଳ ଛଳ ଲୋଚନ ଯୁଗଳ
ଅଶ୍ରୁକରେ ବରଷଣ
ଅଧର ମୋହର ଭୁଲିଯାଏ ଗିର
ସ୍ତବଧ ହୃଦ-ସ୍ପନ୍ଦନ । ୩ ।

ଶିରରେ ଶିରରେ ସଞ୍ଚରେ ଶକତି
ବିକଶିତ ହୁଏ ଜ୍ଞାନ
ଦେଖେଁ ସର୍ବସୃଷ୍ଟି ମଙ୍ଗଳମୟର
ଜୟ କରୁଛନ୍ତି ଗାନ । ୪ ।

ହେ ମନୋମୋହନ ଚିର ବିନୋଦନ
ପ୍ରେମ ଘନଶ୍ୟାମ ହେ ।
ମଙ୍ଗଳ ମୁରଲୀ ବାଜୁ ଅବିରଳ ହୃଦଅଭିରାମ ହେ ।

( ଘିରେ ପାଦତଳେ— )

ବିଶ୍ୱ ଶତଦଳ ଅରୁଣ ଉଜ୍ଜ୍ୱଳ—
ହେମ ରଶ୍ମି ଦାମ ହେ
ସତ୍ୟ ସନାତନ ଶାନ୍ତ ନିକେତନ ପରଂବ୍ରହ୍ମ ନାମ ହେ । ୧ ।

( ବାଜେ ବଂଶୀ ସ୍ୱରେ— )
ଚିର ଶିବ ଚିର ସୁନ୍ଦର ମଧୁର ବୁଦ୍ଧ ଶୁଦ୍ଧ ଜ୍ଞାନ ହେ
କୋଟି ବିଶ୍ୱ-ବାସୀ ହୃଦ ଅଭିଳାଷ
ପୂର୍ତ୍ତି ପ୍ରାଣାରାମ ହେ । ୨ ।

(ସାଜେ ଶୋଭାମୟ)

ମାନସ-ତିମିର ପବନ ମିହିର
ଶୁଭ ପ୍ରଭାବାନ ହେ ।
ଚିର ପ୍ରିୟତମ ସୁହୃଦ ସୁଜନ କ୍ଷେମ କ୍ଷେମାଧାମ ହେ ।

(ଖେଳେ ଉତଭୟ)

ନିଖିଳ ରଞ୍ଜନ କଳୁଷ ଭଞ୍ଜନ କରୁଣାନିଧାନ ହେ,

ଶୁଭ୍ର ନିରଞ୍ଜନ ହୃଦସ୍ୱବନ୍ଦନ
ନନ୍ଦନ ମହାନ ହେ । ୪ ।

ବାଜ ବାଜ ବିଶ୍ୱ ବୀଣା ଅମୃତ ଗୀତ ବାହିନୀ
ରାଜ ରାଜ ହୃଦ ପଦ୍ମେ ଚିଦାନନ୍ଦ ଦାୟିନୀ,
ଜନ ମନମୋହିନୀ
ଜନନି ଜନନି । ଧ୍ରୁ

ବାଣୀ ବୀଣା ପାଣି ଶୁଭ ସ୍ୟନ୍ଦିନୀ,
ଜନ ମନୋବନ୍ଦିତା ନନ୍ଦିନୀ,
ଆସ ଶୁଭମନ୍ତ୍ର ପ୍ରଦାୟିନୀ—
ଜନନି ଜନନି । ୧ ।

ଆସ କ୍ଷେମ କ୍ଷମା ଶାନ୍ତି ସୁଷମା,
ସ୍ନେହ ଶୋଭନା ଶ୍ୱେତବସନା,
ପ୍ରେମ ପୂତ ଛନ୍ଦେ ବିଶ୍ୱନନ୍ଦେ—
ଜନନି ଜନନି ।୨

ବିଶ୍ୱସୁଖ ସାଧିନୀ—
ଜନନି, ଜନନି !

ପ୍ରଭୁ ପ୍ରାଣ ବଲ୍ଲଭ ପ୍ରିୟ ହେ
ଶୁଭ ଆନନ୍ଦମୟ
( ପ୍ରଭୁ ହେ )
ରହିଛୁ ଶ୍ରୀପଦେ ନବ ଅନୁରାଗେ
ଢାଳି ଦେହ ଆତ୍ମା ହୃଦୟ ହେ ।
ଚିର ମଙ୍ଗଳମୟ
ଚରଣ-ପଦ୍ମରେ ପ୍ରେମ ଫୁଲ୍ଲସରେ
ମିଶାଇଛୁ ଅଶ୍ରୁ ଅମିୟ ହେ ।
ଦେବ କରୁଣାମୟ

ତବ ମନୋହର ପଦ୍ମର ପୁଷ୍କର
ପୂରେଇ ଆଜି ପ୍ରେମଆଳୟ ହେ ।

ହେ ସୁନ୍ଦର ମନୋହର
ପରମେଶ୍ୱର !
ହୃଦୟ ମନ୍ଦିରେ ମମ,
ପର ତବ ପ୍ରେମାସନ,
ବସାଇ ଦିବସ ନିଶି ହେ ପ୍ରେମାକର । ୧ ।

ତୁମେ ମୋ ପରମ ପଦ,
ତୁମେ ମୋ' ବିଶ୍ୱ ସମ୍ପଦ
ତୁମେ ମୋ' ସାଧନ ଧନ, ମୁକ୍ତି ମୋହର,
ତୁମେ ମୋ' ପରମଗତି
ତୁମେ ମୋ' ଶାନ୍ତି ଶକତି,
ହରଷ, ବିଶ୍ୱାସ, ଆଶା, ପୂର୍ତ୍ତିସାଗର ।

( ପିଲୁ ଯୋତ୍ମା )

ଆସୁ ଦୁଃଖ ଦୈନ୍ୟ ରାଶି ତୁମର ନାମ ପ୍ରଗୁରେ
ସହିବ ଆନନ୍ଦେ ତାହା ସେବକ ତବ ସଂସାରେ ।
ଆସୁ ବିପଦ ଲାଞ୍ଛନା, ଗଞ୍ଜନା ମର୍ମ୍ମ ଯାତନା,
କୋଟି କ୍ଲେଶ, ଦ୍ୱେଷ, ଶ୍ରାନ୍ତି କାମନା ନଡ଼ ଅନ୍ଧାରେ ।

ତୋଳନ୍ତୁ ସର୍ବ ଆତ୍ମୀୟ, ଚିତ୍ତରେ ରୁହ ହେ ପ୍ରିୟ
ତୋଷ ଦେଇ ପ୍ରେମସୁଧା, ସିଞ୍ଚ କରୁଣା ଆସାରେ ।
ଜଳିବ ଯେବେ ମୋ' ହିଆ, ହୋଇବ ତୋହରି ଠିଆ—
ଦୁର୍ବଳ ଚରଣ ମୋର, ତବ ଅପାର କୃପାରେ ।
ତୁମ ନାମ ଧର୍ମ୍ମ ଲାଗି ହେବି ମୁଁ ସର୍ବସ୍ୱତ୍ୟାଗୀ
ଅନ୍ତିମେ ହୋଇବି ଭାଗୀ ତୁମରି ପ୍ରେମ ଦୟାରେ ।—

ଇମନ୍ କଲ୍ୟାଣ—କାଓ୍ୱାଲି

ପରାଣ ବୀଣାରେ                    ଜାଗେ ଆଜି ସ୍ୱର
କାହାର ଅଭୟ ବାଣୀ,
ଲୁହ ଝର ଝର                    ଆଖି ପତା ଭର
ସମାଳି ନ ପାରେ ପାଣି । ଧ୍ରୁ ।

( ଅସ୍ଥାୟୀ । )

ଆନନ୍ଦ ମୂର୍ଚ୍ଛନା ଆନନ୍ଦ ସଙ୍ଗୀତ,
ଶୁଣେ ଆଜି ମୁଗ୍ଧ ସ୍ତବ୍ଧ ସ୍ତିତ ଚିତ୍ତ,
ଦୂରେ ଯିବ ପାପ                    ଜଞ୍ଜାଳ ଯନ୍ତ୍ରଣା
ଶୁଣ ଶୁଣ ସର୍ବପ୍ରାଣୀ । ୧ ।

ମଙ୍ଗଳମୟର ମଙ୍ଗଳ ପରଶେ,
ନାଚିବ ଏ ବିଶ୍ୱଅନ୍ତର ହରଷେ,
ଯିବ ଅବସାଦ                    ଘୁଞ୍ଚିବ ବିଷାଦ
ପାପ ତାପ ଦୁଃଖ ଗ୍ଲାନି । ୨ ।

ଅମୃତ ଉତ୍ସବେ ଆସ ନର ନାରୀ,
ଦୁଃଖ ଦୈନ୍ୟ ଜ୍ୱାଳା ନ ରହୁ କାହାରି,

ଶୁଭେ ଶଙ୍ଖସ୍ୱନ        ବିଶ୍ୱ ସମ୍ମିଳନ,
ନବ ଆଶା ଦିଏ ଆଣି । ୩ ।
ଆଉ ନ ରହିବ ଜଡ଼ତା ଆଲସ୍ୟ
କ୍ରୋଧ ହିଂସା ଦ୍ୱେଷ ଦୁଃଖ ନୈରାଶ୍ୟ
ଏକ ପିତା ତବ        ହେ ବିଶ୍ୱ ମାନବ
ପାରିବ ଅନ୍ତରେ ଜାଣି । ୪ ।

ଅସାର ନୁହେ ସଂସାର
ମିଛ ମାୟାର ଛାୟା ବାଜି,
ଅଛି ପରମ କାରଣ
ଅଣୁରେ ଅଣୁରେ ବିରଜି ।
ନୁହେ ଏ ଛଳନା ପ୍ରବଞ୍ଚନା
ଅଳୀକ ଭବ ମାୟା ଖେଳନା,
ଏ କୃପାମୟର ରାଜ୍ୟ ପୂରିଛି ବିବିଧ
ଆନନ୍ଦ ରଜି । ୧ ।—

ଅନ୍ତରେ ଆଲୋକ ଯାଏ ଦିଶି,
ନୁହେ ଏ କେବଳ ଚିର ନିଶି,
ଦେଖ ଅମୃତ ଅରୁଣୋଦୟ
ନେଞ୍ଚ ନିଦ୍ରାଜଡ଼ତା ଭଜି । ୨ ।
ଏ ପୁଣ୍ୟ କରମ ରମ୍ୟ ଧାମ,
ଅଳସର ଏଥି ନାହିଁ ସ୍ଥାନ,
ଉଠ ଆନନ୍ଦ ବିଶ୍ୱାସେ ବିଶ୍ୱବାସୀ
କରମ ବେଶେ ସଜି । ୩ ।

ଦୂରେ ଯିବ ଦଳାଦଳି ହିଂସା ଦ୍ୱେଷ,
ଜୀବନେ ଜାଗିବେ ଯେବେ ସେ ପରମେଶ ।
ଜଗତର ମୂଳାଧାର । ଧ୍ରୁ ।—

ଭାଇ୨ କାହିଁ ପାଇଁ, ଭିନ୍ନ ଭାବ ମନେ ବନ୍ଧ,
ଅସାର ସ୍ୱାର୍ଥ ସାଧନେ ହେଉଛ ଦଗ୍ଧ,
ଏକ ପିତା ଏକ ପ୍ରଭୁ, ଏକ ଧର୍ମଶାସ୍ତ୍ର ସବୁ
ଭିନ୍ନ୨ ରୂପ ପାଇଁ,
ଏତେ ଅନର୍ଥ ଅହଙ୍କାର ।
ଏ ବିଶାଳ ବିଶ୍ୱେ କେହି, ନିଜ ଲାଗି ଜନ୍ମି ନାହିଁ,
ଅଛି ମହତ ଉଦ୍ଦେଶ୍ୟ ମାନବ ପାଇଁ,
ଏକ ପ୍ରେମ ଏକ ମାୟା    ଏକ ରକ୍ତ ଏକ କାୟା
ଭିନ୍ନ୨ ରୂପ ପାଇଁ,
ଏତେ ଅନର୍ଥ ଅବିଚାର ।
ଅଳପ ଧନ ଲାଗି, ପ୍ରେମେ ଜୀବନ ବିତିଯାଉ,
ହଣାହଣି ମରାମରି ଶୁଣା ନ ଯାଉ,
ଏକଆତ୍ମା ଏକଆଶା    ଏକଆକାଙ୍କ୍ଷାର ଭାଷା
ଭିନ୍ନ୨ ରୂପ ପାଇଁ,
ଏତେ ଅନର୍ଥ, ଏ ଚିତ୍କାର ।

ସଖା ହେ ! ଆଜି କିପାଁ ଉଦାସ,
କହ ମୋ ପ୍ରାଣଟି କିପାଁ ନିରାଶ । ଧ୍ରୁ ।—

କାହିଁ ଥିଲ ଦୂରେ ଦୂର ସ୍ୱରଗରେ ଥିଲି ମୁଁ
ମର୍ତ୍ତ୍ୟରେ ଶତ ଅନ୍ତରେ,
ଆଜି ମୋର ପାଶେ, ଟାଣି ନେଲ ପାଶେ
ବାନ୍ଧି ଦେଲ ତବ ପ୍ରେମର ପାଶ । ୧ ।

ସତେକ ନଷ୍ଠୁର କଲ ମୋତେ ଦୂର,
ପ୍ରାଣ କର ଝୁର ପ୍ରେମ ବଧୁର,
ଝରେ ଘନ୨ ମୋ' ବେଦନ ନୟନ,
ଅବଶ ପରଣ କ ଅବଶ୍ୱାସ । ୨ ।

ନ ମାନେ ପ୍ରବୋଧ ମୋ ମନ ଅବୋଧ
ଘୋର ଅବସାଦ ଚଉ ବଷାଦ
ଏ ଚଉ ଯାତନା ଏ ପ୍ରାଣ କାନ୍ଦଣା
କହ ଆଜ ସଖା କାହା ହକାଶ । ୩ ।

ଯେ ଦନ ଜୀବନ ସନ୍ଧ୍ୟା ହେବରେ
ନ ଥିବ ଏ କାରା ବନ୍ଧନ,
ଆପଣା ଗୋଡରେ ଚାଲିବ ମୁଁ ବାଟ
ଚାହିଁବ ମେଲ ମୋ ଲୋଚନ ।
ପ୍ରାଣ ଭତରେ ମୋ କେତେ୨ କଥା,
ଲଭବ ଆନନ୍ଦ ଚର ସଫଳତା,
ଭାଙ୍ଗିବ ବାଧା ବପଦର ବନ୍ଧ,
କାଟି ପକାଇବ ବାଡ ;
ଶ୍ରମ ଝାଳେ ଦେହ ଗୋଠାକ ବୁଡ଼ବ
ଦଢ଼ ହୋଇବ ମୋ ହାଡ଼ ।
ନ ଥିବ ଏପନ କୁସଂସାର ରାଶି,
ଅସ୍ଥି ମଜ୍ଜା ଯାହା ପକାଇଛୁ ଗ୍ରାସି,
ଶଠ ଶାସ୍ତ୍ର ପାଶ ଫିଟାଇବ ହେଲେ,
ଜଡ଼ତା ଛାଡ଼ବ ତନୁ,
ଅକାରଣ ଭୟ ଦଳା ଅବଶ୍ୱାସ
ଖେଦ କ୍ଲେଶ ଯିବ ମଲୁଁ ।

ଆସିବେ ପରଶେ ପଡ ମଈଶ୍ୱର,
ଆନନ୍ଦେ ହୋଇବ ପମ୍ବୃର କିଙ୍କର,
ଚର ଦନର ମୋ ଲୁହ୍ୱଙ୍ଗ ଟିକ
ପାଦେ ଦେବ ମୁଁ ଅଜାଡ଼ି —
ଯେତେ ପ୍ରୀତ ପ୍ରାଣେ ସଞ୍ଚିଛୁ ଯତନେ
ପୂଜା ଲାଗି ଦେବ ସଜାଡି ।

ଅନନ୍ତ ବସ୍ତାର ମହାକାଶ ଢଳେ,
ସ୍ୱାଧୀନ କରମ ସାଧି ଆତ୍ମବଳେ,
ସାରା ଜଗତକୁ ଭାଇ ଭାଇ ବୋଲି
କୋଳେ ଦେନବ ଆଦରେ,
ପରସ୍ପର ଦୋଷ ତ୍ରୁଟି ନ ଧରିଣ
କ୍ଷମିବ ମୁଁ ପରସ୍ପରେ ।

ଆନ ଦୁଃଖେ ଦୁଃଖୀ ଆନ ସୁଖେ ସୁଖୀ,
ଇଚ୍ଛା ହେବ ସଦା ଆନହିତ ସୁଖୀ,
ଆପଣାର ଲାଗି ହେବ ସର୍ବତ୍ୟାଗୀ
ଆନ ଆନନ୍ଦେ ଆନନ୍ଦ,
ସ୍ୱାର୍ଥ ଜଞ୍ଜାଳ ହଜିବ ଜୀବନୁ
ଯିବ ଜୀବ ଭଜି ଶ୍ରୀପଦ ।

ଖୋଜ ବୁଲୁ କପାଁ ଶାସ୍ତ୍ରପଥ
ମୁଁ ପର ଦୁଆରେ ଡାକୁଛି,
କପାଁ ଅନାହାରେ ତପୁଛୁ ଅରଣ୍ୟେ
ମୁଁ ପର ଉପାସୀ ବୁଲୁଛି ।

ଧାନସ୍ୱଦେଶ ମୁଁ ଜଠରଜ୍ୱାଳା,
ବାଧତା-ଲୋଚନେ ଲୋତକମାଳା,
ଅନାଥ ଦେଶେ ମୁଁ ଶୁଏ ତରୁତଳେ
ଝିଟକେ କପର ବସିଛୁ ?

ତଳେ ତୋର ଲକ୍ଷ ନାହିଁ କି ଭକତ,
ଶୀତେ ଥରେ ତନୁ ଶୁଖେ ମୋ'ରକତ,
"ହା ଅନ୍ନ ହା ଅନ୍ନ" ନ ଶୁଭେ କି ସ୍ୱନ
ମୋ କଥା କାହିଁରେ ଖୋଜୁଛୁ ?

ସଜାଡ଼ିଛୁ କପାଁ ଏ ସଜସୁମନ,
ଶୀଳାରେ ଘଷୁଛୁ ସୁବାସ ଚନ୍ଦନ,
ସୁନାଧାପ ଜାଳି ଥୋଇ ଅର୍ଘ୍ୟଥାଳି.
କହ କେଉଁ ଦେବେ ବନ୍ଦୁଛୁ ?

ପଦାରେ ବୁଲେ ମୁଁ ପିନ୍ଧି ଛିଣ୍ଡା କନ୍ଥା
କେବେ କି ଭୁଲିଲୁ ତୁ ଗୃହିଁକୁ ।
କହରେ ଯାଚକ ମାଗୁ କି ମୁକତ,
ବଶ୍ୱ ବନ୍ଧନେତ ବନ୍ଧା ମୋ ଶକତ,

କପାଁ ତୋ ଆରତ କହେବ ବିଭୂତ
ଦନେ କି କା' ଦୁଃଖ ଦେଖିଛୁ,
ଦନେ ପରପାଇଁ ନୟନରୁ ତୋର
ଉଷ୍ମ ଅଶ୍ରୁ ଗଳି ଢାଳିଛୁ ?

ଦେଖି ନାହୁଁ ଯଦ ପ୍ରାଣବଲ୍ଲଭକୁ
ଅନାଥ ଅନାଥ ଆଜ,
ଏ ଭକାସ୍ତ ଦେଶେ ତୋର ଦ୍ୱାର ଦେଶେ
ଅଙ୍ଗେ ଛିନ୍ନ ଚୀର ସାଜ ।

ନ ଜୁହ ନ କୁହ କର୍କଶ ବଚନ,
ଦଅ ଦଅ ତୋର ହୃଦସ୍ମୃତି ଦାନ,
ଅରପ ଶ୍ରୀପଦେ ତୋ' ଧନ ସମ୍ମାନ,
ସେ ପରା ଭୁବନେଶ୍ୱର,
ନୟନର ଆଗରେ ନମ ନତଶିରେ
ଚୁମ୍ବ ସାଦରେ ପୟର ।

କରବୁ କି ସେବା ପ୍ରାଣ ରତନର
ଯତନେ ଭାବିଛୁ ମନେ,
ରୋଗ ଶୋକେ ପଡ଼ି କାନ୍ଦନ୍ତି କାତରେ
ଡାକୁଛନ୍ତି ଘନେ ଘନେ,
ଶୁଣ ଶୁଣ ଆଜି କାତର ଆହ୍ୱାନ,
କର କର ପାଶେ ରଜନିଜାଗରଣ,
ତୋ କୋମଳ କରେ ପୋଛ ଅଶ୍ରୁଧାର
ସେ ପରା ସ୍ନେହାଭିଳାଷୀ

ଆପଣାର ଜନେ କୋଳେ ଘେନି ବସ
ତୋ ଅଳସପଣ ନାଶି ।

ବୀଣା ବଂଶିର ସ୍ୱରେ ଯେ ବାଜଇ
ସେକି ନ ଝରଇ ନୟନନୀରେ,
ଆନନ୍ଦ ମନ୍ଦରେ ଯାର ପୂଜାବେଦୀ
ସେତ ବସେ ମୃତ୍ୟୁସରିତତୀରେ ।
ଶିଶୁ ବଦନର ଯେ ମଧୁର ହାସ,
ଭିକାରି କରୁଣକଣ୍ଠେ,
ଶ୍ମଶାନ ଚିତାରେ ତାହାରି ଦହନ,
ଭଇରବୀ ବେଶେ ମଠ ।

ଦୁଃଖ ହତାଶ୍ୱାସେ, ହରଷେ ସେ ହର,
ସେ ପ୍ରେମ ମୋହନ, ମହାନ,
କି ଦେବୁ ଆଜ ତା' ଚରଣେ ସୁଦାନ !
କର ତୋ' ହୃଦଟି ଦାନ ।

ଝରେ ଝର ଝର ପ୍ରେମର ନିର୍ଝର
ମୋ ମନ ଗିରି କନ୍ଦରେ,
ନଦୀଟିର ପରି ଧଇରେ ବହି ସେ
ମିଶିବ ଯାଇ ସାଗରେ ।

ବିପୁଳ ବିଶ୍ୱର ପ୍ରେମ ପାରାବାର,
ମିଶି ମୋ ସହିତ ହେବ ଏକାକାର,
ଭୁଲିବ କ୍ଷୁଦ୍ର ନର ଅହଂକାର
ହରାଇ ଦୁର୍ବଳ ସତ୍ତା,

ପ୍ରବଳ ପ୍ରବାହ ପୁଲକ ଉଚ୍ଛ୍ୱାସେ
ହେବ ସେ ଗର୍ବର ଉଦାର ।
ଶତଧାନ ହୃଦ କେଦାର
ସିଞ୍ଚି ଶୁଭ୍ର ଆସାର,
ଛେଦିବ ଶତ ପିପାସା, ଦାରୁଣ ତୀବ୍ର ନିରାଶା,
ଫଳେ, ନାରେ ଅର୍ଚ୍ଚି ଆନନ୍ଦେ
ଶତ ଜୀବନ ତରୁ ଆଦରେ,
ଶତ ମରୁଭୂମି ଫୁଲ ଫଳେ ରମି,
ଗାଇବ ଶାନ୍ତି ଛନ୍ଦରେ ।

ଆସିଥିଲେ ଯେବେ          ସାନସ୍ଥାନ ବେଶେ
ପ୍ରାଣସଖା ତୋ ଦୁଆରେ,
କପାଁ ଫେରାଇଲୁ          ରୁକ୍ଷ ଅନାଦରେ
ଉକାସି ଗର୍ବ ମନରେ ।
ଆସିଥିଲେ ଯେବେ          ଛିନ୍ନ ଛିଣ୍ଡା କନ୍ଥା
କପାଁ ରୁ କହିଲୁ ଛି ଛି,
ତଣ୍ଡୁଳ ଗଣ୍ଡାକ          ମାଗିଥିଲେ ଯେବେ
କହିଥିଲୁ ନାହିଁ କିଛି ।
ରାଜା ମହାରାଜା          ବେଶେ ଆସିଥିଲେ
କରିଥାନ୍ତୁ କି ଆଦର,
ନଶ୍ବରର ସାର          ଏବେ ତୁ ଡାକିଲେ
କହ କି କ୍ଷତି କାହାର ?

ଶ୍ମଶାନେ ଫୁଟିଛି          ପ୍ରୀତି-ମଲ୍ଲିକାଟି
ବ୍ୟଥିତ ହୃଦୟ ମଝିରେ,
ହୃଦ-ଭରା ଶ୍ରମ          କାନ୍ଦଣା ଯେନ କି
ଫୁଟିଛି ଗୋଧୂଳି ତମିରେ
ଦରଫୁଟା ତାର ଅଧର ପାଖୁଡ଼ା,
କେତେ ପ୍ରେମ ତହିଁ ରହିଅଛି ମୋଡ଼ା,
କିଏ ଜାଣେ, କିଏ ଜାଣେରେ,
ସେତ ଧୀରେ ଧୀରେ ଦିଏ ଅଜାଡ଼ି,
ଶିଶିର ବିନ୍ଦୁଟି ସଜାଡ଼ି,
ତରୁତଳ ଫଟା ପାଷାଣ ଉପରେ
କହ କିଏ ବସି ଗଣେରେ ?

ଆଜି ସିନା ହସେ ପୂର୍ଣ୍ଣିମା ଶଶୀ ନୈଶ୍ୟ ଆକାଶେ ଭସି,
ଆଜି ଦିନା ଫୁଟେ ମଧୁଗନ୍ଧମା ଲୋଟେ ଧରଣୀ ହସି,
ଆଜି ସିନା ସରେ ହାସରସରେ ଭସେ କୁମଦ ହେର,
ଆସିବ ସେ ଦିନ ଶଶୀ ଯେ ଦିନେ ସରବେ ହେବେଟି ଝୁର ।

କୁଞ୍ଜ-କାନନ ପୁଞ୍ଜପ୍ରସୂନ ନୀଳ ଗଗନ ସାଗ,
ନୀର ବିତାନ ନୀଳ-କଲ୍ଲୋଳେ ଖେଳୁଛି ରଜତ ଧାଗ;
ଧରୁଛି ଧରଣୀ କାନ୍ତକରଣେ ମଧୁର ମୋହନ ଶିଖ,
ଆସିବ ସେ ଦିନ ଶଶୀ ଯେ ଦିନ ସରବେ ହେବେଟି ଝୁର ।

କାନ୍ଦବ ଆକାଶ କାନ୍ଦବ ଧରଣୀ କାନ୍ଦବ ଝଙ୍କାର ଜଣି,
କୁଞ୍ଜ-କାନନ ପୁଞ୍ଜପ୍ରସୂନ ନୀଳ-କଲ୍ଲୋଳ ରାଶି,
କାନ୍ଦବ କୁମୁଦ ମ୍ଳାନ ଆନନେ କାନ୍ଦବ ହୃଦୟ ସ୍ଥିର,
ଆସିବ ସେ ଦିନ ଶଶୀ ଯେ ଦିନେ ସରବେ ହେବେଟି ଝୁର ।

ହେଲ୍ ଅବା ନାଚ ହୀନ କ୍ଷୁଦ୍ର ପ୍ରଜାପତି
ତବ ପ୍ରୀତି ଫୁଲଦଳ ମୋ' ପ୍ରିୟ ବସନ୍ତ;
ତବ ମଧୁର ସୁନ୍ଦର ରବ କରଣରେ
ବୁଲେ ମୁଁ ଆସବ-ସେବା ଅତି ହରଷରେ ।

ତରଣେ ତରଣେ ପ୍ରେମ ମିଳନେ
ବିଶ୍ୱ-ମୋହୁଛି ।
ଗାଉଛି କୋକିଳ ପଞ୍ଚମ କଣ୍ଠେ,
ଭ୍ରମର ଗାଉଛି,
କୁଞ୍ଜକାନନେ ସଞ୍ଚରି ଧୀରେ
ସମୀର ବହୁଛି ।

ସରସୀଉର୍ମୀରେ ସରୋଜ ଲୋଚନରେ
ମୃଦୁଳେ ଦୋହଲୁଛି,
ନୂତନ ତପନ ନବୀନ ବଳୀତେନ
ଧୀରେ ଡାକୁଛି ।

ଲଜେ ଫୁଟି ଉଠି ଫୁଲକଳିକା
ହରଷେ ହସୁଛି,
ପାଦପଅଙ୍ଗରେ ନବ ସୁଆଗରେ
ଢଳି ପଡୁଛି ।

ନାଚ ନାଚ ରଙ୍ଗେ ଗୀତମାଳୀ ଭଙ୍ଗେ
ତଟିନୀ ଧାଉଁଛି,
ଲମ୍ବାଇ ଲହରୀ ହାର ପାରିବାର
ଗଳାରେ ଅର୍ପୁଛି ।

ମୋର ପ୍ରେମ-ଜଳ ଯୁଗଳ-କମଳ
ସୁକ୍ଷଣେ ଫୁଟିଛି,
ସାଦରେ ଚରଣତଳେ ମୁଁ ଗ୍ରହଣ
କାମନା କରୁଛି ।

ଜୀବନ ସରସେ ମୋର ନବ ଫୁଲ ଫୁଟିଲା ।
ପ୍ରେମେ ମନ-ଅଳି ତହିଁ ହରଷରେ ଲୋଟିଲା ।

ନବୀନ ମୋହନ ରାଗେ,
ନବ ହର୍ଷ ଅନୁରାଗେ,
ଉଭା ହୋଇ ମୋର ଆଗେ
ନବବର୍ଷ ହସିଲା । ୧ ।

ନବୀନ ହୃଦ-ମନ୍ଦିରେ,
ପ୍ରଭୁଙ୍କୁ ଡାକି ଆଦରେ,
ନବଭକ୍ତି ହାରେ ମନ
କୁତୁହଳେ ପୂଜିଲ ।୨।

ଏନବବାସରେ ନବଆନନ୍ଦରେ
ସୁନ୍ଦରେ ସୁନ୍ଦରେ ମଧୁର ମିଳନ ।
ବିଶ୍ୱ-ପରିବାରେ ବିଶ୍ୱର ସେବାରେ
ମିଳିଲେ କି ଆଜି ଯୁଗଳ ଜୀବନ ।

ଶତ ସ୍ନେହ ରାଶି, ହୃଦୟେ ବରଷି
ଉଦିଲେ କି ନଭେଃ ନବ ରବି ଶଶୀ,
ପ୍ରେମ ପାରାବାରେ    ପ୍ରେମର ତଟିନୀ
ମିଳନେ କି ଆଜି ମୋହିଲ ଭୁବନ ।୧।

ଫୁଟିଲ ପ୍ରସୂନ ସୁବାସ ମୋହନ
ସାଜି ଉପବନ ମନୋବିନୋଦନ
ନବୀନ ଯୌବନେ    ଆଶା ପୂର୍ଣ୍ଣପ୍ରାଣେ
ପ୍ରେମର ଅଚ୍ଛେଦ୍ୟ ଅଭେଦ୍ୟ ବନ୍ଧନ ।୨।

ନବ ଅନୁରାଗେ, ନବୀନ ସୁଆଗେ,
ମିଳିଲେ କି ବେନି ନବ ପ୍ରେମ ଯୋଗେ
ସାଜି ଫୁଲ ଡାଲି,    ଭକ୍ତି ପ୍ରୀତିମାଳା,
ସାଦରେ ପାଦରେ କରିବେ ବନ୍ଦନ ।୩।

ଶୁଭ ପ୍ରଭାତେ                    ମଧୁମିଳନେ
      ପମ୍ପୁରଛନ୍ତି ଆଜ ଯୁଗଳ ଅନ୍ତର ।
ପ୍ରାଣ କୁଞ୍ଜବନେ,                 ପ୍ରୀତିମଣ୍ଡପ
   ମନ୍ଦିରେ ଆହା ଆଜ କି ଶୋଭାଧର,
   ମଣି କାଞ୍ଚନର ହୋଇଛି ମେଳ,
   ମିଶି ଯାଇଛନ୍ତି କ୍ଷୀରରେ ନୀର । ୧ ।

କୁହରେ କୋକିଳ                  କାନନକୁଞ୍ଜେ,
   ଗୁଞ୍ଜରେ ଅଳିକୁଳ ବକୁଳ ପୁଞ୍ଜେ,
   ସଞ୍ଚରେ ଧୀରେ ଧୀର ସମୀର,
   ନଗ୍ଭଇ ନଦୀନୀର ସରସୀ ସରଃ । ୨ ।

ତଡ଼ାଗ-ତରଙ୍ଗ                   ଭଙ୍ଗ ବିଭଙ୍ଗେ
   ଭାସ୍କର-କରେ ନାଚେ ପୁଷ୍କର ରଙ୍ଗେ
   ଦେଇଛନ୍ତି ଫେଇକି ସୁଧା ସମ୍ଭାର
   ଦମ୍ପତି ମନ ମୋହି କିବା ସୁନ୍ଦର । ୩ ।

ଢାଳ ଆଶୀଷ ଏ                  ମଧୁମିଳନେ
   ବାନ୍ଧ ହେ ପ୍ରାଣେ ପ୍ରାଣେ ପ୍ରେମ ବନ୍ଧନେ,
   ବେନି ମାନସ-ସୁମନ-ଆସନେ
   ବସକ ବନ୍ଧୁ-ବନ୍ଧୁ ପରମେଶ୍ୱର । ୪ ।

ନବୀନ ବାସରେ, ଆଜ ନବ ଶୁଭ ଆମୋଦେ,
ଏବୀନ ହୃଦ ମନ୍ଦିରେ, ରଖ ପଦଇନ୍ଦିବରେ
ସ୍ନେହ ଭକ୍ତି ସମାଦରେ ପୂଜିବ ପ୍ରଭୁ ଆନନ୍ଦେ ।
      ଦେହ ମନ ହେବ ନୂଆ,
      ପ୍ରେମ ହେବ ହୃଦ ଲୁହା,
      ପଦ ସାରସ ପରଶେ
      ଗାଇବ ନବୀନଛନ୍ଦେ ।

ଦୁଆରେ ଆସି ମୋର ହସୁ ଆଜ
ଆଗୋ ନୂତନବନ୍ଧୁ ମୋର ନୂତନ ସାଜେ ସାଜି ।—

କି ଦେବ କହ ତୋତେ ନବବନ୍ଧୁ,
ଅଛି ମାତ୍ର ମୋର ନେତ୍ର ନୀରବିନ୍ଦୁ,
କିଛି ନାହିଁ ନୂଆ ମୋର, ହୃଦୟେ ପଡ଼ିଛି ଭାର,
ଅତୀତ ସ୍ମୃତିଟି ପ୍ରାଣେ ଯାଉଛି ବାଜି । ୧ ।

ଯାଉଛି ଭସି କହ କେଉଁ ଦେଶେ,
ଦିଗହୀନ ଅନ୍ଧକାର ମରୁକି ସେ,
ନ ଜାଣେ ନ ଜାଣେ ବନ୍ଧୁ, ଏ ଜୀବନ ଭବସିନ୍ଧୁ,
ତରିବାକୁ ନାହିଁ ବଳ ଭବେ ଆଜି । ୨ ।

ବଳ ନାହିଁ ମୋର ସିନା ଅଛି ଆଶା,
ଅଛି ମାତ୍ର ପଦେ ପଦେ ପାଦଭରସା,
ତେବେ ସୁଦ୍ଧା ପ୍ରାଣପଣେ, ଧାଏଁ ଏ ବିଜନବନେ,
ସେ ବିଭୁ ଅଭୟ ପଦ ହୃଦୟେ ହେଜି । ୩ ।

ଇମନ୍ କଲ୍ୟାଣ—ଏକତାଲ

ଅଜି ଶୁଭକ୍ଷଣେ, ଏ ବିଶ୍ୱସଦନେ
ମଙ୍ଗଳ ମୁକୁଟ ଶିରେ,
ଫୁଲ୍ଲ କୁସୁମ-ଗନ୍ଧ ପବନ-ମନ୍ଦ ସମୀରେ ଧୀରେ,
ସୁଧା ହସିତ ସ୍ନିଗ୍ଧ ବଦନେ ମଧୁର ମୋହନହର୍ଷ ।
ଆସିଛି ଦୁଆରେ ନବବର୍ଷ ! ଆସିଛି ନବବର୍ଷ ।
ଶୂନ୍ୟହୃଦୟ ପୂର୍ଣ୍ଣ କର ସେ ଢାଳ ପ୍ରେମ ଅଶ୍ରୁବାରି,
ହସାଇ, ରସାଇ, ଶତ ଜନ ମନ
ନବ ଶୋଭା ସାଜ ଧରି,

ଶତଆଶା ସ୍ୱପ୍ନ ଆଙ୍କି ହୃଦପଟେ ଶତଉତ୍ସବ ମହୋତ୍କର୍ଷ
ଆସିଛି ଦୁଆରେ ନବବର୍ଷ ! ଆସିଛି ନବବର୍ଷ ।

ବେଦନା ଯାତନା ସାରା ଜୀବନର ଉଷ୍ଣଲୋତକଧାର,
ମର୍ମଭେଦୀ ଶତ ଦୀର୍ଘଶ୍ୱାସ, ଶତକଷ୍ଟ ହାହାକାର;
ହରିବ ନିମିଷେ କୋମଳ ଶ୍ରୀକରେ
ବିମଳ ପ୍ରଣୟସ୍ପର୍ଶ !
ଆସିଛି ଦୁଆରେ ନବବଷ ! ଆସିଛି ନବବର୍ଷ

ନବୀନ ଅତିଥି

ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ ବି, ଏ, ମହୋଦୟଙ୍କର

— କୁଳ ପ୍ରଦୀପ

ଶ୍ରୀମାନ୍ **ସତ୍ୟସୁନ୍ଦରର**

ଭବିଷ୍ୟତ ଜୀବନର ଆକାଙ୍କ୍ଷିତ ମହତ୍ତ୍ୱ

ଓ

ଶୁଭକାମନାରେ ଶିଶୁ-ଜନ-ମନୋହର

# ଶତଦଳ

ସ୍ନେହୋପହାର ପ୍ରଦତ୍ତ ହେଲା ।

## ଶିଶୁ ।

ଅମଳକମଳଦଳ ଜିଣି ସୁକୋମଳ,
ଶଶାଙ୍କ ସୁଷମାନନ୍ଦ ବଦନ-ମଣ୍ଡଳ,
ଶମ୍ପା-ଶୋଭା ଜିଣି ନେତ୍ର ଚଞ୍ଚଳ ସୁନ୍ଦର
ବଲ୍ଲୋଳ କଟାକ୍ଷ ହାସ ଦୀପ୍ତିରେ ଭାସ୍ୱର ।
ଆହା କି ସୁନ୍ଦର ଶିଶୁ ଭାବନା ବିହୀନ
ସୁଧା ରସ ସିକ୍ତ ତବ ଏ ନବ ଜୀବନ ।
ପ୍ରାତଃ ସମ ସୁମଧୁର ପ୍ରଶାନ୍ତ ଉଜ୍ଜ୍ୱଳ
ଏ ନବ ଜୀବନେ ନାହିଁ ସଂସାର ଜଞ୍ଜାଳ ।
ପଡ଼ିନାହିଁ ଦୁଃଖ ଛାୟା ଏ ଜୀବନ ପଥେ
ଦୁଃଖ ସୁଖର ପ୍ରଭେଦ ଜାଣିବୁ କେମନ୍ତେ ।
ପାପ ପୁଣ୍ୟ ନ ଜାଣୁ ତୁ ନିର୍ଦ୍ଦୋଷ ସୁନ୍ଦର
କି ଶଙ୍କାରେ ଚିତ୍ତ ତୋର ହେବଟି କାତର ।
ବେଢ଼ିନାହିଁ ମାୟାଜାଲ କ୍ଷୁଦ୍ର ମନୋମୀନ,
ବିମଳ ଆମୋଦେ ତୋର ଯାଏ ବହି ଦିନ ।
ପଶିନାହିଁ ତୋ' ଅନ୍ତରେ ସଂସାର ଗରଳ,
ଚନ୍ତାରେଖା ଶୂନ୍ୟ ତୋର ଆନନ ଅମଳ ।
ନୈରାଶ୍ୟ ବିଷମ ବିଷେ ନୋହିଲୁ ଜର୍ଜ୍ଜର
ଆଶା ଶୂନ୍ୟ କି ଜାଣୁ ତୁ ଭାର ନୈରାଶ୍ୟର ।
ନାହିଁ ଲୋଭ, ନାହିଁ କ୍ରୋଧ ନାହିଁ ଅହଂକାର,
ଉଚ୍ଚପଦ ଅଭିଳାଷ ନାହିଁ ତୋ' ଦୁବାର ।
ବାସନା ବିହୀନ ଶିଶୁ ସନ୍ତୋଷ ଅନ୍ତର
ପ୍ରେମମୟ ନମ୍ର ଚିତ୍ତ ନିର୍ମ୍ମଳ, ମଧୁର ।

ଉଚ୍ଚନୀଚ ଭେଦଜ୍ଞାନ ନାହିଁ ତୋହଠାରେ
ସ୍ୱାର୍ଥଜାଳ ପଶି ନାହିଁ ଚିତ୍ତ ସୁକୁମାରେ ।
ଅମୃତ ନିର୍ମିତ ଶୁଦ୍ଧ ଚିର ପ୍ରଫୁଲ୍ଲିତ,
ପ୍ରଫୁଲ୍ଲତାଗୁଣେ ସର୍ବେ କରୁ ବିମୋହିତ ।
ନିର୍ଦ୍ଦୋଷ ସୌନ୍ଦର୍ଯ୍ୟ ତୋର କି ମନୋମୋହନ
ଅସ୍ଥାୟୀ କିନ୍ତୁରେ ହାୟ ଏ ମଧୁଜୀବନ !
ସରଳ ସ୍ୱଭାବ ହେତୁ ଚିର ସୁଖୀ ଶୁଦ୍ଧ;
ସଂସାରେ ତୋ' ସୁଖ ତୁଳା ନାହିଁ ଦେବ ମୁହିଁ ।
ତୋ'ପରି ସ୍ୱଭାବ ଯଦି ମିଳନ୍ତାରେ ମୋତେ,
ସମ୍ଭବ ଥାଆନ୍ତା ସ୍ୱର୍ଗଭୁବନ ମରତେ,
ହରିଲେ ମୋହର ମଧୁ ଶୈଶବ ଜୀବନ
କି ଦୁଃଖେ ବଦରେ କ୍ଷଣେ ଚାପିତ ମରମ ।
ଫେରି ଆସିବ କି ଆହା ସେ ସୁଖର ଦିନ
ଅକୂଳେ କାନ୍ଦିବ ଯେବେ ନେତ୍ର କରି କ୍ଷୀଣ ।
ତଥାପି ଆସିବ ଫେରି ସେ ସୁଖର ଦିନ
ପରାର୍ଥେ **ସମର୍ପିଲେ** ପ୍ରାଣ **ବାସନାବିହୀନ ।**

## ବିଶ୍ୱରୂପ ଓ ପ୍ରେମସ୍ୱରୂପ ।

ତୁହେଁ ନା ଝଞ୍ଜା, ବଜ୍ର, ବିଦ୍ୟୁତ,
କରାଳ ନିବିଡ଼ ଜଳଦ ମାଳା,
ତୁହେଁ ନା ଅଗ୍ନି-ଗିରି ଉଦ୍ଗୀରଣ
କି ଶମିବ ମୋର ପରାଣ ଜ୍ୱାଳା ।
ତୁହେଁ ମୁଁ ସୁଦୂର ମଧୁର ବେଣୁର
ବାଜଣା ଉଠିମା ବନାନ୍ତରାଳେ,
ତୁହେଁ ମୁଁ ଶିଶିର-ସିକ୍ତ ସୁନ୍ଦର
କୋମଳ କମଳ-କୁସୁମ ମାଳେ । ୧ ।

ତୁହେଁ ନା ଅଭ୍ରଭେଦ ଉଚ୍ଚତା ଦେହ
ତୁଷାର ଆବୋର ତୁଙ୍ଗ ଶୃଙ୍ଗ,
ତୁହେଁ ମୁଁ ଶ୍ୟାମଳ ନବ ଦୂର୍ବାଦଳ
କିଶଳୟ ଅଙ୍ଗେ ନାଳ ତରଙ୍ଗ ।
ତୁହେଁ ନା ପ୍ରଚଣ୍ଡ— ପ୍ରତାପୀ ମାର୍ତ୍ତଣ୍ଡ
କିରଣ ଅନଳ ଜ୍ୱାଳା ବିକାଶି,
ତୁହେଁ ମୁଁ ଶାରଦ ସ୍ନିଗ୍ଧ ଆକାଶେ
ଶଶିର ମୋହନ ସୁଷମା ରାଶି ।

ବିଭୂତି--ଭୂଷିତ ବିଶ୍ୱରୂପ ତବ
ମହାମହିମାର ମୂର୍ତ୍ତି ବିକାଶ,
କୋଟି ରବି ଶଶି ନକ୍ଷତ୍ର ମଣ୍ଡଳେ
ଆନନ୍ଦ ଉଜ୍ଜ୍ୱଳ ଜ୍ୟୋତିର ଉଦ୍ଭାସ ।
ତୁହେଁ ନା ଅନନ୍ତ ଦିଗନ୍ତ ବିସ୍ତାର
ମହା ପାରାବାର, ଅତଳ ପାତାଳ,
ତୁହେଁ ମୁଁ କ୍ଷୁଦ୍ର ସ୍ୱଚ୍ଛ ଝରଣା
ଶାନ୍ତ ତଟିନୀ ତାଳ ତମାଳ ।

ତୁମ୍ଭେଁ ନା ଭୂଷଣ    ମଧ୍ୟ କଣୀଟିଏ
ଉଲ୍କାପତନ ଅନଳ କଣା,
ତୁମ୍ଭେଁ ମୁଁ ବସନ୍ତ—    କଣ କେନ୍ତେ ଫୁଟନ୍ତା
ଫୁଲର କୋମଳ ସ୍ୱମ କାମନା ।
ତୁମ୍ଭେଁ ନା ଦେବ ଭବ    ସଂହାର ରୂପ
ମୁଣ୍ଡମାଳା ଗଳେ ରୁଦ୍ର ଯତି,
ତୁମ୍ଭେଁ ମୁଁ ଜନନୀ    ଅନ୍ନପୂର୍ଣ୍ଣା
ବାତ୍ସଲ୍ୟ-ମଧୁର ମାତୃ ମୂରତି ।
ତୁମ୍ଭେଁ ନା ରତନ—    ଝେଯ ଶଦ୍ଧନ ମୁଁ
ତୁମ୍ଭେଁ ପ୍ରେମଦୋଳା କୋମଳକୋଳ,
ସନ୍ତାନ ସରି    ହସି ମୁଖ ତୁମ୍ଭ
ବକ୍ଷ ସୁଧା ପିଇ ହୋଇବି ଭୋଳ ।
ମଧୁର ଚୁମ୍ବନେ    ପ୍ରେମ ଅଲିଙ୍ଗନେ
ଛନ୍ଦ ଗଳା ତୋର କରିବି ଆଦର,
ଅଜ୍ଞାନ ଶିଶୁକୁ    ଚୁମ୍ବି ପ୍ରତିଦାନେ
ମୋ' ଦେହରୁ ଧୂଳି ଝାଡ଼ିବ ଶ୍ରୀକର ।
ଅନନ୍ତ ଜୀବନ    ଅନନ୍ତ ମୁକତି
ପୂର୍ଣ୍ଣ ସଫଳତା ଅସୀମ ନିର୍ଝର,
ପ୍ରେମ-ସ୍ୱରୂପ    ତୋ ପାଦତଳେ ମୋର
ବହିବ ଜୀବନ ଅମିୟ ନିର୍ଝର ।

## ଯୋଗେଭ ।

ଆଜି ଦୀନର କୁଟୀର ଦୁଆରେ,
ଆସି ଛିଡ଼ା ହୋଇ    ହେ ମହା ମହିମ
ଛୁଡ଼ି ଦେଲ ବଡ଼ ଲକ୍ଷ୍ମୀଟି ।

ସ୍ନାନ ଦେବ କାହିଁ ଲବଣା ଜଳ,
ମାନସ ଯେଉଁଠି ଦେବ କି ପାଣି ?
ଖଣ୍ଡି ପୁରାତନ,          ସେ ଛିନ୍ନ ମଳିନ
ସଙ୍କୋଚେ ନ ପାରେ ଗୁହିଁ,
କହିବାକୁ ଲାଜ          'ଆସ ବସ' ବୋଲି
ହେ କୋଟି ଭୁବନସାଇଁ ।
ସରୁଛି ଗୋପନେ ସରମେ
ଆହା ଅତିଥିର ସେବା ଧରମେ,
ତର ମୁଁ ଅକ୍ଷମ,          ତର ମୁଁ ଅଧମ,
ବଢ଼େ କ୍ଷୋଭ ମୋର ମରମେ ।

ଧୋଇବି ଶ୍ରୀପଦ ମୁଁ କେଉଁ ମତେ,
ଝରୁଛି ଅଶ୍ରୁ ତତେ ଅଧୀରେ,
ସହସ୍ର ସାଗର          ସତତ ନିର୍ଝର
ଝରଇ ବୃଷ୍ଟି ଆସାରେ,
ପଖାଳିବ ମୁଁ କି ପଦ୍ମର ଯୁଗଳ,
ଲୋଚନ ଲୋତକ ଧାରେ !

ମରୁଛି ଆକୁଳ ହୃଦରେ,
ଆହା ଅତିଥିର ଯତ୍ନ-ଆଦରେ
ତର ମୁଁ ଅଯୋଗ୍ୟ          ତର ମୁଁ ଦୁର୍ଭଗା
ଲାଜ ମୋ'ପରାଣ ହଦରେ ।
କି ଦେଖି ରଚିବ ଅରଘ ଥାଳୀ,
ନଭେଥାଳେକି ଇନ୍ଦୁ ମରୀଚିମାଳୀ,
ନକ୍ଷତ୍ର ମଣ୍ଡଳ—          ପୂଜା ଦୀପ ଜାଳି
ସଜାଡ଼େ ପ୍ରକୃତିରାଣୀ,
ହୃଦୟର ଶ୍ରଦ୍ଧା ଆଦର ଅଜାଡ଼ି
ଦେବକି ହେଣୁ ଦେବ ଆଣି ।

ବଡ ବ୍ୟଥା ମେର ଅନ୍ତରେ,
ଆତ୍ମା ଅଡଥିର ଦେବ ପ୍ରାନ୍ତରେ ।
ଚର ମୁଁ ସୁଜନ, ଚର ମାଚ ସ୍ୱନ,
କି ଦେବ ଘଜର କାଢରେ ।

ଅର୍ପିବ କବା ବନ୍ଧୁ-ବନ୍ଦନ !
ମୁକୁଟା ମାଣିକ ଫୁଲ ଚନ୍ଦନ,
ଶୋଭେ ସୁଷମାରେ ଚିର ପାପବାରେ
କୋଟି କାନନ ଉଜ୍ଜ୍ୱଳି,
ଭୁଞ୍ଜ ମୁଁ ଥୋଇଛୁ ସ୍ୱଚ୍ଛ ସୁମନର
କ୍ଷୁଦ୍ର ଭକତ ଅଞ୍ଜଳି,
ମଳିନ ମୁଁ ଲଜ୍ଜଭୟସେ,
ଆତ୍ମା ଅଟଥି ଅର୍ଚ୍ଚନା ପ୍ରକାଶେ,
ଚର ମୁଁ ଦରିଦ୍ର, ଚର ଅକିଞ୍ଚନ
ଦତ୍ତର ପରଶ ନସଶେ ।

କି ଅନ୍ନ ଦେବ ମୁଁ ଶ୍ରୀମୁଖେରେ ଆଣି,
କାନ୍ଦିଁ ତ ମୋ ଘରେ କାସି-ବୋଗଣୀ,
ଦେଖ କି ପରଶି ପ୍ରେମ ସୁଧାରାଶି,
ଭରସି ନ ପାରେ ପ୍ରଭୁ !
ରହନ୍ତୁ ମଉଳେ ନଉନଡା ଜାଗି
ନିଜ ଗୁଣେ ଭୁଲ ସବୁ ।
ଆନ୍ତେ ଅପାର କୃପାସାଗର ।
କଣିକାଏ ଦାନେ କଣି ନଅ ମୋତେ,
ମାଗୁଣି ଚରଣେ ମୋହର ।

## କହାଁ ?

କହାଁ ଡାଳେ ଡାଳେ ଫୁଟିଅଛି ଫୁଲ,
କହାଇଁ ପଞ୍ଚମେ ଗାଉଛି କୋକିଳ,
କହାଁଇ ସାଗର ଲହରୀ ବ୍ୟାକୁଳ ?
କହାଁ ନୀଳାକାଶେ ସୁଷମା ସୁନ୍ଦର,
ସୌରକରେ କହାଁ ଗଠିତ ଅମ୍ବର,
କହାଁ ଇନ୍ଦ୍ରଧନୁ ସୁରଙ୍ଗେ ଶମ୍ବର ?
କହାଁ ହୃଦକୋଣେ ଆକୁଳ ସ୍ପନ୍ଦନ,
ବାସନା ବ୍ୟଥିତ ହୃଦ ଉଚ୍ଚାଟନ,
କହାଁଇ ଜନ୍ମେନ ମୋହ ଆବରଣ ?
କହାଁ ସ୍ୱଦେଶବ୍ରତେ ଆତ୍ମବଳିଦାନ,
ପରାର୍ଥ-ସାଧନେ ନିବେଦିତ ପ୍ରାଣ,
ଭବଶେଷ ସୀମା ଯଥା ଗୋ ଶ୍ମଶାନ ।
ଅଛି ଆତ୍ମା ଊର୍ଦ୍ଧ୍ୱେ ଅଛି ବହୁ ଦୂର,
ଆଶା ବିଶ୍ୱାସର ଆକାଙ୍କ୍ଷା ମଧୁର,
ପୂରବ ସେଠାରେ ଅଛିତ ସେ ପୁର ।

## ବନଫୁଲ ଓ ଉଦ୍ୟାନ କୁସୁମ ।

ଏତ ବନଫୁଲ ଚିର ଅନାଦରେ
ଫୁଟିଛି କଣ୍ଟକ ବେଢ଼ାରେ,
ଆନଗୋହିତ ଉଦ୍ୟାନ କୁସୁମ
ଚଡ଼ିଛି କେତେ ସେ ଶ୍ରଦ୍ଧାରେ ।
ସାନ ଗୁସ୍ବାଙ୍କ ଅତି ଯତନରେ
ମାଳିତ ଚିହ୍ନ ସନ୍ତକ,

ବଢ଼ିଲା ଗଛଟି ଆନନ୍ଦରେ ଅତି
ଦୋହଲି ବସନ୍ତ ଅନିଳେ ।
ଗୁଚ୍ଛି ଗୁଚ୍ଛି ଫୁଲ ଫୁଟିଲା ସୁନ୍ଦର
ବିତରିଲା ବାସ ମୋହନ,
ଲୋକେ କେତେ ରସିଲେ ଆଦରେ ଅନାଇଁ
ସେ ପରି ଉଦ୍ୟାନ ସୁମନ ।

ଏତେ ବନ ଫୁଲ ଗହନ ଅନ୍ଧାରେ
ଘନ ଘଞ୍ଚ ଲତା କୁଞ୍ଜରେ,
ଫୁଟିଣ ମନକୁ ବାସ ବିତରିଲୁ
କେହୁ ନ ଦେଖିଲେ ନୟନରେ ।
ଲୋକ ଅଖି ସିନା! ଦେଖି ନ ପାରିଲା
ନ ବୁଝିଲା ଗୁଣ ତାହାର,
ଅନାଦ ତନ୍ତ୍ରିଲା ଫୁଲ ଯୁଗଳକୁ
କେତେ ରୂପଗୁଣ କାହାର ।

## ଯଉବନ ।

ଦେଖୁଛ ସରବେ ପଳାଶ ଫୁଲଟି
ତାର କି ରକତ ଶିଖା ।
ଝହରଲୁ ବନା ତୋର ତନୁ ମିନା
ପଲ୍ଲବିନ ସେହୁପରି ।
ଯଉବନ ଦେଖି ନଭୁଲ ତୋ'ଅଖି
ଦୁନିଆର ଦୁଇଦିନିଆ ଖେଳ ।
ମୁକୁତା ନୁହେଁ ଏ ଶିଶିର ବିନ୍ଦୁ
ଜଳୁ ଅନ୍ଧାର ଏ ପୂର୍ଣ୍ଣିମା ଇନ୍ଦୁ ।
କାଞ୍ଚନ ନୁହଇ ବେଲ,

ଏ ତ ମନ୍ଦାକିନୀଜଳ,
ଦୁରବନ ପାଇଁ କର୍ପା ଉଷର
ଚଳି, ନୁହେ ଏ ତ ବଇସ୍ଥ ସର ।
ମଣି ଦେଖି ଯଦି ବଢ଼ିବୁ ଫଣୀକୁ
ଯାଉ ହେବ ହଳାହଳ ।

## ଗୋଲାପ ।

ସ୍ନ ସୁରଭିତ                ଯୌବନ କାନ୍ତି
ବସନ୍ତର ହାସି ଗୋଲାପ,
ନବ ବସନ୍ତେ                ଶାନ୍ତ ସୁନ୍ଦର
ଝଲଝଳ ଆଖି ମୋହନ ।
କୋମଳ ମସୃଣ ଦଳୁଁ ଝଲମଲ
ନୀରବ ନାହାର ଝରଣା,
ସଲିଳ ସୁନ୍ଦର                ଦେଖ ଟଳମଳ-
ରୂପ ମିଶା ସ୍ୱର୍ଣ୍ଣ କାଞ୍ଚନ ।
ତନ୍ତୁଁ ରସ ନାଶ ହୃଦୟ ଉଚ୍ଛ୍ୱାସ
ପ୍ରବଳ ଆକୁଳ ପୁଲକ,
ମିଶାଇ ଦେଲ ଗୋ ତେ ବରଷାର
ଅଲୋକ ମୋହନ ଝଲକ ।
ଅରେ ଗୋଲାପ ସୁନ୍ଦର ଜନ ମନୋହର
ତର ଯୌବନ ଶୋଭନ !
ଶତ ହାହାକାର-ତାପ-ବନ୍ଧନ
ତଦ୍ଭୁଣର ଝାଣ ଉଦ୍ଧାମ !
ଅସରନ୍ତି ତୋର ବାସନା,
ଅସରନ୍ତି ତୋର ବେଦନା,

ଅସରନ୍ତି ତୋର ଅମୃତ ହସ,
ଅସରନ୍ତି ତୋର ସାନ୍ତ୍ୱନା ।
ଡାଳେ ଡାଳେ କୋଟି କଣ୍ଠର ବନ୍ଧୁ
ଆଶେ ଗୁଞ୍ଜିଛୁ ଆକାଶେ,
ଅଶ୍ରୁ ଦାଧା ବଜ୍ର ଝଞ୍ଜା ପବନ
ବକ୍ଷୁ ଦୃଢ଼ ବିଶ୍ୱାସେ ।
ଜଗପାଇଁ ତୋର ସଞ୍ଚିତ କାନ୍ତି,
ଆନର ଆଦରେ ଅଙ୍କୁ ଅନାଇ,
ତୋର ହାସ ଦାସ          ରସ ଆନ ଲାଗି
ନିଜ ଗନ୍ତାଘର କାନ୍ଧି
ନିଜ ଭଣ୍ଡାରଟି ବାନ୍ଧି ।
ରୂପ ଦେଖି ଆଖି ଆନନ୍ଦ ଅଧୀର,
ସଉରଭ ଟିକ ସ୍ୱେଚ୍ଛାଏ ସମୀର,
ଅତର ତୋହର          ମୋହେ ଶତପୁର,
କେ ପେନ୍ଥେ ତୋତେ ଛୁଣ୍ଡାଇ ।
ହସି ସବୁଙ୍କର ବଦନ ଚୁମ୍ବି,
ନୀରବ ସ୍ୱରେ କି କଥା ଶୁଣାଇ,
ପରପାଇଁ ପୁଷ୍ପ ବକ୍ଷକୁ ତୋଲି
ଜଗତେ ଆଦର ପାଉରେ,
ଜଗତେ ଆଦର ପାଇ ।
ଶୋଭାଯାକ ତୋର କି ସ୍ନେହେ ଗଢ଼ା
କିସ ଘେନ ରଙ୍ଗାଇଲୁ ପାଙ୍ଖୁଡ଼ା,
ମନଲୋଭା ଭୁଡ଼ା,          ପ୍ରେମେ ପ୍ରାଣ ବୁଡ଼ି
ସୃଷ୍ଟି ବଉଳ ଛଡ଼ାରେ !
ଅଗୋ ! ନଗନ ମୋହନ ଯୌବନ !
ଅଗୋ ସୁରୂପ ସୁନ୍ଦର ଯୌବନ !

ଲଳିତ ବସନ୍ତ ବିଳାସୀ,
ଭୃଙ୍ଗ ! ଚିର ଚଞ୍ଚଳ ଲାଳସୀ,
କୁଞ୍ଜ କୁଟୀର— ଦୁଆର-ସସଗୀ
ମୃଦୁଳ ମଳୟ ଉଲ୍ଲାସୀ !
ଅଗୋ ସହଜ ସରଳ ବିଶ୍ୱାସୀ,
ନୀଳ ଗଗନ କିରଣ ଛଳନେ
ଦିଏ ରୌଦ୍ରଜ୍ୱାଳା ବରଷି,
ତୁଷ୍ଟି ତୁ ଖେଳୁ ତା' ଆଶିଷ ଆଦରେ
ଆହେ ! ଅମ୍ଳାନ ସ୍ନେହ ସୁହାସୀ !

## ଫୁଲତୋଡ଼ା ।

ସ୍ନେହଗଢ଼ା ତୋର ତନୁଟି ବନ୍ଧୁଣ
ବାଞ୍ଛିତା ଦେଇ ପିଠାଇ,
ଆଦର ଫୁଲ ତୋଡ଼ା ସଉରଭିମାନ
ଭେଟେ ତୁ ଦେଲୁ ପଠାଇ ।

ମନ ମନ୍ଦିରର ମନେ ଗୋପନେ,
ଯତ୍ନ ରଖିଛି ମୁଁ ବନା କାରଣେ,
ବିଶ୍ୱ ଭର ଦାନେ ଖେଳା,
ସୁର ଭରିଲ ଦଳ, ମିଶିବ ମାଟିରେ
ସ୍ଥିର ଚିତ୍ର ମାଟିହେଲା ।

ଶୁଣେ ଗୋ' ଭ୍ରମର ଆସ୍ଥି ଭଳ,
ମୋ' ଗୁଣ ସଭିଙ୍କି ଦିଏ ପଢ଼ିତ,
ଲଢ଼େଇରେ ଖେଳିକ ଯାଏ ସେ ଭାଙ୍ଗୁଛି,
ବନ୍ଧୁଣ ମନେ ଯାଉନା,

ତୋ' ସ୍ୱର କାହୁଁ ମୁଁ ସ୍ନେହରେ କୁସୁମ
ଗୀତ ଦେବେ ହୃଷ୍ଟମନା ।

## ଛୋଟ ବଡ ।

ଛୋଟର ଆଦର କରିଥାଏ ଛୋଟ, ବଡର ଆଦର ବଡ
ଫୁଟିଥିଲା ଫୁଲ ସଙ୍ଗେ ସରି କିବା ହେବ କେବେ ଫୁଲକଢ଼ !
ବଡହୁଏ ଯଦି ପୂର୍ଣ୍ଣଚନ୍ଦ୍ର ପରି
ଆଉ ନ ପାରିବ ବଢ଼ି,
ଫୁଟିଲା ଫୁଲ କି ଫୁଟେ ଆଉଥରେ, ଫୁଟେସିନା ଫୁଲକଢ଼ି !
( ମୁଁ ତ ଛୋଟ, ମୁଁ ତ କ୍ଷୁଦ୍ର ଅତିଶୟ
ବଡ ଜନ୍ତୁ ଯବେ ହେବ ମୁଁ ନିଶ୍ଚୟ ! )
ସାନ ହୁଏ ବଡ, ଭଙ୍ଗା ହୁଏ ଦଢ଼, ପଛ ଲୋକ ହୁଏ ଆଗ
ସେଥିପାଇଁ ସଦା ସାନ ମଣି ଆପେ ଲୋଡ଼ୁଥିବ ପଛଭାଗ ।
ହେଲେ ସାନ ନାହିଁ ଲାଜ ଅପମାନ
ଯଦି ମୁଁ ପାରିବ ବଢ଼ି,
ଫୁଟିଲା ଫୁଲ କି ଫୁଟେ ଆଉଥରେ ଫୁଟେ ପରା ଫୁଲକଢ଼ି ।

## ମେଘର ଗର୍ବ ।

୧ — ମେଘର ହୃଦୟ ଜଳଧି ଜଳ
କରିଥିଲା ଧୂଳି ତାହା ଉପର,

ଏବେ ମେଘ ଗର୍ଜ୍ଜ ହୋଇ ଚଞ୍ଚଳ
କହେ କରଇ ମୁଁ ପୂର୍ଣ୍ଣ ସାଗର ।
୨—ଅଞ୍ଜଳିଏ ପାଣି ଘେନ ସାଗରୁ,
କରିପାରେ କିଏ ସାଗର ମରୁ ?
ମେଘ ତୁ ଢାଳି ଦେ ସବୁ ତୋ' ନୀର,
ହ୍ରାସ, ବୃଦ୍ଧି ନାହିଁ ପୟୋନିଧିର ।

## "ହସ କାନ୍ଦ ।"

( ୧ )

ହସେ ଶୁଭ କିପାଁ ଆଲୋକେ ସୁନ୍ଦର ?
କାନ୍ଦେ କିପାଁ କହ ନୀରବେ ଯାମିନୀ ?
ବରଷାଏ ଅଶ୍ରୁ କିପାଁ ଜଳଧର ?
ଝଟକି ଉଠଇ କିପାଁ ସୌଦାମିନୀ ?

( ୨ )

ବେନି ପକ୍ଷରେ ଜଡ଼ିତ ନିମୃତ
ଏକ କାନ୍ଦେ, ଅନ୍ୟ ହସଇ ଉଲ୍ଲାସେ;
ଏକ ଦଂଶନରେ ଆନନ୍ଦ ବ୍ୟକତ,
ଅନ୍ୟ ସୂତେ ଦୁଃଖ ଘର୍ଷ ହତାଶ୍ୱାସେ !

( ୩ )

କାନ୍ଦେ ଜଣେ ଦୁଃଖେ, ହସଇ ଆନେକ
ଜେନ ପ୍ରାଣ ହେଣୁ ବନ୍ଧୁ ପାଶେ ପାଶେ,
କାନ୍ଦଇ ଜଣେ ଦୁଃଖୀ, ହସଏ କେତେକ—
ଭୂଜି ପାଉଁଜିଣ ନିଜ ଉଚ୍ଛ୍ୱାସେ ।

( ୪ )

ବିଧାତାର ଏକେ ଗୂଢ଼ ଅଭିପ୍ରାୟ,
ସୁଖ ଦୁଃଖ ତେଣୁ ପାଖ ପାଖ ରଖି,
ପାଖ ପାଖ ଦିବା ବିଭାବରୀ ପ୍ରାୟ
ଦ୍ରବିଛ ବେଦନାର ନିଅନ୍ତ ପରଶି ।

## କୁସୁମ ।

୧— କୁସୁମ କୁଞ୍ଜ-କାନନେ ମୋହର ଫୁଟିଛି ଗୋ ଫୁଲ ଫୁଟିଛି,
ଚନ୍ଦ୍ରିକିରଣରେ, ପଞ୍ଚଶର, ଆଖି ମେଲି ହସି ଉଠିଛି,
ଶୁଷ୍କ ହୃଦୟ ସୁପ୍ତ ବେଦନା ଗନ୍ଧେ ମଦ୍ଧିକ ଉଠୁଛି,
ଆକୁଳ ଅନ୍ତର ଅଶ୍ରୁଶିଶିର-ଧାରା ଧରାତଳେ ଲୋଟୁଛି ।

୨— ମତ୍ତ ମଧୁପ ମଧୁ ଆହରଣେ, ଆସୁଅଛୁ ତେଣୁ ଯାଇଁ ଗୋ,
ବୁଲି ବୁଲି ଯାଏ ଚଞ୍ଚଳ ସମୀର ଆଦରେ ଅଧୀରେ ଛୁଇଁ ଗୋ,
ଘଟକ ପ୍ରକାଶ ସୁବାସ ଚନ୍ଦ୍ରଟ, ତେଣୁ ଏତେ ତୋର ଫୁଲଟି,
ଦେବତା ଶୀର୍ଷେ, ଆଦର ଲଭିଛ ସେ କାହିଁ ତାର ସମତୁଲଟି ।

୩— କ୍ଷୁଦ୍ର ପୁଷ୍ପର ଜୀବନେ ଭାବ ଦେଇ କାହିଁ ଅପମାନ ଲାଜ,
କ୍ଷୁଦ୍ର କୁସୁମ ସମ ଯାହ ତାର ଅଳ୍ପ ଗୁଣ ଶୋଭା ସାଜ,
କ୍ଷୁଦ୍ର କୁଟୀରେ କମଳ ପ୍ରଭାଗ୍ୟ ଫୁଟିତ ଉଠିବ ଦେଲେ,
ଲାଜ ଅପମାନ ଘୁଞ୍ଚିବ ଦେବତା-ଆସନ କରିବା ବେଳେ ।

ଅସେ ସିନା ମଧୁକର ଖୋଜି ପୁଷ୍ପରାଶି,
ଉଦେ ସିନା ଶଶଧର ଅନ୍ଧକାର ନାଶି,
ଗାଏ ସିନା ପରଭୃତ,
ମୁକୁଳ ଧରିଲେ ଚୂତ,

ଯେ ଯାହାର ସେ ତାହାର, ନାହିଁ ଏଥି ଅବଗୃର,
ମୋ' ମାନସ ଲୋଡ଼େ ଯାହା ନଦିଏ ସଂସାର,
ସେଥି ପାଇଁ କପାଁ ମୁହିଁ କାନ୍ଦେ ଅନିବାର ।
ଖୋଜି ମୁଁ ଆଣିବି ତାହା, ନିଜେ କରି ନିଜ ସହା,
ମୁକ୍ତ ସକଳଙ୍କ ହେତୁ ଅମୃତ-ଭଣ୍ଡାର,
ନିଜେ ନ ଆଣିଲେ କେବେ ନଦେବ ସଂସାର ।

## ସ୍ୱପ୍ନ ।

ପ୍ରଥମ ଜୀବନେ ମେଲିଲି ଲୋଚନ,
ଦେଖିଲି ଯେ ଶୋଭା ବଳିଲା ବଚନ ।
ସମସ୍ତ ଜଗତ ପୁଣ୍ୟ ପ୍ରେମେ ଭରା,
ନାହିଁ କାହିଁ ଦୁଃଖ ଶୋକ ମୃତ୍ୟୁଜରା ।
ସକଳ ସୁନ୍ଦର ମଧୁର ରଚନା,
କରେ ଚରାଚର ବିଭୁ ଅରଚନା ।
ବସୁନ୍ଧରେ ମଗନ ଦେଖିଲି ଉତ୍ସବେ,
ସ୍ୱରଗ ଶୋଭଇ ଅବନୀରେ ସବେ ।
ଆଜି କେଣେ ମେଲି ଦେଖୁଛି ସଂସାର,
ଗୃହ ଆଡ଼େ ମୃତ୍ୟୁ, ଶୋକ ହାହାକାର ।
ଦେଖୁଥିଲି କିବା ଜାଗ୍ରତ ସ୍ୱପନ,
ଅଜ୍ଞାନେ ମୁଁ ତେବେ ମଜ୍ଜାଇଣ ମନ ।
ପ୍ରେମ ସଜଫୁଲ ସୁବାସରେ ଭରା,
ସ୍ୱାର୍ଥ କଣ୍ଟ କିନ୍ତୁ ନଷ୍ଟ କରେ ଭରା ।
ସୁବର୍ଣ୍ଣ ସମାନ କରେ ଝକ ଝକ
ନୀଳ ନୀରଦରେ ଚପଳା ଚମକ ।
ମୁକ୍ତା ନୁହେ କିନ୍ତୁ ଶିଶିର କଣିକା,

ଚଉଦିଗେ ଦେଖ ନର ଅନ୍ଧମିକା ।
ଭାବୁଥିଲି ଯାହା ଦେବତ୍ୱ ମହତ୍ତ୍ୱ,
ବୁଝିଲି ବୁଝିଲି ଆଜ ସବୁ ତତ୍ତ୍ୱ ।
ଉପରେ ସୁନ୍ଦର ମହାକାଳ ଫଳ
ବୁଝିଲି ଆଜ ମୁଁ ଢାଳ ନେତ୍ରଜଳ ।
ଆହା କାହିଁ ସେହି ଶାନ୍ତିର ସ୍ୱପନ,
କ୍ଷଣକରେ ଅଛି ହୋଇଲା ଭଞ୍ଜନ ।

## ଆଶା ।

୧

ଦେଖିଥିଲି ଯେବେ ସ୍ୱପନେ ତା' ମୁଖ
ଅଚେତ ଅବଶ ତଥାପି କି ସୁଖ !
ନଥିଲାତ ଜ୍ଞାନ ନଥିଲା ଚେତନା,
ଅନ୍ତରେତ ପୂରିଥିଲା ମୋ' କଳ୍ପନା ।
ମୁଦିତ ନୟନେ ଛାଡ଼ି ଭବଦେଶ,
ବିହରୁଥିଲି କି ଅନ୍ତର ପ୍ରଦେଶ;
ଚାରିଆଡ଼େ ଯେବେ ଫୁଟିଥିଲା ଫୁଲ,
କରିଥିଲା ଗୃହ ନଭଃ କି ଉଜ୍ଜ୍ୱଳ ।
ଝୁଲୁ ଝୁଲୁ ଯେବେ ବହୁଥିଲା ବାତ,
ପ୍ରାଣକୁ ଅକୁଳ ସେ କରୁଥିଲାତ ।
ଏକ ସଙ୍ଗେ ପକ୍ଷୀ ଲଳିତ ତାନରେ,
ଶତ ଶତ ବୀଣା ମୋହନ ଲହରେ,
ବାଜି ଉଠୁଥିଲେ ଗମ୍ଭୀରେ ମଧୁରେ,
ଶୁଣୁଥିଲି ପଡ଼ି ରହି ଦୂରେ ଦୂରେ,

ଫୁଲ କୁଞ୍ଜବନେ ଗୁଞ୍ଜନ ଛଳାରେ
ବୁଲୁଥିଲି ଯଉ ପ୍ରେମ ପିପାସାରେ ।

୨

ସ୍ବପନେ ଅଦାଇଁ ଦେଖିଲି କା' ମୁଖ,
ଝରେଉ ଅଜସ୍ର ତଥାପି କି ସୁଖ !
ଶତ ଶତ ଫୁଲ ଫୁଟି ଉଠିଲେ କି,
ସହସା କୋକିଳ କୁହୁ ଡାକିଲେକି,
ସହସା ବସନ୍ତ ଆସିଲା କି ମାତି,
ଶୀତ ଜଗ ସତେ ଅଙ୍ଗ ଗଳଗ୍ରନ୍ଥି,
ଫୁଲ ପରିମଳ ବହି ଦେଲା କି ଏ,
ଚହଟି ଗଲା ତା' ବାଟେ ଦେଶେ ଦେଶେ !
ମିଶିଲା ଆସି ତା' ପ୍ରାଣରେ ମୋହର
ଅନ୍ଧ ଅଜ୍ଞାନତା ଦେଲା ଦୂରକରି ।
ଜଳଦ ଉଷ୍ମ ମମ କଳେବରେ
ଦେଲା ନବବଳ ଧୃତ ହୃଦୟରେ ।
ମାନସ ନୟନେ ଅନାଇ ମୁଁ ଦେଖେ,
ଦେଖି ବାରମ୍ବାର ତଥାପି ନଦେଖେ,
କି ସୁନ୍ଦର ରୂପ, କି ସୁନ୍ଦର ବେଶ,
ସତେ କି ସେ ଦେବବାଳା ଅଶରୀରୀ,
ସ୍ବର୍ଗୁଁ ଓହ୍ଲାଇ ଆସିଛି କି ସେଥୁ,
ଜଗ ପ୍ରେମ ବାର୍ତ୍ତା ନରଲୋକେ ନେଇ,
ଶାନ୍ତି, କ୍ଷେମ, ଦୟା, ପବିତ୍ରତା, ସ୍ନେହ,
ଏ ଆଦି ଯେଉଁ କି ଗଠିତ ତା ଦେହ,
ଶତ ଶତ ଫୁଲ ମେଦୁର, ମଞ୍ଜୁଳ,
ଅପୂର୍ବ କୌଶଳେ ଏକାଧାରେ ଠୁଳ,
ମଧୁର, ଲଳିତ ସୁଷମା-ବିଭବେ
ଘଟେଇ, ବର୍ଣ୍ଣିବ ନାହିଁ କାହିଁ ଲବେ ।

### ୩

ସ୍ୱପନେ ଅନାଇଁ ଦେଖିଲି ସେ ମୁଖ,
ଅଚେତ ଅବଶ ତଥାପି କି ସୁଖ !
କି ମୋହନ ଶକ୍ତି ପୂର୍ଣ୍ଣ ପ୍ରତିଅଙ୍ଗ,
ବହି ଯାଉଥିଲା ସୌନ୍ଦର୍ଯ୍ୟ ତରଙ୍ଗ ।
ସେ ତରଙ୍ଗେ ଆତ୍ମା ବହିଗଲା ପରା,
ଏକାବେଳେ ଛୁଟି ଗଲା ମର୍ତ୍ତ୍ୟ ଧରା ।
କାହିଁ ମୁଁ ଭୁଲିଲି ନୟନ ପଲକେ
ଶତ ଶତ ବର୍ଷେ ଏକା ନିମିଷକେ ।
ନିଜକୁ ପାସୋରି କରିଲି ମୁଁ ପ୍ରେମ,
ଲଭିଲି କି ପ୍ରାଣେ ଶାନ୍ତି ପୁଣ୍ୟ କ୍ଷେମ ।
କୋଟି ଚନ୍ଦ୍ର ସୂର୍ଯ୍ୟ ଆଲୋକ ମଣ୍ଡିତା,
କୋଟି ଫୁଲ ପରିମଳ ସୁବାସିତା,
କୋମଳ, ଲଳିତ, ରୁଚିର, ମଧୁର,
ଶାନ୍ତ ସୌମ୍ୟ ସ୍ନିଗ୍ଧ କରୁଣ ବିଧୁର
ଦୂରେ ଦୂରେ ରହି ଦେଖିଲି ତା' ମୁଖ
ଅବଶ ବିମୁଗ୍ଧ ତଥାପି କି ସୁଖ ।
ସହସା ଗୁହିଁଲା ବଦନ ଉଠାଇ,
ସହସା ହୃଦୟ ଦେଲା କି ଫିଟାଇ,
ଭୂଇଁ ଚାହିଁ ମୁଁ ତ ରହିଲି ଅନାଇ,
କି କହିବ କଥା ମୁଖେ ଆସେ ନାହିଁ ।
ଅନ୍ତରେ ଆକୁଳ ନ ଫୁଟଇ ବାଣୀ,
କମ୍ପିତ ସରମେ ନେତ୍ରୁ ବହେ ପାଣି,
ତଥାପି ତା' ପ୍ରାଣେ ପ୍ରାଣ ଗଲା ମିଶି
କି ମୋହନ ମନ୍ତ୍ରେ ନେଲା ଆକରଷି
ଚନ୍ଦ୍ରକାନ୍ତ ଯେସନ୍ତେ ହେଲା ପରବଶ
ହୃଦୟ ସଙ୍ଗେ କି ମିଳିଲା ହୃଦୟ ।

ଦେହ ମୁକ୍ତ ଆତ୍ମା ମିଶିଲା ତା' ସଙ୍ଗେ
ବିଜୁଳି ମିଶିଲା ଅବା ମେଘ ଅଙ୍ଗେ,
ଚନ୍ଦ୍ରିମା ମିଶଇ ଯଥା ପାରାବାରେ,
ଲୋତକ ମିଶଇ ଯଥା ହାହାକାରେ,
ଘ୍ରାଣୋତ୍ଥାନ ସତେ ମିଶିଲା ପବନେ,
ମିଶିଲି ତା ସଙ୍ଗେ ହୃଦୟେ ଗୋପନେ ।
କ୍ଷଣକେ ସହସା ଏ କି ମୋ' କରଣୀ !
କାହୁଁ ଆସିଲା ଏ ହୃଦୟ ପ୍ରେରଣୀ ।

ନ କହୁଣୁ ମୋର ହରି ନେଲା ମନ
ମନା କରିବାକୁ ନ ଫୁଟେ ବଚନ ।
କେଉଁ ଦୂରଦେଶେ ଥିଲାତ ସୁନ୍ଦରୀ,
କାହୁଁ ଆସିଲା ସେ ପରୀ ବେଶ ଧରି !

ଜାଣି ମୁଁ ପାରିଲି ନାହିଁ ତତକ୍ଷଣେ
ମୋହିନୀ ମନ୍ତ୍ରର ମାୟା ସେ କି ଜାଣେ ।
ସତେ କି ମୋହିନୀ ଲଗାଇ ଲୋଚନେ
ପ୍ରେମ ରଶି ହୃଦେ ଢାଳିଲା ବହନେ ।
ହୃଦେ ଅଙ୍କି ଦେଲା ତା' ଶୋଭା ବିଚିତ୍ର
ହୃଦୟ ମନ୍ଦିର କଲା କି ପବିତ୍ର ।
ସହସା ଅନ୍ଧାର ବିଜୁଳୀ ଆଲୋକେ
ଘୁଞ୍ଚିଗଲା ପରି ନୟନ ପଲକେ ।

କ୍ଷଣପ୍ରଭା ନୁହେ ସ୍ଥିର ସୌଦାମିନୀ,
ତା' ଆଲୋକ ଶତ ଘଟାଲୋକ ଜିଣି ।
ହୃଦୟର ମରୁ ପ୍ରାନ୍ତର ଉରସେ
ପ୍ରେମ ମନ୍ଦାକିନୀ ବହିଲା ହରଷେ ।
ଫୁଟିଲା କି ଫୁଲ ବୃନ୍ତେ ତରୁ ଅଙ୍ଗେ
ମାନସ କାନନ ଶୋଭିଲା ସୁରଙ୍ଗେ ।

ସବୁ ସୁଖ ମୋର ହୋଇଲା ସମ୍ପୂର୍ତ୍ତି
ଆନନ୍ଦେ ଆବେଗେ ହୃଦ ହେଲା ପୂର୍ତ୍ତି ।

୪

ସ୍ୱପନେ ଅନାଇ ଦେଖିଲି ସେ ମୁଖ,
ଅଚେତ ଅବଶ ତଥାପି କି ସୁଖ !
ଥରତ ଉଠିଲି ପ୍ରେମ ଆବେଶରେ
ମନେ ହେଲା ଭୁଜବଲ୍ଲରୀ ପାଶରେ,
ବାନ୍ଧନ୍ତି ଆଣି ସେ ଅପୂର୍ବ ମୂରତି,
ଅଶାନ୍ତ କ୍ଷଣକେ ହୃଦୟର ଗତି,
ନିବିଡ଼ ଚୁମ୍ବନେ ଅଧର ପରଶି,
ପ୍ରେମସୁଧା ମୋର ଦିଅନ୍ତି ବରଷି;
ନୟନେ ନୟନ ସ୍ଥାପି ଅନମେଷେ
ଚୁହୁଁଥାନ୍ତି ମୁଖ ପୁଲକେ ଆବେଶେ ।
ମନକଥା ମନେ ରହିଲା ମୋହର
ଫିଟାଇ ପାରିନାହିଁ ଓଷ୍ଠାଧର ।
ମାନସ ନୟନେ ଅନାଇ ମୁଁ ଦେଖେ
ଅତୃପ୍ତ ବାସନା, ଆକୁଳ ହରେଖେ ।
ଦେଖୁଥିଲି ଚାହିଁ ସ୍ୱପନରେ ପଶି
ସହସା ଉଭେଇଗଲା ସେ ଅପ୍ସରୀ !
ସହସା ଅନ୍ଧାର ଆସିଲା କି ମାଡ଼ି,
ସହସା ଅଙ୍ଗୁ କି ଟଳିଗଲା ଗୁଡ଼ି,
ଚାହିଁଲି ତଳକୁ ଚାହିଁଲି ଉପରେ,
ଦେଖିଲି ଏ ବିଶ୍ୱ ପୂର୍ତ୍ତି ତା’ ରୂପରେ,
ଦେଖିଲି ଆକାଶ ନୀଳିମା ବର୍ଣ୍ଣରେ,
ଦେଖିଲି ତପନ ଚନ୍ଦ୍ର ତାରକାରେ,
ଦେଖିଲି ଅମ୍ବୁଧି ଫେନିଳ ଭଙ୍ଗେ
ତା’ ରୂପ ମିଶିଛି ତରଙ୍ଗ ତରଙ୍ଗେ ।

ଦେଖିଲି କୁସୁମ ହସିତ ଆନନେ
ମୃଦୁ ମୃଦୁ ହସେ, ବାହିତ ପବନେ
ତା’ ଦେହ ସୁବାସ ବହୁଅଛି ଭରି,
ପ୍ରକୃତ ଶରୀରେ ତା’ ରୂପଲହରୀ
ଖେଳୁଛି, ବୁଲୁଛି, ଯାଉଅଛି ଖସି,
ଦେଖିଲି, ଭାବିଲି ଚନ୍ଦ୍ରାଦକା ନାଶି ।

୫

ସ୍ୱପନେ ଅନାଇଁ ଦେଖିଲି ତା’ ଶିରି
ବିଶ୍ୱ ସ୍ତରେସ୍ତରେ ପଡ଼ୁଅଛି ଝରି ।
ଯେଉଁ ଆଡ଼େ ଚାହେଁ ସେତ ବସନ୍ତ
ଦେଖି ଦେଖି ପ୍ରାଣ ହୋଇଲା ମୋହିତ ।
କିଏସେ ସୁନ୍ଦରୀ ସେ ଅପରିଚିତ
ଜାଣିବାଲାଗି ମୋ’ ହୃଦ ଉତ୍କଣ୍ଠିତ ।
ଭୂଇଁରେ ଲୋଟି ମୋ ନେତ୍ର, ବହେ ପାଣି
ସହସା ଆକାଶେ ହେଲା ଦୈବବାଣୀ ।
"ଆଶା" ନାମ ତାର ସେ ଆଶା ସୁନ୍ଦରୀ
ମାନବ ଅନ୍ତରେ ରହନ୍ତି ଅମରୀ ।"
"ଆଶା" ଆଶା ବୋଲି କଲି ମୁଁ ଆବୃତ୍ତି,
ନାଶିଲି ବାସନା ଶିଖିଲି ନିବୃତ୍ତି ।
ଆଶା ଆଶା ସେତ ରହନ୍ତୁ ଜୀବିତା,
ମୋ’ ହୃଦ ମନ୍ଦିରେ ନିତ ଉଗଜିତା ।
ନିତ ପ୍ରେମ ଫୁଲେ ପୂଜା କରେ ପଦ,
ଏ ଜଗତେ ଏକା ସେ ମୋର ସମ୍ପଦ ।
କି ଅଣିଛି ସଙ୍ଗେ କି ନେବି ମୁଁ ବନ୍ଧୁ
ତଥାପି ହୃଦୟେ ଅଛି ଆଶା ବିନ୍ଦୁ ।

ମୁଁ ମର୍ତ୍ତ୍ୟ ମାନବ ଆଗପଛ ମୋର,
କିଛୁ ଜଣାନାହିଁ ଅନ୍ଧକାର ଘୋର,
ତଥାପି ଆଶା ମୋ' ବହୁଛି ଜୀବନ,
କର୍ତ୍ତବ୍ୟ ମୋ' ପ୍ରାଣ କରି ଉତ୍ତେଜିତ ।
ଆଶା ସେତ ମୋର ହୃଦୟର ମାଳୀ,
ଆଶା ସେତ ମୋର ଜୀବନ ଶଙ୍ଖାଳୀ,
କରମେ, ବଚନେ, ଜୀବନେ ମୋହର
ଆଶାକୁ ନେଇ ମୁଁ କରୁଅଛି ଘର ।
ତା' ବିନା ଶୂନ୍ୟ ମୋ' ସମସ୍ତ ଜୀବନ,
ସେତ ଯେହ୍ନେ ଦେହେ ନିଃଶ୍ୱାସ ପବନ ।
ଯହିଁ ଯାଏ ତହିଁ ଆଶା ଯାଏ ସଙ୍ଗେ,
ଛାୟା ଯଥା ନିତ୍ୟ ଲାଗିଥାଏ ଅଙ୍ଗେ ।
ଆଶାକୁ ଧରି ମୁଁ ପରମ ବିଶ୍ୱାସେ
କାଳ କାଟୁଅଛି ଜଗତେ ଉଲ୍ଲାସେ ।
ଆଶା ନୁହେଁ କ୍ଷୁଦ୍ର ମର୍ତ୍ତ୍ୟର ମାନବୀ
ଆଶା ଦେବୀ, ଆଶା ପୂତ ପ୍ରେମଛବି ।
ତା' ରୂପ ସୁନ୍ଦର ଆହ୍ଲାଦେ ଜଡ଼ିତ
ହୃଦ ଅନ୍ତସ୍ଥଳେ ସେ ପରି ନିହିତ ।
ଆଶା ମହା ଶ୍ରେଷ୍ଠ ବିଧାତାର ଦାନ
ଆଶା ପୂର୍ଣ୍ଣ କରେ ହିନା ପ୍ରେମଜ୍ଞାନ ।
ସର୍ବଶ୍ରେଷ୍ଠ ସୁଖ ଆଶାତ ଜୀବନେ
ଆଶାବିନା ପ୍ରାଣ ବଞ୍ଚିବ କି କ୍ଷଣେ ।
ସେ ଅଶା ସୁନ୍ଦର ଚରଣ କମଳ
ମର୍ତ୍ତ୍ୟ ନିକେତନେ ମୋ' ପ୍ରିୟସମ୍ବଳ ।
ଆଶା ସେତ ମୋର ହୃଦୟର ରାଣୀ,
ବୃଥା ମୋ' ବର୍ଣ୍ଣନା ପରାଜିତ ବାଣୀ ।

ଦର୍ଶନେ ଆଲୋକ, ଶ୍ରବଣେ ସଙ୍ଗୀତ,
ଶୋକରେ ସାନ୍ତ୍ୱନା, ପ୍ରାଣପ୍ରିୟ ମିତ ।
ଆଶା ଯେତ ମୋର ପରାଣର ସାଥି,
ତାକୁ ଯେଣୁ ମୁଁ ତ ବଞ୍ଚେ ଦିନ ରାତି ।
ସ୍ୱପନରେ ଦେଖିଅଛି ଆଶାମୁଖ,
ସୁଖ କାହିଁ ଭବେ ସେହିତ ମୋ' ସୁଖ ।
ସୁଖ ସୁଖ ବୋଲି ଖୋଜି ଲୋଡ଼ି ବୁଲେ
ସୁଖ ନାହିଁ, ସୁଖ ଅଛି ଆଶାକୂଲେ ।
ଆଶାରେ ବାଜୁଛି ନତମର୍ମ ବୀଣା,
ଆଶା ପଦ ପ୍ରାନ୍ତେ ନତ ମୁହିଁ କଣା

## ଅଦ୍ଭୁତ ।

ଦୂରେ ସହକାର କୁଞ୍ଜେ ଶୁଣି ପିକତାନ
ମୋ' ମନ କୋକିଳ କପାଁ ଗାଇଉଠେ ଗାନ,
କାହିଁ ସେ କୋକିଳ ମାତ୍ର ଶୁଭେ କୁହୁତାନ,
ସେ କୁହୁତାନ କି ମୋର ଟାଣି ନିଏ ପ୍ରାଣ ।

ଶ୍ରବଣେ ବାଜଇ ସ୍ୱର,
ଭେଦି ହୃଦ ଅଭ୍ୟନ୍ତର,

ଉଚ୍ଛସି ଉଠଇ ଧୀରେ ଗୋପନେ, ସରମେ,
କରୁଣ ସଙ୍ଗୀତ ଧାର ମରମେ ମରମେ ।
କାହିଁ ସେ କାନନ କୁଞ୍ଜେ ଫୁଟିଛି ସୁମନ,
ସୁଧା ପରିମଳ ଧାର ବହାଇ ପବନ,
ପରଶି ହରଇ କପାଁ ଅନ୍ତର ସୁରଭି,
କ୍ଷଣକେ ମୋହିତ ଚିତ୍ତ ସ୍ନେହେ ଯାଏ ଦ୍ରବି ।

ତୁହି ମୁଁ ତୁହିଁ ତ ନାହିଁ
ଘଟେ ଏହା କାହିଁ ପାଇଁ,
ବହିଯାଏ ନଦୀ ଯଥା ସାଗର ସଦନେ,
ସେ ନଦୀ ସଙ୍ଗେ କି ବହେ ପ୍ରେମନଦୀ ମନେ ।
ସେ କେଉଁ ଅମୃତାର୍ଣ୍ଣବେ ମିଶିବା କାରଣ,
ଅନନ୍ତ ପ୍ରେମର ଧାର ବହେ ପ୍ରତିକ୍ଷଣ,
ଏଥୁଁ ବଳି କି ଅଦ୍ଭୁତ ଅଛି କିଛି ଭବେ
ତୁହି ମୁଁ ନଜାଣୁ ଯାହା ତୁହି ନାହିଁ ଲଭେ ।
ଦେଖି ଯାହା ନତଭ୍ରୂଲେ
ମୋ' ମୂରତି ଖୋଜିବୁଲେ
ବିମ୍ବିତ କା' ହୃଦସରେ ଚନ୍ଦ୍ରବିମ୍ବ ସରି,
କେ ଅଛି ଧରାରେ ମୋର ଗୁଣ ପ୍ରାଣେ ଧରି ।
କିପାଇଁ କମଳ ଫୁଟେ ପଙ୍କିଳ କାସାରେ
କିପାଇଁ ଶୀତଳ ସୁଧା ଜଡ଼ଇନ୍ଦୁ ଢାଳେ,
କିପାଇଁ କଣ୍ଟକ-ବନେ ଫୁଟେ କିଆଫୁଲ,
ଘୃର ଶାମୁକା ଗରଭେ ମୁକୁତା ମଞ୍ଜୁଳ,
ଲବଣାମ୍ବୁ ସିନ୍ଧୁଜଳ—
ତଳେ ରତନ ଉଜ୍ଜ୍ୱଳ,
କିପାଇଁ ଖଦ୍ୟୋତ ଅଙ୍ଗେ ଆଲୋକ ଝଲକ,
କିପାଇଁ ଝିଣିର ତମୋ ଗରଭେ ହୀରକ ।
ଛଳୁ ହେ ବିଚିତ୍ର ଭବ ଏ ଅଦ୍ଭୁତ ଲୀଳା
ପ୍ରୀତ ମହତ ଜେନର ମିଳନ ସାଧିଲା,
ଜଡ଼େ ଆତ୍ମା ସମାବେଶ,
ନରହୃଦେ ପରମେଶ,
ମାନବ-ମାନସେ କରି ଦେବତ୍ୱ ପ୍ରକାଶ
କ୍ଷୁଦ୍ର ନଚତାର ଯାହା ସାଧିଲା ବିନାଶ ।

ଏ ଆସ୍ୟ'ରେ ଥା'ଉ ତବ ସେ ପ୍ରେମ ଅମୃତ,
ମାତତ୍ୱ କ୍ଷୁଦ୍ରତ୍ୱ ନାଶି କରୁ ମୋତେ ପୂତ ।

## ଆଦର ।

ଅନ୍ଧାରେ ଆଲୋକେ          ଗୋଧୂଳି ମିଳନ୍ତି
ହୁଏ କି ମୋ' ହୃଦେ ନତ ।
ମୋ' ହୃଦେ ଉଦେ କି          ସଦା ଦିବାକର
ହୁଅଇ ଦିବସ ଗତ ।
ପୂର୍ଣ୍ଣିମାର ଚନ୍ଦ          ଉଦେ କି ସେ ନଭେ,
ଦେଖାଦିଏ ଅମାନିଶା,
ଅଶ୍ରୁ ଭାସ ତେଜ          ଫୁଟେ କି ଗରବେ,
ଉଲ୍ଲୂକେ ମଧୁର ମିଶା ।
ଦେଖେଁ ତ ଅନନ୍ତ          ମୋ ହୃଦୟ ରାଜ୍ୟ
ସ୍ୱାନ୍ତ ଯେନ କଣ୍ଟା ଯେଣ,
ଏ ସ୍ୱାଧୀନ ଜୀବ          କାବସେ କାନ୍ଦିଛି
ନରକଳେବର-କାରା ।
ଅସୀମେ, ସସୀମେ          ଏ ଶୁଭ ମିଳନ
ଅନନ୍ତରେ ଥାନ୍ତ ମିଶା,
ଜଡ଼ ଆତ୍ମାବେନ          ମିଳନେ ମଧୁରେ
ମିଳିଛନ୍ତି ଦିବାନିଶା,
ଚିର ପରାଧୀନ          ଆଉ କିଏ ଜନ୍ତୁ
ଭ୍ରମୁଥାଏ ଦେଶ ଦେଶ,
ଅନନ୍ତ ପଥରେ          ଅନନ୍ତ ଭ୍ରମଣ
ନାହିଁ କିଏ ଶାନ୍ତି ଲେଶ ।
ମୁଁ ମୋ'ହର କିଏ          ଖୋଜି ବୁଲୁଥାଏ
ମୋ' ସୌନ୍ଦର୍ଯ୍ୟ ଗୁଡ ଅଙ୍ଗ,

ବର୍ଣ୍ଣଯାସ କହିଁ ଖୋଜେ ମୋରସରୁ
ଲଭିଲେ ପରମାନନ୍ଦ—
ଜନମେ କହିଁଭ ମୋ’ହୃଦ ଭିତରେ
ମୁଁତ ବୁଝି ପାରେ ନାହିଁ,
ନିଜର ନିଜତ୍ୱ ଭୁଲି କହିଁ ଅନ୍ୟେ
ଆନନ୍ତକୁ ଥାଏ ଘୁଞ୍ଚି ।
ନିଜ ଶୋଭା ଶିଖ ନ ଦେଖି ନୟନ
ମୁଗ୍ଧ ଦେଖି ଆନ ଶୋଭା,
ଆନର ସୌନ୍ଦର୍ଯ୍ୟ ପିପାସୀ କହିଁ ମୁଁ
ଆନ ମୋର ମନ ଲୋଭା,
ନିଜର ଭିତରେ ଅଛି ଯେ ମାଧୁରୀ
ନ ବୁଝେ ତାହାର ସ୍ୱାଦ,
ଆନର ଲଳିତ ମାଧୁରୀ ପରଶେ
ଜନମାଏ ମହାହ୍ଲାଦ ।
ବୁଝି ପାରେ ନାହିଁ ଭିତରୁ ନିଜର
ଆନର ଦେବତ୍ୱ ଦେଖି,
ଆନର ମନ୍ଦିର ମୋହନ ମୂରତି
ହୃଦୟେ ଧରେଁ ମୁଁ ଲେଖି ।
ନିଜ ଅଙ୍ଗେ ଦେଖେଁ ଘୋର ମଳିନତା,
ଆନ ଅଙ୍ଗେ ଜ୍ୟୋତିଃରାଶି,
ନିଜ ମୁଖେ ଦେଖେ ଅମା ଅନ୍ଧକାର,
ଆନ ମୁଖେ ପୂର୍ଣ୍ଣ ଶଶୀ ।
ନିଜେ ସତେ ଯେସନ୍ତେ ପଥପ୍ରାନ୍ତ ତରୁ
ଆନ ଦରଫୁଟା ଫୁଲ,
ଆନର ମହତ୍ତ୍ୱ ଦେଖି ଏ ହୃଦୟ
ହୁଏ ନତ ଶ୍ରଦ୍ଧାକୁଳ ।

ଗରବିତ ନୋହି    ନିଜ ଗଉରବେ
ପ୍ରଶସ୍ତି ଆନର ଶୁଣି,
ନିଜଠାରୁ ବଡ଼    କହନ୍ତି ତାହାଙ୍କୁ
ହେଉଥାଏଁ ଗୁଣଗୁଣି ।
ନିଜ ମୁଖ ଯଦି    ଦେଖନ୍ତି ନୟନେ
ଦରପଣ, ଜଳ ବିନା,
ନିଜର ନିଜତ୍ୱ    ଯାଇଥାନ୍ତା ହଜି,
ନିଜେ ମୁଁ ନୁହନ୍ତି ଚିହ୍ନା ।
ବିଶ୍ୱର ଅସୀମ    ଜନପଥେ ସତେ
ହୋଇଥାନ୍ତି ଦିଶାହରା,
ସେଥିପାଇଁ ପ୍ରଭୁ    କଲେ କି ଏପରି
ଆନକୁ ଦେଖାଇ ପରା ।
ନିଜକୁ ଲୁଚାଇ    ନିଜ ମୂରତିଟି
ଆନରେ ଦେଖେ ମୁଁ ଯେବେ,
ସ୍ୱତଃ ସ୍ନେହାଦର    ଅର୍ଚ୍ଚନା ଆକାଂକ୍ଷା
ପରାଣରେ ଜାଗେ ତେବେ ।

## ଦେଖି ସୁଦ୍ଧା କିପାଁ ନ ଦେଖେ ନୟନ ।

୧

ତବରୂପ ରାଜେ ଭୁବନେ ଭୁବନେ
ଦେଖି ସୁଦ୍ଧା କିପାଁ ନ ଦେଖେ ନୟନେ,
କିପାଁ ଫିଟୁ ନାହିଁ ଏ ଅନ୍ଧ ଲୋଚନ
ଦେଖିବାକୁ ତବ ରୂପ ବିମୋହନ,

ନୀଳାଚଳ ମୂଳେ, ନୀଳ ନଭ ତଳେ,
ଶାନ୍ତ ହରଷୀର ସୁନୀଳ ସଲିଳେ,
କଳନନାଦିନୀ, ସୁନୀଳାଭଟିନୀ,
କଲ୍ଲୋଳିନୀ ଜଳ ଦରପଣ-କୋଳେ
ସଚେତ ଭୂମ୍ବର ମୂରତି ସୁନ୍ଦର,
ଦେଖି ସୁଦ୍ଧା କପାଁ ନ ଦେଖେ ନୟନ ।

୨

ତବ ମୁଖ ଜ୍ୟୋତିଃ ବିକାଶେ ଅରୁଣ
ପ୍ରସାରି ଭୁବନେ ବିମଳ କିରଣ,
ତବ ଦୃଷ୍ଟି ତାତ ! ଏଡ଼େ ସେ ସୁନ୍ଦର !
ହୋଇଥିବ ତୁମ୍ଭେ କେତେକେ ଭସ୍ୱର !
ସେ ବିଶାଳ ବକ୍ଷ, ହେମୋଜ୍ଜ୍ୱଳ ଆସ୍ୟ,
ଦେଖି ସୁଦ୍ଧା କପାଁ ନ ଦେଖେ ନୟନ ।

୩

ତିମିର ବସନା ଶାନ୍ତ ବିଭାବରୀ,
ତବ ଶାନ୍ତ ଛବି ଗର୍ଭରେ ପ୍ରଚ୍ଛୁର,
ହସଇ ମଧୁରେ ତାରା ହାସଚ୍ଛଳେ,
ତବ ନେତ୍ରେ କିବା ସେ ଜ୍ୟୋତି ଉଜ୍ଜ୍ୱଳେ,
ମଧୁରେ ଉଜ୍ଜ୍ୱଳେ ଶାନ୍ତ ସମାବେଶ,
ଦେଖି ସୁଦ୍ଧା କପାଁ ନ ଦେଖେ ନୟନ ।

୪

ଦିଗନ୍ତ ପ୍ରସାର ଅନନ୍ତ ଅମ୍ବର,
ତା'କୋଳେ ଉଜ୍ଜ୍ୱଳେ ପୂର୍ଣ୍ଣ ଶଶଧର ।
କି ଶୋଭା ମୋହନ ! କି ସୁଧା ବର୍ଷଣ,
ଥରେ ଦେଖିଲେତ ନ ମେଣ୍ଟେ ଦର୍ଶନ,

ସେହ୍ନିକ ଭୂମ୍ବର ପୂର୍ଣ୍ଣ ମୂର୍ତ୍ତିଛବି,
( ଆହା ) ଦେଖିସୁଦ୍ଧା କପାଁ ନ ଦେଖେ ନୟନ ।

୫

ଧୀରେଧୀରେ ଯେବେ ମାରୁତ ମୃଦୁଳ,
କାନନେ ସଞ୍ଚରେ                ପୁଷ୍ପଗନ୍ଧ ହରେ,
ପୁଲକେ ଚଞ୍ଚଳ ପରାଣ ଆକୁଳ,
ଦେହ ସୁବାସ କି ଥାଏ ତହିଁ ଭରି,
ଆହା ଦେଖି ସୁଦ୍ଧା କପାଁ ନ ଦେଖେ ନୟନ ।

୬

ବିଜନ ଗହନେ,                ପୁଷ୍ପକୁଞ୍ଜବନେ,
ଶ୍ୟାମଳ ପ୍ରାନ୍ତରେ, ସରସୀ ବଦନେ
ହସେ ଯେଉଁ ଚାରୁ ସୁରଭି ସୁମନ,
ସେହ୍ନି କି ଭୂମ୍ବର ହାସ ଅନୁପମ,
କି ପରାଣ ହାସି !                କି ଶୋଭା ମଧୁରି !
( ନାଥ ) ଦେଖି ସୁଦ୍ଧା କପାଁ ନ ଦେଖେ ନୟନ ।

୭

ସୂର୍ଯ୍ୟ ପ୍ରଭା ମୁଖେ                ଝଲସେ ସମ୍ମୁଖେ
ଚନ୍ଦ୍ର ଗାଢ ମେଘଧନୁ ମନୋହର,
ଯବେ ଶଇଶବେ ଯାହା ଦେଖି ଚାଉ
ସ୍ୱରଗ ସୋପାନ ସେହ୍ନି କି ମରତେ,
ଛନ୍ଦମାତ ଯବ ଏଡ଼େ ସେ ସୁନ୍ଦର,
ହୋଇଥିବ ଭୂମ୍ବେ                କନ୍ଦର ଘର !
ଦେଖି ସୁଦ୍ଧା କପାଁ ନ ଦେଖେ ନୟନ ।

୮

କି ଅସୀମ ଜ୍ଞାନେ ଜଗତ ରଚନା
କରିଅଛ ପ୍ରଭୁ ତୁମ୍ଭଙ୍କୁ ତା' ଜଣା,
କି କୌଶଳ କଳା ସ୍ୱଭାବେ ପୂରିତ
ଭାବିଲେ **ଅବଶ** ବିମୁଗ୍ଧ ଏ ଚିତ୍ତ,
ଗୂଢ଼ ବିଜ୍ଞାନର ନୀରସ ମନ୍ଦିର,
ଊର୍ଦ୍ଧ୍ୱେ ଉଠେ ଆତ୍ମା ଆନନ୍ଦ-ଅଧୀର,
ଭାବେ ମୂର୍ଖ ଅନ୍ଧ, ଅଜ୍ଞାନ ମାନବ,
ଆହା ଦେଖି ସୁଦ୍ଧା ମୋର ନ ଦେଖେ ନୟନ !

୯

ଯେବେ ପଡ଼େ କେଶ ଏ ତନୁ ଶୋଭରେ,
ବିମୁଗ୍ଧ ଚକିତ ହୃଦୟ ମୋହର,
କି କୌଶଳ-କଳା ପୂର୍ଣ୍ଣ ମହିମାରେ
ଧାତ୍ରୀ ପ୍ରତି ଅଙ୍ଗେ ତବ ଅଙ୍ଗୁଳିର ।
( ଏତେ ) ଦେଖି ସୁଦ୍ଧା କିଆଁ ନ ଦେଖେ ନୟନ !

୧୦

ବିଶ୍ୱ ଚରାଚର କରଇ ପ୍ରଚୁର
ଜ୍ଞାନାତୀତ ତବ ଆଶ୍ଚର୍ଯ୍ୟ ବିଭବ
କି କ୍ଷୁଦ୍ର ମାନବ କରେ ଅସ୍ୱୀକାର
ବିଶ୍ୱସ୍ରଷ୍ଟା କେହୁ ନାହିଁ ଭବ ଭବ !
ଏଥିକି ଅପାର ଜ୍ଞାନର ପ୍ରଭବ !
( ନାଥ ) ଦେଖି ସୁଦ୍ଧା ଅନ୍ଧ ନ ଦେଖେ ନୟନ !

୧୧

ଦିଅ ଜ୍ଞାନ ପ୍ରଭୁ ମାଗେ ଶ୍ରୀଚରଣେ
ତବ ଧ୍ୟାନେ ଯେହ୍ନେ ଯିବଏ ଦସଣ,

ପରହିତ ବ୍ରତ ସାଧିଣ ଜୀବନେ
ଲଭିବ ଶାଶ୍ୱତ ଅନନ୍ତ କଲ୍ୟାଣ,
ଫିଟିବ ଲୋଚନ ମୋର
ସଦା—ତବରୂପ ଯେଉଣ୍ଣେ ଦେଖିବ ନୟନ ।

## ପ୍ରଭାତ

ଧୀରେ ଧୀରେ ବହେ ପବନ ତରୁ ପତ୍ର କମ୍ପିତ
ଧୀରେ ଧୀରେ ଝରେ ଶିଶିର ସ୍ୱଚ୍ଛ ମୁକ୍ତା ନିନ୍ଦିତ,
ଧୀରେ ଧୀରେ ଉଇଁ ଆସିଲା ନଭେ ଅମଳ ରବି
ପୂର୍ବାଶା ସିନ୍ଦୁର ପଟେକ ରମ୍ୟ ସୁବର୍ଣ୍ଣ ଛବି ।
ଅଥବା ପୂର୍ବାଶା ସୁନ୍ଦରୀ ଭାଲେ ସିନ୍ଦୂର ବିନ୍ଦୁ
ପ୍ରବାଳର ସ୍ତରେ ଅଥବା ଚନ୍ଦ୍ର ସୁନୀଳ ସିନ୍ଧୁ ।
ଅନ୍ଧାର ଆଲୋକ ବେନିର ଶୁଭ ମିଳନ କାଳେ
ମ୍ଳାନ ଆସି ହସି ଗଲାଣି ଶୁକ୍ର ତୃଷ୍ଣାଟୀ ଭାଲେ ।
ମ୍ଳାନ କ୍ଷୀଣ ରେଖା ପରାଏ ଲୁଚି ଗଲାଣି ଶଶି
ତମଃ ଯବନିକା ଅମ୍ବରୁ କ୍ରମେ ଗଲାଣି ଖସି ।
ତାର ପଛପଟୁଁ ସ୍ଫୁରଇ ରମ୍ୟ ଦିବା ଆଲୋକ
ରଞ୍ଜି ଜଳସ୍ଥଳ ଉଜ୍ଜ୍ୱଳି ହେମ କରେ ଦ୍ୟୁଲୋକ ।
ଅବା ସେ ଆକାଶ କୋଣରେ ପ୍ରାଚୀ ଅଙ୍ଗନା ଧନ
ସଜାଉଛନ୍ତି ପୂଜା ସମ୍ଭାର, ମୋହକର ଅବମା ।
ରବି ହେମ ଥାଳ ଯେମନ୍ତ ଅର୍ଘ୍ୟ ରଖିଛନ୍ତି ସଜ୍ଜି
ଅମୃତ ଉଦକ ପରାଏ ହିମ ଦେଉଛନ୍ତି ଭଜି ।

ଫୁଲେ ଫୁଲେ ଢାଳି ଅମୃତ ଫିଟିଲାଣି ପାଖୁଡ଼ା
ସୁବାସ ସଞ୍ଚରେ ସମୀରେ; ସତେ ବାନ୍ଧିଛି ଜୁଡ଼ା ।

ଧନ୍ୟଧନ ଅତି ସକାଳୁ କରି ଅତି ଯତନ,
ଖସିପଡେ ଫୁଲ ଗଛରୁ ପରଶିଲେ ପବନ ।

ବହୁ ନେଇ ପଡ଼ି ରହନ୍ତି ତରୁତଳେ ଶେଫାଳୀ
ବାହାରଟା ସବୁ ଧବଳ ପଛ ପଗଟା ଲାଲି ।

ସରମେ ଝରି ସେ ପଡନ୍ତି ଦବା ଲୋକ ପରଶେ
ସ୍ପୃଷ୍ଟ ନୋହେ ଭୋଗ ବିଳାସ ବ୍ୟସନର ସକାଶେ ।

ତାପୀ ନୀଳଜଳ ଉଜ୍ଜ୍ୱଳ ଫୁଟିଲେଣି କମଳ
ମକରନ୍ଦ ସ୍ଫୁରି ଆକର୍ଷି ଆଣେ ମିଳନ୍ଦ ଦଳ ।

ଗୁଣ ଯାହାଠାରେ ତାଂହାଂକୁ ସର୍ବେ କର ଆଦର
ସ୍ଥାପନ କରନ୍ତି ନେଇ ସେ ନିଜ ଉଚ୍ଚ ଶିଖର ।

ଗୁଣ ଯାହାଠାରେ ତାହାଠି ସର୍ବେ ରସନ୍ତି ନକେ
ଲଭିଯାନ୍ତି ଅଳ ପରାଏ ତାର ମନୋବାଞ୍ଛେ ।

ଅତିରଙ୍ଗ ଅତି ସୁନ୍ଦର ଦୂରୁଁ ପଲାଶ ବନ
ତଥାପି ନତୋଷେ ତହିଁରେ କ୍ଷଣେ ଭ୍ରମର ମନ ।

ଗୁଣ ମଧୁ ବିନା ଆକର୍ଷେ ଶଠମାନସ ଅଳି
କେହି ନ ଲଭଇ ସମ୍ମାନ ବୃଥା କରିଲେ କଳି ।

ଧରିଲେଣି ଗାନ ପକ୍ଷୀଏ ବୈତାଳିକ ସମାନ
ପ୍ରଭାତ ବନ୍ଦନା ସତେକି ବିଭୁ ଅର୍ଚ୍ଚନା ଗାନ ।

ସେହି ସଙ୍ଗେ ମୋର ମାନସ ବିଭୁ ଉଦ୍ଦେଶେ ନମେ
ହେଉ ଶୁଭ ଯୋଗ ମନର ନିତି ଶୁଭ କରମେ ।

ଜୀବନ ପ୍ରଭାତେ ଯେସନ ନୋହି ଆଳସ୍ୟ ରତ
କରୁଥିବି ମୋର କର୍ତ୍ତବ୍ୟ ଦବା ନିଶି ନିରତ ।

## ଚନ୍ଦ୍ରା ।

ବିଶ୍ୱ ଯେବେ ନିଦ୍ରାମଗ୍ନ ଗଭୀର ନିଶୀଥେ
ଅନ୍ଧକାର ସମାବୃତ ସର୍ବ ଚରାଚର,
ଅନନ୍ତ ଆକାଶ ବକ୍ଷ ପ୍ରଶାନ୍ତ, ଉଜ୍ଜ୍ୱଳ,
ସୁଧା ଧବଳିତ କରି, ଜ୍ୟୋତ୍ସ୍ନା ବିଲେପନେ !
ଖଚିତ ଅନନ୍ତ ଶୁଭ୍ର ତାରକାର ଶ୍ରେଣୀ
ପ୍ରଶାନ୍ତ, ସୁନ୍ଦର, ନୀଳ ଅମ୍ବରର ତଳେ;
ସତେ ଅବା ଶତ ରତ୍ନ ଖଚିତ ଦୁକୂଳେ ।
ଅବା ଶତ ଦୀପ'ବଳୀ ଦେବତା ଉଦ୍ଦେଶେ
ପ୍ରଜ୍ୱଳିତ ଭକ୍ତିଭରେ, ଅବା ଶତଫୁଲ୍ଲ
ଫୁଟି ରହିଛନ୍ତି କି ନୀଳ ଜଳ ଉଦ୍ୟାନରେ ।
ଧୀରେ ବହେ ନୈଶ ବାୟୁ; ଶବ୍ଦହୀନ, ସୁପ୍ତ
ସମଗ୍ର ପ୍ରକୃତି; ମହାଦେବୀର ନିସ୍ତବ୍ଧତା
କାହାର ଆଦେଶ ପୂର୍ଣ୍ଣ ଅବଧାନ ଲାଗି
ବିରାଜିତ ଧରଣୀରେ; ଅବା ମୋହ ମନ୍ତ୍ର
ପଢ଼ାଇ କେ କରିଅଛି ଅବଶ ଅଚେତ
ସମସ୍ତଙ୍କୁ; ଏହିକାଳେ ସହସା ମୋହର
ଚେତନେ ଉଠିଲା ବାଜି ଭଗ୍ନ ହୃଦ-ବୀଣା
ପୁରାତନ ଛିନ୍ନ ତାର, ଆଶ୍ଚର୍ଯ୍ୟ ପରଶେ
ଲଳିତ କୋମଳ କାର ପୂତ ଅଙ୍ଗୁଳିର ।
ସହସା ଚମକି ମୁହିଁ ଉଠିଲି ଉଦ୍ବେଗେ,
ଶିହରି ଟଳିଠି ତନୁ, ଘନ ବହେଶ୍ୱାସ,
ନେମ ହୃତ, ସ୍ୱେଦ ସିକ୍ତ, ଅବା ଚତୁର୍ଦ୍ଧାମ
ଶୀଘ୍ରେ ବହି ଗଲା କି ମୋ ହୁର ।

ସହସା ଉନ୍ମିଳି ଆଖି ନ ଦେଖିଲି କିଛି,
ନ ଶୁଣିଲି କର୍ଣ୍ଣେ କିଛି, ବୁଝି ନ ପାରିଲି
ଅବଶ ଅଚେତ ପୁଣି ହୋଇଲି କ୍ଷଣକେ ।
ପୁଣିତ ଉଠିଲା ବାଜି ଗମ୍ଭୀର ଝଙ୍କାରେ
ହୃଦୟ ବିପଞ୍ଚୀ ତାନ, ବୁଝିଲି ଏଥର
କାହାର ଶବଦ ପରି ଶୁଭୁଛି ଅନ୍ତରେ ।
ସହସା ମୋହନ ମନ୍ତ୍ରେ ମୁଗ୍ଧ, ଅଚେତନ,

କଳ୍ପନା ଅଶାନ୍ତ ସୁଖେ ବୁଡ଼ିଗଲି ଅବା,
କ୍ଷଣକେ ନନ୍ଦନ ବନେ ପହଞ୍ଚିଲି ପରି,
ଶତ ୨ ପାରିଜାତ ଗନ୍ଧେ ଆକୁଳିତ,
ସୁରଭି- ମଳୟସ୍ପର୍ଶ ଶୀତଳ ପରଶ,
ସର୍ବଶ୍ରମ, କ୍ଲାନ୍ତି, ବ୍ୟଥା ଦୂର ସହସା
ଜନ୍ମାଇଲା ପ୍ରାଣେ ଯେହ୍ନେ ଅପୂର୍ବ ସାନ୍ତ୍ୱନା ।

ଅନୁଭବେ ବୁଝିଲି କି କାହା ଆବିର୍ଭାବ,
କେଉଁ ଦେବତାର ପରି ହୋଇଅଛି ପ୍ରାଣେ,
ନଚହ୍ନେ ତାହାକୁ କିନ୍ତୁ ଚହ୍ନଇ ସେ ମୋତେ,
ହେବ ପରି ବନ୍ଧୁ ମୋର, ଅବା ଦୟାମୟ
ଦେବଲୋକ ବାସୀ; ଦୟା ବହି ମର୍ତ୍ତ୍ୟ ନରେ-
ଆସିଅଛି ଧରଣୀକୁ, ପୋଛିଦେବ ପରି
ତପ୍ତ ଅଶ୍ରୁଧାର ମୋର ବହେ ଯା' ଗୋପନେ,
ପୋଛିଦେବ ପରି ମୋର ହୃଦୟର ଗାର,
ଶୁଖାଇ ଦେବ ବା ମୋର ହୃଦକ୍ଷତ ରାଶି,
ତୀକ୍ଷ୍ଣ ସ୍ୱାର୍ଥ ଖଡ୍ଗାଘାତେ ହୃଦୟ ପୀଡିତ;
ଯୋଡିଦେବ ପରି ମୋର ଭଗ୍ନ ଆଶା ତାର
ହୃଦୟର; ହୃଦୟରୁ ସୌଜନ୍ୟ ବର୍ଷା ବାରି
ସୁଶୀତଳ ବରଷାଇ, ହରଷାଇ କ୍ଷଣେ ।

ହରିତ କୁସୁମ ପଣ୍ତେ ସାଜି ହୃଦୟର
ଆଣିବ ଅମୃତ ରାଜ୍ୟ । ଅବା ବସନ୍ତର
ମଞ୍ଜୁଳ କୁସୁମ ରାଶି ସୁରଭି ମଳୟ,
କୋକିଳର କଳଗୀତ, ରସାଳ ବକୁଳ—
ପୁଞ୍ଜ-ମଞ୍ଜୁ ଗୁଞ୍ଜରଣ-ପ୍ରିୟମାଳ-ଅଳି
ଦଳ ଆସି ମଧୁସ୍ୱର ଲୁଟିଣ ହୃଦୟ
କୁସୁମିତ କୁଞ୍ଜବନେ, କରି ପ୍ରଫୁଲ୍ଲିତ
ନବୀନ ହୃଦୟ ଧର କରିବ ମୋହର ।
ଅ ଥବା ଶରତ-ନିଶା ଚନ୍ଦ୍ରମା-ଅମୃତ,
ତହିଁ ପୁଣି ଶେଫାଳିକା ଗନ୍ଧ ମନୋହର,
ତହିଁ ପୁଣି ପକ୍ୱଶାଳି ମିଷ୍ଟ ଗନ୍ଧରାଶି,
ଧୀର ପବନରେ ଆଣି ସଞ୍ଚାରିବ ହୃଦେ ।
କ୍ଷଣକେ ସକଳ ବ୍ୟଥା ଗଲା ମୋର ହରି,
ଚିନ୍ତା କବୁକରୁ କ୍ଷଣେ ଉଭାସିଲା ପରି
ଉଜ୍ଜ୍ୱଳ ମୋହନ ଚିତ୍ରପଟ ପରି ମୂର୍ତ୍ତି
ନୟନ ସମୀପେ ମୋର, ନପାରିଲି ସହିଁ
ତଥାପି ଦର୍ଶନ ଲୋଭ ବଢିଲା ଆକୁଳେ ।
ନିସ୍ତବ୍ଧତା ଭଙ୍ଗି କ୍ଷଣେ ଶୁଭିଲାକ ବାଣୀ,
"ମାନବ ଜୀବନ ନୁହେ ମାଟିର ଖେଳନା,"
"ନୁହେ ତାର ପରିଣାମ ଧୂଳି ହେବାପାଇଁ;"
"ନୁହେ ତାର କର୍ମ ଭବେ ଅସାର କାନ୍ଦଣା
"ନିତ ଶତ ରୋଗ, ଶୋକ, ଯାତନା ପୀଡିତ,
"ବହୁ କ୍ଲେଶ, ବହୁ କଷ୍ଟ, ଆଶ୍ୱାସ ବେଦନା—
"ବ୍ୟର୍ଥତା, ଦୁରାକାଂକ୍ଷା ଭଗ୍ନ ମନୋରଥ,
"ଶତଚେଷ୍ଟା ବିଫଳିତ, ନୈରାଶ୍ୟ ଅନ୍ଧାରେ
"ରହି ଚିର ନିମଜ୍ଜିତ, ମରିବ ସେ ପଚି ।
"ତଥାପି ନୋହିବ ଉଷା ଆଲୋକ ଦର୍ଶନ

"ତାହାର ହୃଦୟାକାଶେ ଆଶା ବଶ୍ୱସାର,
"ନୁହେ, ନୁହେ, କେଉଁ କାଳେ । ଶୁଣ ବଶ୍ୱବାସି !
ଗୋଲାପ-ମଲ୍ଲିକା-ବୃତ ନୁହେ ନରପଥ
"କର୍ତ୍ତବ୍ୟର, ସମାଚ୍ଛନ୍ନ ସୁତୀକ୍ଷ୍ଣ କଣ୍ଟକେ,
"ବନ୍ଧୁର, ସେ ଅପ୍ରଶସ୍ତ, ଘୋର ଅନ୍ଧକାର,
"ତଥାପି ସେ ଯେଉଁ ନର ସାହସୀ, ବଶ୍ୱାସୀ,
"ପ୍ରଭୁର ବମଳ ପୁଣ୍ୟ ଆଦେଶ-ଆଲୋକ
"ଧର ସେ କଠିନ ବର୍ତ୍ମ ହୋଇବ ହେ ପାର,
"ଗମ୍ଭୀର ଆକାଂକ୍ଷାହୃଦେ ଧରଣ ସୁଦୃଢେ,
"ଲକ୍ଷ ଜଣି ଭାଗ୍ୟବାନ ହେବ ସେ ଯଶସ୍ୱୀ
"ଇହ ପରକାଳେ ବେନ, ଅମର ଅକ୍ଷରେ
"ଉଜ୍ଜ୍ୱଳ ସୁବର୍ଣ୍ଣ ବର୍ଣ୍ଣେ ଲେଖିବ ତା' ନାମ
"ଦେଶ ଇତହାସ ଅଙ୍ଗେ, ଅବା ଶତ-ହୃଦ
"ଶତଦଳ ଆସନରେ ପାତବ ଅସନ ।"
ନସ୍ତବ୍ଧ ହୋଇଲା ସ୍ୱର, ହେଲା ଅନ୍ତର୍ହତ
ସେ ଦେବତା ମୂର୍ତ୍ତି କାହିଁ, ଭୁଟିଲା ମୋହନୀ,
ଅନାଇ ଦେଖିଲ ପୁନଃ ଅଛି ମୁଁ ଜଗତେ,
କନ୍ତୁ ପୁନଃପୁନଃ ହୃଦେ ଜାଗିଲା ମୋହର,
"ମାନବ ଜୀବନ ନୁହେ ଅସାର ଖେଳନା"

## ସ୍ନେହ ।

କହି ନପାରଇ କଥା ଅଉ କନ୍ତୁ
ଲଜ୍ଜା ପୂରତ ମରମେ,
ଚାଲି ନପାରଇ ଆଉ ପାଦେ ପଥ
ଚରଣ ଜଡ଼ତ ସରମେ ।
ଜୀବନର ଉଷା-ଶିଶିର-ବଧୌତ
ମୃଦୁକମଳସ୍ମ ପବନେ,

କାହିଁ ଶାନ୍ତ ଜ୍ୱାଳା ପୂରିତ ଅନ୍ତର,
ମର୍ମ ଦହୁଛୁ ଗୋପନେ ।
ନିଦାରୁଣ ଅଭିମାନ ରୋଷବହ୍ନି
କାନ୍ଦେ ବିଫଳ କାନ୍ଦଣା,
କେହି ନ ବୁଝେ ମୋ ଅନ୍ତର ଯାତନା
ବ୍ୟଙ୍ଗେ କରନ୍ତି ଛଳନା ।
କାହିଁ ଅନ୍ତର ନିଭୃତ ପ୍ରଦେଶେ
ତୀବ୍ର ପିପାସା ଅନଳ
ଜଳୁଛି ନିଭୃତ ବୁଝିପାରେନାହିଁ
କାନ୍ଦ କାନ୍ଦ ଚିତ୍ତ ବିକଳ ।
ମୁଁ ତ ଗୃହେଁ ଫୁଲ ପରିଏ ହସିବି
ଗାଇବି ଯେସନେ କୋକିଳ
ଧରିବି ସୁକାନ୍ତ ବସନ୍ତ ସୁଷମା
ସ୍ନିଗ୍ଧ ଯେସନ ସଲିଳ ।
ମୁଁ ତ ଗୃହେଁ ନଦୀ ପରିଏ ବହିବି
ଗମ୍ଭୀର ଯେସନ ସାଗର,
ଅସୀମ ବିସ୍ତାରେ ପୂରିବ ଅନ୍ତର
ଉଦାର ଯେସନ ଅମ୍ବର ।
ମୁଁ ତ ଗୃହେଁ ଧରା ପରିଏ ସହିବି
ଦୃପ୍ତ ଯେସନ ମିହିର
ମୁଁ ତ ଗୃହେଁ ପଦ୍ମପରିଏ ଫୁଟିବି
ଶୀତଳ ଯେସନ ଶିଶିର ।
ମୁଁ ତ ଗୃହେଁ ତାରା ଆଲୋକ ପରିଏ
ଜଳିବି ଅନ୍ଧାର ଉଜ୍ଜଳି,
କଳା ନବଘନ ପଟଳେ ଅଥବା
ଝଟକି ଯେସନ ବିଜୁଳି ।

ମୁଁ ତ ଗୃହେଁ ଗାଢ଼ ହେବ ତମଃ ସମ
ସ୍ତବ୍ଧ ଯେସନ ନିଃସୀମା,
ଅଥବା ବିମଳ ଶାରଦ ଗଗନେ
ସୌମ୍ୟ ଯେସନ ଚନ୍ଦ୍ରମା ।
ମୁଁ ତ ଗୃହେଁ ଅଦ୍ରି ପରାଏ ଉଠିବ
ଶକ୍ତ ଯେସନ ପାଷାଣ,
ମୁଁ ତ ଗୃହେଁ ବୃକ୍ଷ ପରାଏ ସହିବ
ରୌଦ୍ର ବରଷା ସମାନ ।
ମୁଁ ତ ଗୃହେଁ ହେବ ନୀରଦ ସମାନ
ବରଷି କରୁଣା ଆସାରେ,
ମୁଁ ତ ଗୃହେଁ ତୃଣ ପରାଏ ବରଜି
ଅକଞ୍ଚନ ହେବ ସଂସାରେ ।
କେତେ ପଥ ମୁହିଁ ବୁଲି ଆସିଅଛି
କଳ୍ପନା ହୁଏ ବଣାକ
ତଥାପି ଶିଖାଇ ନୋହିଲି ସମ୍ପୂର୍ଣ୍ଣ
ମୂର୍ଖମଧ୍ୟେ ମୁଁ ହି ଗଣା କି ?
ତଥାପି ମୋ ଦିନ ବହିଯାଏ ଯେନ
ଅନ୍ତରେ ବିଶ୍ୱାସ ହରଷେ
ଆଶା ଦୀପ ଜାଳି ଜୀବନ ଅନ୍ଧାରେ
କାଟଇ ଯାମିନୀ ଦିବସ ।

## ସ୍ତବ ।

ଦ୍ୟୁଲୋକ-ଭୂଲୋକ ପାଳକ ଶାସକ,
କଳୁଷ-କଳଙ୍କ-ନାଶକ-ପାବକ,
ନିଖିଳ-ରଚକ,
ତମିରେ ଆଲୋକ, ଶାନ୍ତି ବିଧାୟକ,
ନରକ ତାରକ ନାଥ ହେ ।
ହେ ପ୍ରେମମୟ ! ୧ ।

ଜଗତ-ଜୀବନ ଶାନ୍ତି ସରସୀଜ,
ଚର-ଚର ଜ୍ୟୋତିଃ ହୃଦରାଜ୍ୟ-ରାଜ,
ସତପଦକଞ୍ଜ
ଜପିବ ଜାଗତେ ଜପମାଳା ସମ
ଜୀବ ଯିବାଯାଏ ନାଥ ହେ ।
ହେ ପ୍ରେମମୟ ! ୨ ।

ଧରଣୀ କାରଣ ! ଧରଣୀ-ତାରଣ,
ଶୋକ ନିବାରଣ ଶାନ୍ତି ପ୍ରସ୍ରବଣ
ଦୁରିତ-ବାରଣ,
ପରମ ଶରଣ କରୁଣା କାରଣ,
ହୃଦୟ ହରଣ ନାଥ ହେ
ହେ ପ୍ରେମମୟ ! ୩ ।

ଅଶ୍ରୁତ, ଅଭୁତ, ଅମ୍ଳାନ ସେବିତ,
ଭବତାନ ପୂତ ନିତ୍ୟ. ସତ୍ୟ-ସୂତ,
ସତତ ଶୋଭିତ
ସ୍ୱରଗ ଶୋଭରେ,ସ୍ୱରଗ ସଭାରେ
ସତତ ପୂଜିତ ନାଥ ହେ ।
ହେ ପ୍ରେମମ ! ୪ ।

ଧର୍ମ୍ମ-ଧର ଦୈତ୍ୟ-ଦରପଦଳନ,
ସବେ ଦେବ-ଦଳେ ସନ୍ତୋଷ ସମାନ,
ବନ୍ଦନ, ନନ୍ଦନ,
ଦୟାରେ ଉଦ୍ଧାର ପାପେ ଦୟାକର,
ଦୁଷ୍ଟ ଦଣ୍ଡଧର ନାଥ ହେ ।
ହେ ପ୍ରେମମୟ । ୫ ।

ନଳିନ ଚରଣ ସୁମନୋମୋହନ,
କମଳ ଲୋଚନ ଭକ୍ତ ବିନୋଦନ,
ପ୍ରଭୁ ଭଗବାନ
ସତ୍ୟ ସନାତନ ଶାନ୍ତ ନିକେତନ
ପତିତପାବନ ନାଥ ହେ ।
ହେ ପ୍ରେମମୟ । ୬ ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

Printed by B. S. Das, Mukur Press, Cuttack.

## ଗ୍ରନ୍ଥକର୍ତ୍ତାଙ୍କର ଅନ୍ୟାନ୍ୟ ପୁସ୍ତକ ।

| | | | |
|---|---|---|---|
| ନଅବୁନ୍ଦି | ... | ... | ଟ ୦ ୭ |
| କାଳୀବୋଦ୍ଧ | ... | ... | ଟ ୦ ।/ |
| ଦରଶମଣି | ... | ... | ଟ ୦ ।/ |
| ଭ୍ରାନ୍ତି | ... | ... | ଟ ୦ ।୵ |
| ଜିଜ୍ଞାସ | ... | .. | ଟ ୦ ୫ |
| ଅତୃପ୍ତି | ... | ... | ଟ ୧ । |
| ଅର୍ଚ୍ଚନା | ... | ... | ଟ ୧ । |

ପ୍ରାପ୍ତି ସ୍ଥାନ :—

**କଟକ ଟ୍ରେଡିଂ କମ୍ପାନୀ ।**

ବକ୍ସିବଜାର, କଟକ ।

ଓ ଅନ୍ୟାନ୍ୟ ପୁସ୍ତକ ଦୋକାନ ।